୫) ଉପରୋକ୍ତ ନିର୍ଦ୍ଦେଶକୁ ପାଳନ କରିବା ସୁନିଶ୍ଚିତ କରି, ଲଲିତା କୁମାରୀ ସମ୍ପର୍କିତ ମାମଲାର ଶୁଣାଣି ତିନି ଜଣିଆ ଖଣ୍ଡପୀଠ ଦ୍ୱାରା ***ଲଲିତା କୁମାରୀ*** ବନାମ ***ଉତ୍ତର ପ୍ରଦେଶ ସରକାର ଏବଂ ଅନ୍ୟମାନେ*** (୨୦୧୨)୪ ଏସସିସି ୧ ମାମଲାରେ କରାଯାଇଥିଲା, ଯେଉଁଥିରେ, ଏହି ନ୍ୟାୟାଳୟ ଭାରତ ସଂଘ ସରକାର, ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ ଓକିଲଙ୍କୁ ଶୁଣିବା ପରେ ଏବଂ ସମସ୍ତ ବିରୋଧାତ୍ମକ ନିଷ୍ପତ୍ତିକୁ ବ୍ୟାପକ ଭାବେ ଧ୍ୟାନ ଦେବା ପରେ, ମାମଲାକୁ ଏକ ସାମ୍ବିଧାନିକ ବିଚାରପୀଠକୁ ପଠାଇଥିଲେ ଯାହା ନିମ୍ନମତେ ନିର୍ଣ୍ଣିତ ହୋଇଥିଲା :—

> "୯୭. ଆମେ ଗତ କିଛି ଦଶନ୍ଧି ଧରି ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ବିଭିନ୍ନ ରାୟକୁ ସତର୍କତାର ସହ ବିଶ୍ଳେଷଣ କରିଛୁ । ଆମେ ମୁଖ୍ୟ ପ୍ରସଙ୍ଗରେ ଏହି ନ୍ୟାୟପାଳିକାର ଭିନ୍ନ ଭିନ୍ନ ବିଚାର ବିଭାଗୀୟ ମତକୁ ସ୍ପଷ୍ଟ ଭାବେ ଚିହ୍ନଟ କରିଛୁ: ସିଆରପିସି ଧାରା ୧୫୪ ଅନୁଯାୟୀ ଜଣେ ପୁଲିସ ଅଧିକାରୀ ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ଜାଣିବା ପରେ ଏକ ଏଫଆଇଆର ପଞ୍ଜୀକୃତ କରିବା ପାଇଁ ବାଧ୍ୟ କି, କିମ୍ବା ତାଙ୍କ ପାଖରେ ଏଫଆଇଆର ପଞ୍ଜୀକୃତ କରିବା ପୂର୍ବରୁ କୌଣସି ପ୍ରକାରର ପ୍ରାରମ୍ଭିକ ତଦନ୍ତ କରିବାର ବିକଳ୍ପ, ବିବେକାଧିକାର କିମ୍ବା ସ୍ୱାଧୀନତା ରହିଛି କି ।

୯୮. ଭାରତ ସଂଘ ସରକାର ଏବଂ ବିଭିନ୍ନ ରାଜ୍ୟ ପାଇଁ ହାଜର ହୋଇଥିବା ଓକିଲ ଏହି ନ୍ୟାୟାଳୟ ସମ୍ମୁଖରେ ମଧ୍ୟ ସମ୍ପୂର୍ଣ୍ଣ ଭିନ୍ନ ମତ ପ୍ରକାଶ କରିଛନ୍ତି । ଏହି ନ୍ୟାୟାଳୟ ପୂର୍ବୋକ୍ତ *ସନ୍ତୋଷ କୁମାର* ଏବଂ *ସୁରେଶ ଗୁପ୍ତାଙ୍କ* ମାମଲାରେ ମେଡ଼ିକାଲ ଡାକ୍ତରଙ୍କ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଶ୍ରେଣୀ ମଧ୍ୟ ସୃଷ୍ଟି କରିଥିଲେ, ଯେଉଁଥିରେ ଏକ ଏଫଆଇଆର ପଞ୍ଜୀକରଣ କରିବା ପୂର୍ବରୁ ପ୍ରାରମ୍ଭିକ ତଦନ୍ତ କରାଯାଇଥିଲା । କେତେକ ଓକିଲ ଏହା ମଧ୍ୟ ଉପସ୍ଥାପନ କରିଥିଲେ ଯେ ସିବିଆଇ ନିୟମ ପୁସ୍ତିକା ମଧ୍ୟ ଏଫଆଇଆର ପଞ୍ଜୀକରଣ କରିବା ପୂର୍ବରୁ କିଛି ପ୍ରାଥମିକ ତଦନ୍ତର ପରିକଳ୍ପନା କରିଥାଏ ।

୯୯. ଏହି ମାମଲା ଗୁଡିକରେ ଯେଉଁ ପ୍ରସଙ୍ଗ ବିଚାର ପାଇଁ ଆସିଛି ତାହା ସାର୍ବଜନୀନ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।ବହୁ ସଂଖ୍ୟକ ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ସ୍ଥିର ହୋଇଥିବା ଭିନ୍ନ ଭିନ୍ନ ମତକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ସମସ୍ତଙ୍କ ଯଥା: ନ୍ୟାୟାଳୟ, ତଦନ୍ତକାରୀ ସଂସ୍ଥା ଏବଂ ନାଗରିକମାନଙ୍କ ସୁବିଧା ପାଇଁ ଏହି ନ୍ୟାୟାଳୟର ଏକ ବୃହତ ଖଣ୍ଡପୀଠ ଦ୍ୱାରା ଆଇନ ଏବଂ ନ୍ୟାୟ ନିର୍ଣ୍ଣୟର ଏକ ସ୍ପଷ୍ଟ ଘୋଷଣା ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି ।

୧୦୦. ଫଳସ୍ୱରୂପ, ଏହି ମାମଲାଗୁଡ଼ିକର ଏକ ପ୍ରାମାଣିକ ରାୟ ପାଇଁ ଅତି କମରେ ପାଞ୍ଚ ଜଣ ନ୍ୟାୟମୂର୍ତ୍ତିଙ୍କୁ ନେଇ ଗଠିତ ଏକ ସାମ୍ବିଧାନିକ ବିଚାରପୀଠକୁ ପଠାଇବାକୁ ଆମେ ମାନ୍ୟବର ପ୍ରଧାନ ନ୍ୟାୟମୂର୍ତ୍ତିଙ୍କୁ ଅନୁରୋଧ କରୁଛୁ ।"

୬) ତେଣୁ, ଏହି ସାମ୍ବିଧାନିକ ବିଚାରପୀଠଙ୍କ ସମ୍ମୁଖରେ ଏକମାତ୍ର ପ୍ରଶ୍ନ ସଂହିତାର ଧାରା ୧୫୪ ର ବ୍ୟାଖ୍ୟା ସହିତ ଜଡ଼ିତ ଏବଂ ପ୍ରସଙ୍ଗ କ୍ରମେ ଧାରା ୧୫୬ ଏବଂ ୧୫୭ ଉପରେ ମଧ୍ୟ ବିଚାର କରାଯିବା ଆବଶ୍ୟକ ।

୭) ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଏସ୍. ବି. ଉପାଧ୍ୟାୟ, ଭାରତ ସଂଘ ସରକାରଙ୍କ ପାଇଁ ଅତିରିକ୍ତ ସଲିସିଟର ଜେନେରାଲ ଶ୍ରୀ କେ. ଭି. ବିଶ୍ୱନାଥନ, ଛତିଶଗଡ଼ ରାଜ୍ୟର ଅତିରିକ୍ତ ସଲିସିଟର ଜେନେରାଲ ଶ୍ରୀ ସିଦ୍ଧାର୍ଥ ଲୁଥ୍ରା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶ ରାଜ୍ୟର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଯଥାକ୍ରମେ ଶ୍ରୀ ଶେଖର ନାଫାଡେ, ଶ୍ରୀ ଆର. କେ. ଦାଶ, ସୁଶ୍ରୀ ବିଭା ଦତ୍ତ ମଖିଜା, ଅଭିଯୁକ୍ତଙ୍କ ତରଫରୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଜି. ଶିବବାଲାମୁରୁଗନ, ସିବିଆଇର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଡଃ ଅଶୋକ ଧାମିଜା, ପଶ୍ଚିମବଙ୍ଗ ରାଜ୍ୟର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ କଲ୍ୟାଣ ବନ୍ଦୋପୋଧ୍ୟାୟ, ରାଜସ୍ଥାନ ରାଜ୍ୟର ବିଦ୍ୱାନ ଅତିରିକ୍ତ ବରିଷ୍ଠ ମହାଧିବକ୍ତା ଡଃ ମନୀଷ ସିଂଘଭି ଏବଂ ଶ୍ରୀ ସୁଦର୍ଶନ ସିଂ ରାୱତଙ୍କୁ ଶୁଣିଲୁ ।

୮) ଏହି ବିଚାରପୀଠ ସମ୍ମୁଖରେ ଉତ୍ଥାପିତ ମୁଖ୍ୟ ପ୍ରସଙ୍ଗର ଉତ୍ତର ଦେବା ପାଇଁ, ସଂହିତାର ନିମ୍ନଲିଖିତ ଧାରା ଗୁଡ଼ିକୁ ଦର୍ଶାଇବା ଉପଯୋଗୀ ଅଟେ :—

"**୧୫୪. ଧର୍ତ୍ତବ୍ୟ ମାମଲାରେ ସୂଚନା** - (୧) କୌଣସି ଧର୍ତ୍ତବ୍ୟ ଅପରାଧ ଘଟାଇବା ସମ୍ବନ୍ଧୀୟ ପ୍ରତ୍ୟେକ ସୂଚନା, ଯଦି କୌଣସି ଥାନାରେ ଭାରପ୍ରାପ୍ତ ଅଧିକାରୀଙ୍କୁ ମୌଖିକ ଭାବେ ଦିଆଯାଏ ତେବେ ତାହା ତାଙ୍କ ଦ୍ୱାରା ବା ତାଙ୍କ ନିର୍ଦ୍ଦେଶରେ ଲିଖିତ ହେବ ଏବଂ ସୂଚନାଦାତାଙ୍କ ପାଇଁ ପଠିତ ହେବ ଏବଂ ଏପରି ପ୍ରତ୍ୟେକ ସୂଚନା, ତାହା ଲିଖିତ ଆକାରରେ ଦିଆଯାଉ କିମ୍ବା ଲେଖି ଦିଆଯାଉ, ପୂର୍ବରେ ଯେପରି କୁହାଯାଇଛି, ଉପରେ ତାହା ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ତାହାର ସାରମର୍ମ ରାଜ୍ୟ ସରକାରଙ୍କ ଏଥି ନିମିତ୍ତ ନିର୍ଦ୍ଧାରିତ ପ୍ରପତ୍ରରେ ପ୍ରବେଶ କରି ଅଧିକାରୀଙ୍କ ଦ୍ୱାରା ରଖାଯିବାକୁ ଥିବା ପୁସ୍ତକରେ ରହିବ ।

(୨) ଉପ-ଧାରା (୧) ଅନୁଯାୟୀ ଅଭିଲିଖିତ ସୂଚନାର ଏକ ପ୍ରତିଲିପି ତୁରନ୍ତ ସୂଚନା ପ୍ରଦାନକାରୀଙ୍କୁ ମାଗଣାରେ ଦିଆଯିବ ।

(୩) କୌଣସି ଥାନାର ଭାରପ୍ରାପ୍ତ ଅଧିକାରୀ ଉପଧାରା (୧) ରେ ନିର୍ଦ୍ଦିଷ୍ଟ ସୂଚନା ଲିପିବଦ୍ଧ କରିବା ପାଇଁ ମନା କରିଦେଲେ, ଏଥିରେ ବ୍ୟଥିତ ହୋଇ କୌଣସି ବ୍ୟକ୍ତି ସଂପୃକ୍ତ ପୁଲିସ ଅଧୀକ୍ଷକଙ୍କୁ ଲିଖିତ ଭାବେ ଏବଂ ଡାକ ମାଧ୍ୟମରେ ଏପରି ସୂଚନାର ସାରମର୍ମ ପଠାଇପାରିବେ, ଯଦି ସେ ସନ୍ତୁଷ୍ଟ ହୁଅନ୍ତି ଯେ ଏପରି ସୂଚନା କୌଣସି ଧର୍ତ୍ତବ୍ୟ ଅପରାଧ ଘଟାଇବାର ସୂଚନା ପ୍ରଦାନ କରିଥାଏ ତେବେ ସେ ନିଜେ ମାମଲାର ତଦନ୍ତ କରିବେ କିମ୍ବା ଏହି ସଂହିତା ଦ୍ୱାରା ଉପବନ୍ଧିତ ରୀତିରେ ତାଙ୍କ ଅଧୀନସ୍ଥ କୌଣସି ପୁଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇବାକୁ ନିର୍ଦ୍ଦେଶ ଦେବେ ଏବଂ ସେହି ଅପରାଧ ସମ୍ବନ୍ଧରେ ଉକ୍ତ ଅଧିକାରୀଙ୍କର ଥାନାର ଜଣେ ଭାରପ୍ରାପ୍ତ ଅଧିକାରୀ ଭଳି ସମସ୍ତ କ୍ଷମତା ରହିବ ।

**୧୫୬. ଧର୍ତ୍ତବ୍ୟ ମାମଲାରେ ତଦନ୍ତ କରିବା ପାଇଁ ପୁଲିସ ଅଧିକାରୀଙ୍କ କ୍ଷମତା ।**

(୧) କୌଣସି ଥାନାର ଭାରପ୍ରାପ୍ତ ଅଧିକାରୀ ମାଜିଷ୍ଟ୍ରେଟଙ୍କ ଆଦେଶ ବିନା ଏପରି କୌଣସି ଧର୍ତ୍ତବ୍ୟ ମାମଲାର ତଦନ୍ତ କରିପାରିବେ, ଯାହାକି ଏପରି ଅଞ୍ଚଳର ସୀମା ମଧ୍ୟରେ ସ୍ଥାନୀୟ କ୍ଷେତ୍ର ଉପରେ ଅଧିକାରିତା ଥିବା କୌଣସି ନ୍ୟାୟାଳୟର ପରିଚ୍ଛେଦ ୧୩ର ବ୍ୟବସ୍ଥା ଅନୁଯାୟୀ ଅନୁସନ୍ଧାନ ବା ବିଚାର କରିବାର କ୍ଷମତା ରହିବ ।

(୨) କୌଣସି ପର୍ଯ୍ୟାୟରେ ଏପରି କୌଣସି ମାମଲାରେ ଜଣେ ପୁଲିସ ଅଧିକାରୀଙ୍କ କାର୍ଯ୍ୟ ପ୍ରକ୍ରିୟାକୁ ଏହି ଆଧାର ଉପରେ ଆପତ୍ତି ଦିଆଯାଇ ପାରିବ ନାହିଁ ଯେ ଏହି

ମାମଲାଟି ଏପରି ଥିଲା ଯାହାର ତଦନ୍ତ ପାଇଁ ଏପରି ଅଧିକାରୀଙ୍କୁ ଏହି ଧାରା ଅଧୀନରେ କ୍ଷମତା ଦିଆଯାଇ ନଥିଲା ।

(୩) ଧାରା ୧୯୦ ଅଧୀନରେ କ୍ଷମତାପ୍ରାପ୍ତ ଯେକୌଣସି ମାଜିଷ୍ଟ୍ରେଟ ଉପରୋକ୍ତ ତଦନ୍ତ ଆଦେଶ ଦେଇପାରିବେ ।

**୧୫୭. ତଦନ୍ତ ପ୍ରକ୍ରିୟା:**(୧) ଯଦି କୌଣସି ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟରେ ପ୍ରାପ୍ତ ସୂଚନା ବା ଅନ୍ୟଥା ଅପରାଧ ଘଟିଥିବା ସନ୍ଦେହ କରିବାର କାରଣରେ ଧାରା ୧୫୬ ଅଧୀନରେ ତାଙ୍କୁ ତଦନ୍ତ କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଥାଏ, ତେବେ ସେ ତୁରନ୍ତ ପୁଲିସ ରିପୋର୍ଟ ଉପରେ ଏପରି ଅପରାଧ ବିଷୟରେ ବିଚାର କରିବା ପାଇଁ କ୍ଷମତାପ୍ରାପ୍ତ ମାଜିଷ୍ଟ୍ରେଟଙ୍କୁ ଏକ ରିପୋର୍ଟ ପଠାଇବେ ଏବଂ ବ୍ୟକ୍ତିଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କିମ୍ବା ରାଜ୍ୟ ସରକାରଙ୍କ ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଏଥି ନିମିତ୍ତ ଯେପରି ନିର୍ଦ୍ଧାରିତ ସେପରି ପାହ୍ୟାର ତଳେ ନଥିବା ତାଙ୍କ ଅଧୀନସ୍ଥ ଅଧିକାରୀଙ୍କ ମଧ୍ୟରୁ ଜଣକୁ ଘଟଣାସ୍ଥଳକୁ ପଠାଇବେ, ମାମଲାର ତଥ୍ୟ ଓ ପରିସ୍ଥିତିକୁ ଅନୁଧ୍ୟାନ କରିବେ ଏବଂ ଯଦି ଆବଶ୍ୟକ ହୁଏ ତେବେ ଅପରାଧୀଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ଉପାୟ ଗ୍ରହଣ କରିବେ:

ତେବେ –

(କ) ଯେତେବେଳେ କୌଣସି ବ୍ୟକ୍ତିଙ୍କ ନାମରେ ସେପରି କୌଣସି ଅପରାଧ କରାଯିବା ସମ୍ବନ୍ଧରେ ସୂଚନା ଦିଆଯାଏ ଏବଂ ମାମଲା ଗମ୍ଭୀର ପ୍ରକୃତିର ନ ଥାଏ, ସେତେବେଳେ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ୟକ୍ତିଗତ ଭାବେ ଅଗ୍ରସର ହେବାର ଆବଶ୍ୟକତା ପଡ଼ିବ ନାହିଁ କିମ୍ବା ଘଟଣାସ୍ଥଳରେ ତଦନ୍ତ କରିବା ପାଇଁ କୌଣସି ଅଧସ୍ତନ ଅଫିସରଙ୍କୁ ପ୍ରେରଣ କରିବାର ଆବଶ୍ୟକତା ପଡ଼ିବ ନାହିଁ;

(ଖ) ଯଦି କୌଣସି ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଏହା ଜଣା ପଡେ ଯେ ତଦନ୍ତରେ ପ୍ରବେଶ କରିବା ପାଇଁ ପର୍ଯ୍ୟାପ୍ତ ଭିତ୍ତି ନାହିଁ, ତେବେ ସେ ଏହି ଘଟଣାର ତଦନ୍ତ କରିବେ ନାହିଁ ।

ଅଧିକନ୍ତୁ, ଏକ ବଳାତ୍କାର ଅପରାଧ ସମ୍ବନ୍ଧରେ ପୀଡ଼ିତାଙ୍କ ବୟାନ ପୀଡ଼ିତାଙ୍କ ବାସଭବନରେ କିମ୍ବା ତାଙ୍କ ପସନ୍ଦର ସ୍ଥାନରେ ଏବଂ ତାଙ୍କର ପିତାମାତା, ଅଭିଭାବକ, ନିକଟ ସମ୍ପର୍କୀୟ କିମ୍ବା ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀଙ୍କ ଉପସ୍ଥିତିରେ ଯଥାସମ୍ଭବ ମହିଳା ପୁଲିସ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯିବ ।

(୨) ଉପ-ଧାରା (୧) ର ଖଣ୍ଡ (କ) ଏବଂ (ଖ) ରେ ବର୍ଣ୍ଣନା କରାଯାଇଥିବା ପ୍ରତ୍ୟେକ ମାମଲାରେ ଥାନାର ଭାରପ୍ରାପ୍ତ ଅଧିକାରୀ ତାଙ୍କ ରିପୋର୍ଟରେ ସେହି ଉପ-ଧାରାର ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଭାବେ ପାଳନ ନ କରିବାର କାରଣ ଦର୍ଶାଇବେ ଏବଂ ଉକ୍ତ ସର୍ତ୍ତାବଳୀର ଖଣ୍ଡ (ଖ) ରେ ବର୍ଣ୍ଣନା କରାଯାଇଥିବା ମାମଲାରେ ଅଧିକାରୀ ମଧ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ରୀତିରେ ସୂଚନା ପ୍ରଦାନକାରୀଙ୍କୁ ତୁରନ୍ତ ସୂଚନା ଦେବେ ଯେ ସେ ମାମଲାର ତଦନ୍ତ କରିବେ ନାହିଁ କିମ୍ବା ଏହାର ତଦନ୍ତ କରାଇବେ ନାହିଁ।"

**ଯୁକ୍ତି:**

୯) ବିଦ୍ୱାନ ବରିଷ୍ଠ ଅଧିବକ୍ତା **ଶ୍ରୀ ଏସ. ବି. ଉପାଧ୍ୟାୟ** ଧାରା ୧୫୪ ରେ ଉଲ୍ଲେଖ କରାଯାଇଥିବା ସର୍ତ୍ତକୁ ବ୍ୟାଖ୍ୟା କରି କହିଥିଲେ ଯେ ଧାରା ୧୫୪ (୧) ର ଉପଯୋଗ ବାଧ୍ୟତାମୂଳକ କାରଣ 'ହେବ' ଶବ୍ଦର ବ୍ୟବହାର ବିଧାନମଣ୍ଡଳର ବୈଧାନିକ ଉଦ୍ଦେଶ୍ୟକୁ ସୂଚାଉଛି । ସେ ମଧ୍ୟ ଯୁକ୍ତି ବାଢିଥିଲେ ଯେ ଏଫଆଇଆର ରୁଜୁ କରିବା ବ୍ୟତୀତ ପୁଲିସ ଅଧିକାରୀଙ୍କ ପାଖରେ ଅନ୍ୟ କୌଣସି ବିବେଚନା ନାହିଁ। ଉପରୋକ୍ତ ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ସେ ନିମ୍ନଲିଖିତ ନିଷ୍ପତ୍ତି ଉପରେ ନିର୍ଭର କରିଥିଲେ, ଯଥା - ***ବି. ପ୍ରେମାନନ୍ଦ ଏବଂ ଅନ୍ୟମାନେ*** ବନାମ ***ମୋହନ କୋଇକାଲ ଏବଂ ଅନ୍ୟମାନେ*** (୨୦୧୧ ) ୪ ଏସସିସି ୨୬୬, ***ମେସର୍ସ ହୀରାଲାଲ ରତନଲାଲ ଆଦି*** ବନାମ ***ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟ ଆଦି*** (୧୯୭୩)୧ ଏସସିସି ୨୧୬ ଏବଂ ***ଗୋବିନ୍ଦଲାଲ ଛଗନଲାଲ ପଟେଲ*** ବନାମ ***କୃଷି ଉତ୍ପାଦ ବଜାର ସମିତି, ଗୋଧରା ଏବଂ ଅନ୍ୟମାନେ*** (୧୯୭୫) ୨ ଏସସିସି ୪୮୨ ।

୧୦) ଶ୍ରୀ ଉପାଧ୍ୟାୟ ସଂହିତାର ଧାରା ୧୫୪ (୧) ରେ ବ୍ୟବହୃତ ଭାଷା ଆଡ଼କୁ ପୁନଃ ଆମର ଧ୍ୟାନ ଆକର୍ଷଣ କରି ଯୁକ୍ତି ବାଢିଥିଲେ ଯେ ଏଥିରେ 'ଯୁକ୍ତିଯୁକ୍ତ' କିମ୍ବା 'ବିଶ୍ୱାସନୀୟ' ଶବ୍ଦ ସବୁର ପୂର୍ବ ପ୍ରୟୋଗ ବିନା କେବଳ 'ସୂଚନା'ର ଉଲ୍ଲେଖ କରାଯାଇଛି । ଏହି ଦାବିକୁ ପ୍ରମାଣିତ କରିବା ପାଇଁ ସେ ନିମ୍ନଲିଖିତ ନିଷ୍ପତ୍ତି ଉପରେ ନିର୍ଭର କରିଥିଲେ, ଯଥା: ***ଭଜନ ଲାଲ (ଉପରୋକ୍ତ), ଗଣେଶ ଭବନ ପଟେଲ ଏବଂ ଅନ୍ୟଜଣେ*** ବନାମ ***ମହାରାଷ୍ଟ୍ର ରାଜ୍ୟ*** (୧୯୭୮) ୪ ଏସସିସି ୩୭୧, ***ଆଲେକ ପଦମସୀ ଏବଂ ଅନ୍ୟମାନେ*** ବନାମ ***ଭାରତ ସଂଘ ସରକାର ଏବଂ ଅନ୍ୟମାନେ*** (୨୦୦୭)୬ ଏସସିସି ୧୭୧, ***ରମେଶ***

***କୁମାରୀ (ଉପରୋକ୍ତ), ରାମ ଲାଲ ନାରଙ୍ଗ*** ବନାମ ***ରାଜ୍ୟ (ଦିଲ୍ଲୀ ପ୍ରଶାସନ)*** (୧୯୭୯) ୨ ଏସସିସି ୩୨୨ ଏବଂ ***ଲଲନ ଚୌଧୁରୀ ଏବଂ ଅନ୍ୟମାନେ*** ବନାମ ***ବିହାର ରାଜ୍ୟ ଏବଂ ଅନ୍ୟଜଣେ*** (୨୦୦୬) ୧୨ ଏସସିସି ୨୨୯ । ଏହା ବ୍ୟତୀତ ଏଫଆଇଆର ରୁଜୁ କରିବା ପୂର୍ବରୁ ପୁଲିସ ଅଧିକାରୀମାନଙ୍କୁ ପ୍ରାରମ୍ଭିକ ତଦନ୍ତ କରିବା ଲାଗି ଅନୁମତି ଦେବା କାରଣରୁ ଦେଖାଦେଇଥିବା ବିଭିନ୍ନ ପ୍ରତିକୂଳ ପ୍ରଭାବ ବିଷୟରେ ମଧ୍ୟ ସେ ଆଲୋକପାତ କରିଥିଲେ ।

୧୧) ଭାରତ ସଂଘ ସରକାରଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଅତିରିକ୍ତ ସଲିସିଟର ଜେନେରାଲ **ଶ୍ରୀ କେ. ଭି. ବିଶ୍ୱନାଥନ** କହିଥିଲେ ଯେ ସମସ୍ତ ମାମଲାରେ ଯେଉଁଥିରେ ସଂହିତାର ଧାରା ୧୫୪ ଅନୁଯାୟୀ ସୂଚନା ଗ୍ରହଣ କରାଯାଇଥାଏ, ପୁଲିସ ତୁରନ୍ତ ସେହି ଉଦ୍ଦେଶ୍ୟ ପାଇଁ ରଖାଯାଇଥିବା ଖାତାରେ ତାହାକୁ ପ୍ରବେଶ କରିବା ବାଧ୍ୟତାମୂଳକ, ଯଦି ତାହା ଧର୍ତ୍ତବ୍ୟ ଅପରାଧ ଘଟିଥିବା ସହିତ ଜଡ଼ିତ ହୋଇଥାଏ । ବିଦ୍ୱାନ ଅତିରିକ୍ତ ସଲିସିଟର ଜେନେରାଲଙ୍କ ଅନୁଯାୟୀ, ପଞ୍ଜୀକରଣ କରିବା ନିଷ୍ପତ୍ତି ପୂର୍ବରୁ ଏପରି ସୂଚନାର ସତ୍ୟତା ଯାଞ୍ଚ କରିବା ଲାଗି ପୁଲିସ କର୍ତ୍ତୃପକ୍ଷଙ୍କ ପାଖରେ କୌଣସି ସ୍ୱଇଚ୍ଛା କିମ୍ବା ଅଧିକାର ନାହିଁ । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଜଣେ ପୁଲିସ ଅଧିକାରୀ, ଯିଏ ସଂହିତାର ଧାରା ୧୫୬ ଏବଂ ୧୫୭ ଅଧୀନରେ କୌଣସି ଅସ୍ପଷ୍ଟ ସୂଚନା କିମ୍ବା ମୂଳ ସୂଚନା କିମ୍ବା ଗୁଜବ ଆଦି ଆଧାରରେ ଘଟଣାସ୍ଥଳକୁ ଯାଇଥାଏ, ସେ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସଂକ୍ରାନ୍ତରେ ସୂଚନା ସଂଗ୍ରହ କରିବା ପରେ ତୁରନ୍ତ ଥାନାକୁ ଏକ ବିବୃତି (ରୁକ୍କା) ପଠାଇବା ଉଚିତ, ଯାହାଦ୍ୱାରା ତାହା ଏଫଆଇଆର ଭାବେ ପଞ୍ଜୀକୃତ କରାଯାଇପାରିବ । ସେ ଏଫ ଆଇ ଆର ପଞ୍ଜୀକରଣ, ଗିରଫ, ଅଭିଯୁକ୍ତଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ସୁରକ୍ଷା ଏବଂ ତଦନ୍ତ ବନ୍ଦ କରିବା ଲାଗି ପୋଲିସର କ୍ଷମତା ସମ୍ବନ୍ଧୀୟ ସଂହିତାର ଯୋଜନା ଉପରେ ମଧ୍ୟ ଆଲୋକପାତ କରିଥିଲେ । ତାଙ୍କ ଦାବି ସମର୍ଥନରେ, ସେ ଏହି ନ୍ୟାୟାଳୟଙ୍କ ବିଭିନ୍ନ ନିଷ୍ପତ୍ତି ଉପରେ ନିର୍ଭର କରିଥିଲେ ଯଥା, ***ଭଜନ ଲାଲ (ଉପରୋକ୍ତ), ରମେଶ କୁମାରୀ (ଉପରୋକ୍ତ)*** ଏବଂ ***ଆଲେକ୍ ପଦମସୀ (ଉପରୋକ୍ତ)*** । ସେ ବାଧ୍ୟତାମୂଳକ ପ୍ରସ୍ତାବ ବିରୋଧରେ ପ୍ରଭେଦନୀୟ ରାୟ ଉପରେ ମଧ୍ୟ ବିଶେଷ ଆଲୋଚନା କରିଥିଲେ ଯଥା, ***ଉତ୍ତର ପ୍ରଦେଶ ରାଜ୍ୟ*** ବନାମ

***ଭଗବନ୍ତ କିଶୋର ଯୋଶୀ*** (୧୯୬୪) ୩ ଏସସିଆର ୭୧, ***ପି. ସିରାଜୁଦ୍ଦିନ (ଉପରୋକ୍ତ), ସେଭି (ଉପରୋକ୍ତ), ଶଶିକାନ୍ତ (ଉପରୋକ୍ତ), ରାଜିନ୍ଦର ସିଂ କଟୋଚ (ଉପରୋକ୍ତ), ଜାକୋବ ମାଥ୍ୟୁ*** ବନାମ ***ପଞ୍ଜାବ ରାଜ୍ୟ ଏବଂ ଅନ୍ୟଜଣେ*** (୨୦୦୫) ୬ ଏସସିସି ୧ । ସେ ତାଙ୍କ ଯୁକ୍ତିକୁ ସମାପ୍ତ କରି କହିଛନ୍ତି ଯେ ଯଦି ଏକ ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥିବା କୌଣସି ସୂଚନା ସଂହିତାର ଧାରା ୧୫୪ (୧) ର ଆବଶ୍ୟକତାକୁ ପୂରଣ କରୁଥିବା ଏକ ଥାନାର ଦାୟିତ୍ୱରେ ଥିବା ଜଣେ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପିତ ହୁଏ, ତେବେ ଉକ୍ତ ପୁଲିସ ଅଧିକାରୀଙ୍କ ପାଖରେ ନିର୍ଦ୍ଧାରିତ ପ୍ରପତ୍ରରେ ଏହାର ସାରାଂଶକୁ ପ୍ରବେଶ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ, ଅର୍ଥାତ୍ ଏହିପରି ସୂଚନା ଆଧାରରେ ଏକ ମାମଲା ପଞ୍ଜିକରଣ କରିବା । ପୁନଶ୍ଚ, ଏକ ମିଥ୍ୟା ମାମଲା ଦାୟର କରିବା ବିରୋଧରେ ସଂହିତା ଅନ୍ତର୍ଗତ ପ୍ରଦାନ କରାଯାଇଥିବା ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

୧୨) ସିବିଆଇର ବିଦ୍ୱାନ ଓକିଲ **ଡ. ଅଶୋକ ଧାମିଜା** କହିଥିଲେ ଯେ ସଂହିତାର ଧାରା ୧୫୪ (୧) ଅନୁଯାୟୀ "କରିବ" ଶବ୍ଦର ବ୍ୟବହାର ସ୍ପଷ୍ଟ ଭାବେ ଆଦେଶ ଦେଇଥାଏ ଯେ ଯଦି କୌଣସି ପୁଲିସ ଅଫିସରଙ୍କୁ ଦିଆଯାଇଥିବା ସୂଚନା କୌଣସି ଧର୍ତ୍ତବ୍ୟ ଅପରାଧ ସହିତ ଜଡିତ, ତା'ହେଲେ ତାଙ୍କୁ ଏହି ଅପରାଧ ପଞ୍ଜୀକରଣ କରିବା ବାଧ୍ୟତାମୂଳକ ଅଟେ । ବିଦ୍ୱାନ ଓକିଲଙ୍କ କହିବା ଅନୁଯାୟୀ, ଏଭଳି ପରିସ୍ଥିତିରେ ପୁଲିସକୁ କୌଣସି ବିକଳ୍ପ କିମ୍ବା ସ୍ୱଇଚ୍ଛା ଦିଆଯାଇନଥାଏ । ସେ ପୁନଶ୍ଚ ଯୁକ୍ତି ବାଢିଥିଲେ ଯେ "କରିବ" ଶବ୍ଦରେ ସ୍ପଷ୍ଟ ଭାବେ ଏକ ଶାସନାଦେଶ ନିହିତ ରହିଛି ଏବଂ ଏହା ନିର୍ଭୁଲ ଭାବେ ବୈଧାନିକ ଉଦ୍ଦେଶ୍ୟକୁ ସୂଚାଉଛି । ତାଙ୍କ କହିବା ଅନୁଯାୟୀ, ଯାହା ଆବଶ୍ୟକ ତାହା ହେଉଛି କେବଳ ପୋଲିସ କୁ ଦିଆଯାଇଥିବା ସୂଚନା ନିଶ୍ଚିତ ଭାବରେ ଏକ ଧର୍ତ୍ତବ୍ୟ ଅପରାଧ ଘଟିଛି ବୋଲି ପ୍ରକାଶ କରୁଥିବ । ସେ ଆହୁରି ମଧ୍ୟ ଯୁକ୍ତି ବାଢିଥିଲେ ଯେ ସଂହିତାର ଧାରା ୧୫୪ "ସୂଚନା" *ସରଳ ଶବ୍ଦର* ବ୍ୟବହାର କରିଥାଏ ଏବଂ 'ବିଶ୍ୱାସନୀୟ ସୂଚନା' କିମ୍ବା 'ଯୁକ୍ତିସଙ୍ଗତ ଅଭିଯୋଗ' ଭଳି ଯୋଗ୍ୟ ଶବ୍ଦ ବ୍ୟବହାର କରେନାହିଁ । ତେଣୁ, ବ୍ୟବହୃତ ଭାଷାରୁ ସଂସଦର ଉଦ୍ଦେଶ୍ୟ ନିର୍ବିବାଦ ଭାବରେ ସ୍ପଷ୍ଟ ଯେ ଏକ ଧର୍ତ୍ତବ୍ୟ ଅପରାଧ ସଂକ୍ରାନ୍ତରେ କେବଳ ସୂଚନା ଏକ ଏଫ୍ଆଇଆର୍ ପଞ୍ଜିକରଣ ପାଇଁ ଯଥେଷ୍ଟ | ***ଭଜନ***

***ଲାଲ (ଉପରୋକ୍ତ), ରମେଶ କୁମାରୀ (ଉପରୋକ୍ତ), ଆଲେକ୍ ପଦମସୀ ଉପରୋକ୍ତ), ଲଲ୍ଲନ ଚୌଧୁରୀ (ଉପରୋକ୍ତ), ପୁଲିସ ଅଧୀକ୍ଷକ, ସିବିଆଇ*** ବନାମ ***ତପନ କୁମାର ସିଂହ*** (୨୦୦୩) ୬ ଏସସିସି ୧୭୫, ***ମେସର୍ସ ହୀରାଲାଲ ରତନଲାଲ (ଉପରୋକ୍ତ), ବି. ପ୍ରେମାନନ୍ଦ (ଉପରୋକ୍ତ), ଖୁବ ଚାନ୍ଦ*** ବନାମ ***ରାଜସ୍ଥାନ ରାଜ୍ୟ*** ଏଆଇଆର ୧୯୬୭ ଏସସି ୧୦୭୪, ***ପି. ସିରାଜୁଦ୍ଦିନ (ଉପରୋକ୍ତ), ରାଜିନ୍ଦର ସିଂ କଟୋଚ (ଉପରୋକ୍ତ), ଭଗବନ୍ତ କିଶୋର ଯୋଶୀ (ଉପରୋକ୍ତ), ପଶ୍ଚିମବଙ୍ଗ ରାଜ୍ୟ*** ବନାମ ***ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସମିତି, ପଶ୍ଚିମବଙ୍ଗ*** (୨୦୧୦) ୩ ଏସସିସି ୫୭୧ ଉପରେ ମଧ୍ଯ ସେ ନିର୍ଭର କରିଥିଲେ । ଏକ ମିଥ୍ୟା ମାମଲା ଦାୟର କରିବା ବିରୋଧରେ ଏହି ସଂହିତାରେ ଥିବା ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ବିଷୟରେ ମଧ୍ଯ ସେ ଉଲ୍ଲେଖ କରିଥିଲେ । ଶେଷରେ, ସେ ପୁନଶ୍ଚ ଦୋହରାଇଥିଲେ ଯେ ଯଦି କୌଣସି ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ହୋଇଛି ବୋଲି ପ୍ରକାଶ କରେ, ତେବେ ସଂହିତାର ଧାରା ୧୫୪ ଅଧୀନରେ ଏଫଆଇଆରର ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ ଏବଂ ଏପରି ପରିସ୍ଥିତିରେ ପ୍ରାଥମିକ ତଦନ୍ତ ଅନୁମୋଦିତ ନୁହେଁ । ସେ ଆହୁରି ମଧ୍ଯ ସ୍ପଷ୍ଟ କରିଛନ୍ତି ଯେ ସିବିଆଇ ଅପରାଧ ନିୟମାବଳୀ ଅନୁଯାୟୀ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ସିବିଆଇ ଦ୍ଵାରା କରାଯାଇଥିବା ପ୍ରାଥମିକ ଅନୁସନ୍ଧାନ ଦିଲ୍ଲୀ ସ୍ଵତନ୍ତ୍ର ପୋଲିସ ପ୍ରତିଷ୍ଠା ଅଧିନିୟମ,୧୯୪୬ ରେ ଥିବା ସିବିଆଇ ସମ୍ବନ୍ଧୀୟ ସ୍ଵତନ୍ତ୍ର ବ୍ୟବସ୍ଥା ହେତୁ ଏକ ଭିନ୍ନ ସ୍ଥିତିରେ ରହିଛି, ଯାହା ସଂହିତାର ଧାରା ୪ (୨) ଏବଂ ୫ ଅନୁଯାୟୀ ସଂରକ୍ଷିତ ।

୧୩) ପଶ୍ଚିମବଙ୍ଗ ରାଜ୍ୟ ତରଫରୁ ହାଜର ହୋଇଥିବା ବିଦ୍ଵାନ ବରିଷ୍ଠ ଅଧିବକ୍ତା **ଶ୍ରୀ କଲ୍ୟାଣ ବନ୍ଦୋପାଧ୍ୟାୟ** ଉପସ୍ଥାପନ କରିଥିଲେ ଯେ ଯେତେବେଳେ ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ବନ୍ଧୀୟ କୌଣସି ସୂଚନା ପ୍ରାପ୍ତ ହୁଏ, ସେତେବେଳେ ଏହାକୁ ଲିପିବଦ୍ଧ କରିବା ଏକ ଥାନାର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀଙ୍କ କର୍ତ୍ତବ୍ୟ ଏବଂ ଏହି ସୂଚନାର ଏକ ନକଲ, ସଂହିତାର ଧାରା ୧୫୪ (୨) ଅନୁଯାୟୀ ସୂଚନାଦାତାକୁ ତୁରନ୍ତ ମାଗଣାରେ ଦିଆଯିବ । ତାଙ୍କ କହିବା ଅନୁଯାୟୀ, ଜଣେ ପୁଲିସ ଅଧିକାରୀଙ୍କ ପାଖରେ ପ୍ରଥମ ପରିସ୍ଥିତିରେ କୌଣସି ଧର୍ତ୍ତବ୍ୟ ଅପରାଧ ସଂକ୍ରାନ୍ତରେ ସୂଚନା ଲିପିବଦ୍ଧ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ସେ ମଧ୍ଯ ଏଫ୍ଆଇଆର୍ ପଞ୍ଜୀକରଣ ଅନୁଯାୟୀ ପୁଲିସ

ଅଧିକାରୀଙ୍କ ଦ୍ୱାରା ଅନୁସରଣ କରାଯିବାକୁ ଥିବା ବିଭିନ୍ନ ପରବର୍ତ୍ତୀ ଧାରା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସଂହିତାର ଧାରା ୧୫୪ ର ପରିସର ସମ୍ବନ୍ଧରେ ସେ ***ଏଚ.ଏନ. ରିଷବୁଦ ଏବଂ ଇନ୍ଦର ସିଂ*** ବନାମ ***ଦିଲ୍ଲୀ ରାଜ୍ୟ,*** ଏଆଇଆର ୧୯୫୫ ଏସସି ୧୯୬, ***ଭଜନ ଲାଲ (ଉପରୋକ୍ତ), ଏସ. ଏନ. ଶର୍ମା*** ବନାମ ***ବିପିନ କୁମାର ତିୱାରୀ*** (୧୯୭୦) ୧ ଏସ. ସି. ସି. ୬୫୩, ***ଭାରତ ସଂଘ*** ବନାମ ***ପ୍ରକାଶ ପି. ହିନ୍ଦୁଜା*** (୨୦୦୩) ୬ ଏସ. ସି. ସି. ୧୯୫, ***ଶେଖ ହସିବ ଓରଫ ତବରକ*** ବନାମ ***ବିହାର ରାଜ୍ୟ*** (୧୯୭୨) ୪ ଏସସିସି ୭୭୩, ***ଶଶିକାନ୍ତ (ଉପରୋକ୍ତ), ଅଶୋକ କୁମାର ଟୋଡି*** ବନାମ ***କିଶ୍ୱର ଜାହାନ ଏବଂ ଅନ୍ୟମାନେ*** (୨୦୧୧) ୩ ଏସ. ସି. ସି. ୭୫୮, ***ପଦ୍ମ ସୁନ୍ଦର ରାଓ (ମୃତ) ଏବଂ ଅନ୍ୟମାନେ*** ବନାମ ***ଟି. ଏନ. ରାଜ୍ୟ ଏବଂ ଅନ୍ୟମାନେ*** (୨୦୦୨) ୩ ଏସ୍. ସି. ସି. ୫୩୩, ***ପି. ସିରାଜୁଦ୍ଦିନ୍ (ଉପରୋକ୍ତ), ରାଜିନ୍ଦର ସିଂ କଟୋଚ୍ (ଉପରୋକ୍ତ), ଭଗବନ୍ତ କିଶୋର ଯୋଶୀ (ଉପରୋକ୍ତ)*** ଏବଂ ***ମନ୍ନାଲାଲ ଖାଟିକ୍ ବନାମ ରାଜ୍ୟ*** ଏ. ଆଇ. ଆର. ୧୯୬୭ ସିଏଏଲ ୪୭୮ ଉପରେ ନିର୍ଭର କରିଥିଲେ ।

୧୪) ରାଜସ୍ଥାନ ସରକାରଙ୍କ ଅତିରିକ୍ତ ମହାଧିବକ୍ତା **ଡ. ମନୀଷ ସିଂଘଭି** କହିଥିଲେ ଯେ ସଂହିତାର ଧାରା ୧୫୪ (୧) ଅନୁଯାୟୀ ଏଫଆଇଆରର ବାଧ୍ୟତାମୂଳକ ପଞ୍ଜୀକରଣ କରାଯିବା ଆବଶ୍ୟକ । ମିଥ୍ୟା ଏଫଆଇଆର ରୁଜୁ କରିବା ପାଇଁ ସଂହିତା ରେ ଥିବା ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଦୁର୍ନୀତି ନିବାରଣ ଅଧିନିୟମ ଅନ୍ତର୍ଗତ ଉତ୍ପନ୍ନ ମାମଲାଗୁଡ଼ିକର ଏକମାତ୍ର ବ୍ୟତିକ୍ରମ ରହିଛି, ଯେହେତୁ ସେହି ମାମଲାରେ ମାଜିଷ୍ଟ୍ରେଟ ସଂଜ୍ଞାନ ନେବା ପୂର୍ବରୁ ମଞ୍ଜୁରିର ଆବଶ୍ୟକ ହୋଇଥାଏ ଏବଂ ସରକାରୀ କର୍ମଚାରୀମାନଙ୍କୁ ଏକ ପ୍ରକାର ସୁରକ୍ଷା ପ୍ରଦାନ କରାଯାଇଛି ଯଦ୍ୱାରା ସେମାନଙ୍କୁ ହଇରାଣ କରିବା ପାଇଁ ଅମୂଳକ ମାମଲା ଦାୟର ହୋଇପାରିବନାହିଁ ।

୧୫) ଫୌଜଦାରୀ ଆବେଦନ ସଂଖ୍ୟା ୧୪୧୦/୨୦୧୧ ରେ ଆବେଦନକାରୀଙ୍କ ବିଦ୍ୱାନ ଓକିଲ **ଶ୍ରୀ ଜି. ଶିବବାଲାମୁରୁଗନ୍**, ପୂର୍ବ ଇତିହାସ ଯଥା, ୧୮୬୧,୧୮୭୨,୧୮୮୨ ଏବଂ ୧୮୯୮ ର ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ପ୍ରାସଙ୍ଗିକ ବ୍ୟବସ୍ଥା ଗୁଡିକୁ ଅନୁସନ୍ଧାନ କରିବା ପରେ, ଏଫ୍ଆଇଆର୍ ର ବାଧ୍ୟତାମୂଳକ ପଞ୍ଜୀକରଣ କାହିଁକି ପାଳନୀୟ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ୪୧ ତମ ବିଧି ଆୟୋଗଙ୍କ ରିପୋର୍ଟ ଏବଂ ଅପରାଧିକ ଆଇନ (ସଂଶୋଧନ) ଅଧିନିୟମ ୨୦୧୩ ର ଧାରା ୧୩ କୁ ୦୩.୦୨.୨୦୧୩ ରୁ ଲାଗୁ କରିବା ନେଇ ସୁପାରିସ ଉପରେ ମଧ୍ୟ ଆଲୋକପାତ କରିଥିଲେ ।

୧୬) ଉତ୍ତର ପ୍ରଦେଶ ସରକାରଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା **ଶ୍ରୀ ଆର. କେ. ଦାଶ** ଯଦିଓ ପ୍ରଥମେ ଯୁକ୍ତି ବାଢ଼ିଥିଲେ ଯେ ଅସାଧୁ ଅଭିଯୋଗକାରୀଙ୍କ ଇଙ୍ଗିତରେ ନିରପରାଧ ବ୍ୟକ୍ତିମାନଙ୍କ ପ୍ରତି ଅନାବଶ୍ୟକ ଉତ୍ପୀଡନ ରୋକିବା ପାଇଁ ଏଫଆଇଆର ପଞ୍ଜିକରଣ ପୂର୍ବରୁ ପ୍ରାରମ୍ଭିକ ତଦନ୍ତ କରାଯିବା ଉଚିତ କିନ୍ତୁ ପରବର୍ତ୍ତୀ ସମୟରେ ସଂହିତାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକୁ, ଧାରା ୨ (୪) (ଜ), ୧୫୬ (୧), ୨୦୨ (୧), ୧୬୪ ଭଳି ବିଭିନ୍ନ ବ୍ୟବସ୍ଥାକୁ , ୟୁପି ପୁଲିସ ନିୟମାବଳୀର ବିଭିନ୍ନ ବ୍ୟବସ୍ଥାକୁ ବିବେଚନା କରିବା ପରେ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଯୁକ୍ତି ବାଢ଼ିଥିଲେ ଯେ କୌଣସି ବି ମାମଲାରେ ଏଫଆଇଆରର ଲିଖନକୁ ଏହାର ସତ୍ୟତା ଯାଞ୍ଚ ହେବା ପର୍ଯ୍ୟନ୍ତ କିମ୍ବା ଅନ୍ୟଥା କୌଣସି ଧର୍ତ୍ତବ୍ୟ ଅପରାଧ ସମ୍ବନ୍ଧୀୟ ସୂଚନା ମାମଲାରେ ସ୍ଥଗିତ ରଖାଯିବା ଉଚିତ ନୁହେଁ । ଏହା ବ୍ୟତୀତ, ସେ ଏହି ନ୍ୟାୟାଳୟର ଅନ୍ୟ ଘୋଷଣା, ଯେପରିକି, **ମହିନ୍ଦ୍ରୋ** ବନାମ **ପଞ୍ଜାବ ରାଜ୍ୟ** (୨୦୦୧) ୯ ଏସସିସି ୫୮୧, ***ରମେଶ କୁମାରୀ (ଉପରୋକ୍ତ), ଭଜନ ଲାଲ (ଉପରୋକ୍ତ), ପରକାଶ ସିଂହ ବାଦଲ (ଉପରୋକ୍ତ), ମୁନ୍ନା ଲାଲ*** ବନାମ ***ହିମାଚଳ ପ୍ରଦେଶ ରାଜ୍ୟ*** ୧୯୯୨ ସିଆରଏଲ ଏଲ. ଯେ. ୧୫୫୮, ***ଗିରିଧାରୀ ଲାଲ କନକ*** ବନାମ ***ରାଜ୍ୟ ଏବଂ ଅନ୍ୟମାନେ*** ୨୦୦୨ ସିଆରଏଲ ଏଲ. ଯେ. ୨୧୧୩ ଏବଂ ***କାଟେରୀ ମୋଇଦିନ କୁଟ୍ଟି ହାଜି*** ବନାମ ***କେରଳ ରାଜ୍ୟ*** ୨୦୦୨(୨) କ୍ରାଇମ୍ସ୍ ୧୪୩ ଉପରେ ମଧ୍ୟ ନିର୍ଭର କରିଥିଲେ । ଶେଷରେ, ସେ ଏହି ନିଷ୍କର୍ଷରେ ପହଞ୍ଚି ଥିଲେ ଯେ ଯେତେବେଳେ ସଂହିତାର

ଦ୍ୱାଦଶ ଅଧ୍ୟାୟରେ ପରିକଳ୍ପିତ ବୈଧାନିକ ବ୍ୟବସ୍ଥା ସ୍ପଷ୍ଟ ଏବଂ ନିର୍ବିବାଦୀୟ, ସେତେବେଳେ ସଂହିତାର ଧାରା ୧୫୪ ଅଧୀନରେ ଏଫଆଇଆର ରୁଜୁ କରିବା ପୂର୍ବରୁ ଅଭିଯୋଗଗୁଡ଼ିକର ପ୍ରାରମ୍ଭିକ ତଦନ୍ତ କରିବା ଲାଗି ପୁଲିସକୁ ଅନୁମତି ଦେବା ଆଇନଗତ ଭାବେ ଗ୍ରହଣୀୟ ହେବ ନାହିଁ ।

୧୭) ଛତିଶଗଡ଼ ସରକାରଙ୍କ ପକ୍ଷରୁ ହାଜର ହୋଇ ଅତିରିକ୍ତ ସଲିସିଟର ଜେନେରାଲ **ଶ୍ରୀ ସିଦ୍ଧାର୍ଥ ଲୁଥ୍ରା** ସାମ୍ବିଧାନିକ ବିଚାରପୀଠଙ୍କ ସମ୍ମୁଖରେ ସନ୍ଦର୍ଭର ପରିସର ଉପରେ ଗୁରୁତ୍ୱ ପ୍ରଦାନ କରି ନିଜର ଯୁକ୍ତି ଉପସ୍ଥାପନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ, ସେ ବିଭିନ୍ନ ରାୟ ଯଥା, ***ଭଗବନ୍ତ କିଶୋର ଯୋଶୀ (ଉପରୋକ୍ତ)***, ***ପି. ସିରାଜୁଦ୍ଦିନ (ଉପରୋକ୍ତ)***, ***ସେଭି (ଉପରୋକ୍ତ)*** ଏବଂ ***ରାଜିନ୍ଦର ସିଂ କଟୋଚ (ଉପରୋକ୍ତ)*** ଉପରେ ବିସ୍ତୃତ ସୂଚନା ଦେଇଥିଲେ, ଯେଉଁଥିରେ କୁହାଯାଇଥିଲା ଯେ ଜଣେ ତଦନ୍ତ ଅଧିକାରୀ, ସଂହିତାର ଧାରା ୧୫୪ ଅନୁଯାୟୀ ଏକ ଧର୍ତ୍ତବ୍ୟ ଅପରାଧର ସୂଚନା ପାଇବା ପରେ, ଏଫ୍ଆଇଆର୍ ପଞ୍ଜୀକରଣ ପୂର୍ବରୁ ପ୍ରାଥମିକ ତଦନ୍ତ କରିବାର କ୍ଷମତା ରଖିଛନ୍ତି । ଏଥି ସହିତ, ସେ ନିମ୍ନଲିଖିତ ନିଷ୍ପତ୍ତିଗୁଡ଼ିକ ମଧ୍ୟ ଆମ ନଜରକୁ ଆଣିଥିଲେ, ଯଥା, **ଭଜନ ଲାଲ (ଉପରୋକ୍ତ), ରମେଶ କୁମାରୀ (ଉପରୋକ୍ତ), ପରକାଶ ସିଂ ବାଦଲ (ଉପରୋକ୍ତ),** ଏବଂ **ଆଲେକ୍ ପଦମସୀ (ଉପରୋକ୍ତ),** ଯେଉଁଥିରେ କୁହାଯାଇଥିଲା ଯେ ଜଣେ ପୋଲିସ୍ ଅଧିକାରୀ ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବାର ସୂଚନା ପାଇବା ପରେ ଏକ ଏଫଆଇଆର ପଞ୍ଜୀକରଣ କରିବାକୁ ବାଧ୍ୟ ଏବଂ ଧାରା ୧୫୪ ର ପ୍ରାବଧାନ ଅନୁଯାୟୀ ପ୍ରାଥମିକ ଅନୁସନ୍ଧାନର କ୍ଷମତା ବିଦ୍ୟମାନ ନାହିଁ । ବିଦ୍ୱାନ ଅତିରିକ୍ତ ସଲିସିଟର ଜେନେରାଲ ୧୮୯୮ ଏବଂ ୧୯୭୩ ର ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା ୧୫୪ ର ତୁଳନାତ୍ମକ ବିଶ୍ଳେଷଣ ଉପସ୍ଥାପନ କରିଛନ୍ତି । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଥାନାରେ ହେଉଥିବା ପ୍ରତ୍ୟେକ କାର୍ଯ୍ୟକଳାପ [ଧାରା ୨(ଧ)] ଥାନାରେ ରଖା ଯାଉଥିବା ଏକ ଡାଏରୀରେ ଲେଖାଯାଇଥାଏ ଯାହାକୁ ସାଧାରଣ ଡାଏରୀ, ଷ୍ଟେସନ ଡାଏରୀ କିମ୍ବା ଦୈନିକ ଡାଏରୀ କୁହାଯାଇପାରେ । ***ତପନ କୁମାର ସିଂ (ଉପରୋକ୍ତ), ଆରଇ : ସୁବରତ୍ନମ ଏବଂ ଅନ୍ୟମାନେ*** ଏଆଇଆର ୧୯୪୯ ମାଡ୍ରାସ ୬୬୩ ଭଳି ବିଭିନ୍ନ ନ୍ୟାୟୀକ ନିଷ୍ପତ୍ତି ବିଷୟରେ ଉଲ୍ଲେଖ କରି ସେ ସାଧାରଣ ଡାଏରୀର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ ।

ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ, ବର୍ତ୍ତମାନ ସାରା ଦେଶରେ, ବୈବାହିକ, ବାଣିଜ୍ୟିକ, ଡାକ୍ତରୀ ଅବହେଳା ଏବଂ ଦୁର୍ନୀତି ସମ୍ବନ୍ଧୀୟ ଅପରାଧରେ, ସଂହିତାର ଧାରା ୧୫୪ ଅନୁଯାୟୀ ଏଫ୍ଆଇଆର୍ ପଞ୍ଜିକରଣ ନକରି/ପୂର୍ବରୁ ପୁଲିସ ଦ୍ୱାରା ତଦନ୍ତ କିମ୍ବା ପ୍ରାଥମିକ ତଦନ୍ତ କରିବାର ବ୍ୟବସ୍ଥା ରହିଛି । ଏଫଆଇଆର ରୁଜ୍ଜୁ କରିବା ପୂର୍ବରୁ ତଦନ୍ତ କରିବା ପାଇଁ ସେ ପଞ୍ଜାବ, ରାଜସ୍ଥାନ, ୟୁପି, ମଧ୍ୟପ୍ରଦେଶ, କୋଲକାତା, ବମ୍ବେ ଆଦି ରାଜ୍ୟରେ ପ୍ରଚଳିତ ବିଭିନ୍ନ ପୁଲିସ ନିୟମକୁ ମଧ୍ୟ ଆମ ଧ୍ୟାନକୁ ଆଣିଥିଲେ । ଏହା ବ୍ୟତୀତ, ସେ ମଧ୍ୟ ଚେଷ୍ଟା କରିଥିଲେ ସି ବି ଆଇ ର ଅପରାଧ ନିୟମାବଳୀରୁ ଯୁକ୍ତିସିଦ୍ଧ ସୂଚନା ଆଣି ଏହାକୁ ଆଲୋକପାତ କରିବାକୁ ଯେ ଏକ ମାମଲା ପଞ୍ଜୀକରଣ କରିବା ପୂର୍ବରୁ ପ୍ରାଥମିକ ତଦନ୍ତ ଆଇନ ଦୃଷ୍ଟିରୁ ଅନୁମୋଦିତ ଏବଂ ବୈଧ ଅଟେ । ଉପରୋକ୍ତ ପ୍ରସଙ୍ଗରେ  ସୂଚନା ଦେଇ ସେ ଏଫଆଇଆର ରୁଜ୍ଜୁ କରିବା ପୂର୍ବରୁ ପ୍ରାରମ୍ଭିକ ତଦନ୍ତକୁ ଅନୁମତି ଦେବା ଲାଗି ଅନୁରୋଧ କରିଥିଲେ । ଏତଦବ୍ୟତୀତ, ସେ ଜୋର ଦେଇ କହିଥିଲେ ଯେ ଏଫଆଇଆର ପଞ୍ଜୀକରଣ ପୂର୍ବରୁ ପୁଲିସ ଦ୍ୱାରା ତଦନ୍ତ କିମ୍ବା ପ୍ରାରମ୍ଭିକ ତଦନ୍ତ କରାଯିବା ଦ୍ୱାରା ପ୍ରକ୍ରିୟାର ଅପବ୍ୟବହାର ଦୂର ହେବ, କାରଣ ଏଫଆଇଆର ପଞ୍ଜୀକରଣ ଚାକିରି କିମ୍ବା ପାସପୋର୍ଟ ଆଦି ପାଇଁ ଆବେଦନ କରିବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ଲାଗି ଜଣେ ବ୍ୟକ୍ତିଙ୍କ ବିରୋଧରେ ପ୍ରତିବନ୍ଧକ ସାଜିଥାଏ । ବିଦ୍ୱାନ ଅତିରିକ୍ତ ସଲିସିଟର ଜେନେରାଲ ଏହି ନ୍ୟାୟାଳୟଙ୍କୁ ନିର୍ଦ୍ଦିଷ୍ଟ ବର୍ଗର ମାମଲାଗୁଡିକ ପାଇଁ, ଯେଉଁଥିରେ ପ୍ରାଥମିକ ତଦନ୍ତ କରାଯିବା ଉଚିତ, ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ପାଇଁ ପୁନଃ ଅନୁରୋଧ କରିଛନ୍ତି ।

୧୮) ମହାରାଷ୍ଟ୍ର ରାଜ୍ୟ ତରଫରୁ ହାଜର ହୋଇଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା **ଶ୍ରୀ ଶେଖର ନାଫାଡେ** ଉପସ୍ଥାପନ କରନ୍ତି ଯେ ସାଧାରଣତଃ ଷ୍ଟେସନ ହାଉସ୍ ଅଧିକାରୀ  (ଏସଏଚଓ) ଏକ ଧର୍ତ୍ତବ୍ୟ ଅପରାଧର ଉପାଦାନକୁ ପ୍ରକାଶ କରୁଥିବା ଅଭିଯୋଗ ପାଇବା ପରେ ଏକ ଏଫ୍ଆଇଆର୍ ଲିପିବଦ୍ଧ କରିବା ଉଚିତ, କିନ୍ତୁ କେତେକ ପରିସ୍ଥିତିରେ, ସୂଚନାର ସଠିକତା କିମ୍ବା ବିଶ୍ୱାସନୀୟତା ବିଷୟରେ ସନ୍ଦେହ ଥିଲେ, ତାଙ୍କ ପାଖରେ ପ୍ରାଥମିକ ଅନୁସନ୍ଧାନ କରିବାର ସ୍ୱାଧୀନତା ରହିବା ଉଚିତ ଏବଂ ତା' ପରେ, ଯଦି ସେ ସନ୍ତୁଷ୍ଟ ହୁଅନ୍ତି ଯେ ଅନୁସନ୍ଧାନ ପାଇଁ ଏକ ପ୍ରଥମ ଦୃଷ୍ଟିଗତ ମାମଲା ଅଛି, ତେବେ ଏଫ୍ଆଇଆର୍ ପଞ୍ଜୀକରଣ

କରିବେ । ତାଙ୍କ ଉପରେ ଏଫ୍.ଆଇ.ଆର୍. ପଞ୍ଜୀକରଣ କରିବାର ବାଧ୍ୟତାମୂଳକ ଦାୟିତ୍ୱ ଲଦି ଦେବା ଉଚିତ ନୁହେଁ । ତାଙ୍କ ମତରେ, ଏହି ବ୍ୟାଖ୍ୟା ଦୁଇଟି ଚରମ ଅବସ୍ଥାନକୁ ସୁସଂଗତ କରିବ, ଯଥା: ଏହି ପ୍ରସ୍ତାବ ଯେ ଯେତେବେଳେ ଏକ ଧର୍ତ୍ତବ୍ୟ ଅପରାଧର ଉପାଦାନ ପ୍ରକାଶ କରୁଥିବାର ଅଭିଯୋଗ ଦାଖଲ କରାଯାଏ, ଯାହା ବି ହେଉ ସେତେବେଳେ ପୁଲିସ ଅଧିକାରୀ କୌଣସି ଯାଞ୍ଚ ବିନା ଏକ ଏଫଆଇଆର ପଞ୍ଜୀକରଣ କରିବା ଉଚିତ, ଏହା ଏକ ଚରମ ପ୍ରସ୍ତାବ ଅଟେ ଏବଂ ଏହା ଭାରତର ସମ୍ବିଧାନର ଅନୁଚ୍ଛେଦ ୨୧ ର ଆଦେଶ ବିରୁଦ୍ଧ ଅଟେ, ସେହିଭଳି ଅନ୍ୟ ଚରମ ଦୃଷ୍ଟିକୋଣ ଏହା ଯେ ଏଫ ଆଇ ଆର ପଞ୍ଜୀକରଣ କରିବା ପୂର୍ବରୁ ପୁଲିସ ନିଶ୍ଚିତ ଭାବରେ ମାମଲାର ଅନୁସନ୍ଧାନ କରିବା ଆବଶ୍ୟକ । ସେହି ଅନୁଯାୟୀ ସେ ଦର୍ଶାଇଥିଲେ ଯେ ଉଭୟ ପ୍ରତ୍ୟାଖ୍ୟାନ ହେବା ଉଚିତ ଏବଂ ଏକ ମଧ୍ୟମ ଉପାୟ ବାଛିବା ଆବଶ୍ୟକ । ସେ ମଧ୍ୟ ନିମ୍ନଲିଖିତ ରାୟ ଉପସ୍ଥାପନ କରିଥିଲେ, ଯଥା: ***ଭଜନ ଲାଲ (ଉପରୋକ୍ତ), ରମେଶ କୁମାରୀ (ଉପରୋକ୍ତ), ପରକାଶ ସିଂ ବାଦଲ (ଉପରୋକ୍ତ) ଏବଂ ଆଲେକ ପଦମସୀ (ଉପରୋକ୍ତ)***, ଯେଉଁଥିରେ ଏହା କୁହାଯାଇଛି ଯେ ଯଦି ଥାନାରେ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ନେଇ ଅଭିଯୋଗ ଆସେ ତେବେ ଏସଏଚଓ ନିକଟରେ ଧାରା ୧୫୪ ଅଧୀନରେ ଏଫଆଇଆର ରୁଜୁ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ବିଦ୍ୱାନ ବରିଷ୍ଠ ଅଧିବକ୍ତାଙ୍କ ମତରେ, ଏହି ରାୟଗୁଡିକ ଉପରେ ପୁନର୍ବିଚାର କରାଯିବା ଆବଶ୍ୟକ, କାରଣ ସେଗୁଡିକ ସଂହିତାର ଅନ୍ୟ ବ୍ୟବସ୍ଥା ବାହାରେ ଧାରା ୧୫୪ ର ବ୍ୟାଖ୍ୟା କରିଛନ୍ତି ଏବଂ ସଂହିତାର ଧାରା ୧୫୪ ଉପରେ ଅନୁଚ୍ଛେଦ ୨୧ର ପ୍ରଭାବକୁ ବିବେଚନା କରିବାରେ ବିଫଳ ହୋଇଛନ୍ତି ।

୧୯) ଏହା ସହିତ, ସେ ନିମ୍ନଲିଖିତ ନିଷ୍ପତ୍ତିଗୁଡିକ ଦର୍ଶାଇଥିଲେ, ଯଥା, ***ରାଜିନ୍ଦର ସିଂ କଟୋଚ (ଉପରୋକ୍ତ), ପି. ସିରାଜୁଦ୍ଦିନ୍ (ଉପରୋକ୍ତ), ଭଗବନ୍ତ କିଶୋର ଯୋଶୀ (ଉପରୋକ୍ତ)*** ଏବଂ ***ସେଭି (ଉପରୋକ୍ତ)***, ଯେଉଁଥିରେ ମତ ରହିଛି ଯେ ସଂହିତାର ଧାରା ୧୫୪ ଅନୁଯାୟୀ ଏଫ୍ଆଇଆର୍ ପଞ୍ଜୀକୃତ କରିବା ପୂର୍ବରୁ, ଏକ ଧର୍ତ୍ତବ୍ୟ ଅପରାଧ ସଂଘଟିତ ହେବାର ଏକ ପ୍ରଥମ ଦୃଷ୍ଟିଗତ ମାମଲା ଅଛି କି ନାହିଁ ତାହା ନିଶ୍ଚିତ କରିବାକୁ ପୋଲିସ ଅଧିକାରୀ ଏକ ପ୍ରାଥମିକ ତଦନ୍ତ କରିବାକୁ ମୁକ୍ତ ଅଟନ୍ତି ।

ବିଦ୍ୱାନ ବରିଷ୍ଠ ଅଧିବକ୍ତାଙ୍କ ଅନୁଯାୟୀ, ସଂହିତାର ଧାରା ୧୫୪ ତଦନ୍ତ ସମ୍ବନ୍ଧୀୟ ବୈଧାନିକ ବ୍ୟବସ୍ଥାର ଏକ ଶୃଙ୍ଖଳାର ଅଂଶ ଗଠନ କରେ ଏବଂ ତେଣୁ, ଧାରା ୪୧,୧୫୭,୧୬୭,୧୬୯ ଇତ୍ୟାଦି ବ୍ୟବସ୍ଥାର ଯୋଜନା ଧାରା ୧୫୪ ର ବ୍ୟାଖ୍ୟା ଉପରେ ଏକ ପ୍ରଭାବ ପକାଇବା ଉଚିତ । ଏହା ବ୍ୟତୀତ ସେ ଜୋର ଦେଇ କହିଥିଲେ ଯେ ଆକ୍ଷରିକ ବ୍ୟାଖ୍ୟା ଦେବା ଦ୍ୱାରା ଏଫଆଇଆର ପଞ୍ଜୀକରଣ ଏକ ଯାନ୍ତ୍ରିକ କାର୍ଯ୍ୟକୁ ହ୍ରାସ ହେବ । ଏଥିସହିତ ସେ ***ମାନେକା ଗାନ୍ଧୀ*** ବନାମ ***ଭାରତ ସଂଘ ସରକାର*** (୧୯୭୮) ୧ ଏସସିସି ୨୪୮ ସମ୍ବନ୍ଧରେ ଉଲ୍ଲେଖ କରି ସଂହିତାର ଧାରା ୧୫୪ ଉପରେ ଅନୁଚ୍ଛେଦ ୨୧ର ପ୍ରଭାବକୁ ରେଖାଙ୍କିତ କରିଥିଲେ, ଯେଉଁଥିରେ ଏହି ଅଦାଲତ ଅପରାଧିକ ଆଇନ ସମ୍ବନ୍ଧୀୟ ଅନେକ ବ୍ୟବସ୍ଥା ଉପରେ ଅନୁଚ୍ଛେଦ ୨୧କୁ ଲାଗୁ କରିଛନ୍ତି । ନ୍ୟାୟାଳୟ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଅନୁଚ୍ଛେଦ ୨୧ ରେ ଥିବା "ଆଇନ" ଅଭିବ୍ୟକ୍ତି ନିଶ୍ଚିତ ଭାବରେ ଆଇନକୁ ସ୍ୱୀକାର କରେ ଯାହା ଯୁକ୍ତିଯୁକ୍ତ ଏବଂ ଏହାର ଯୁକ୍ତିଯୁକ୍ତତା କିମ୍ବା ଅନ୍ୟଥା ନିର୍ବିଶେଷରେ କେବଳ ବୈଧାନିକ ବ୍ୟବସ୍ଥା ନୁହେଁ । ବିଦ୍ୱାନ ବରିଷ୍ଠ ଅଧିବକ୍ତା ଯୁକ୍ତି ବାଢିଥିଲେ ଯେ, ଅନୁଚ୍ଛେଦ ୨୧ ଅନୁଯାୟୀ, ସଂହିତାର ଧାରା ୧୫୪ ର ବ୍ୟବସ୍ଥାକୁ ନିରୀକ୍ଷଣ କରିବା ଆବଶ୍ୟକ, ଯାହାର ଅର୍ଥ ହେଉଛି ଏଫଆଇଆର ରୁଜୁ କରିବା ପୂର୍ବରୁ, ପୁଲିସ ଅଧିକାରୀ ନିଶ୍ଚିତ ଭାବେ ସନ୍ତୁଷ୍ଟ ହେବା ଆବଶ୍ୟକ ଯେ ତଦନ୍ତ ପାଇଁ ପ୍ରଥମ ଦୃଷ୍ଟିଗତ ମାମଲା ରହିଛି । ସେ ଏହା ମଧ୍ୟ ଜୋର ଦେଇ କହିଥିଲେ ଯେ ତାଙ୍କୁ ଦିଆଯାଇଥିବା ସୂଚନାର *ବିଶ୍ୱାସନୀୟତା* ନେଇ ଯଦି କୌଣସି ପୁଲିସ ଅଧିକାରୀଙ୍କ ମନରେ ସନ୍ଦେହ ସୃଷ୍ଟି ହୁଏ ତେବେ ପ୍ରାରମ୍ଭିକ ତଦନ୍ତ କରିବାର ଅନ୍ତର୍ନିହିତ କ୍ଷମତା ଧାରା ୧୫୪ ରେ ରହିଛି । ଅପରାଧିକ ଆଇନ (ସଂଶୋଧନ) ଅଧିନିୟମ, ୨୦୧୩, ବିଶେଷ କରି, ଧାରା ୧୬୬-କ କୁ ଦର୍ଶାଇ ଶ୍ରୀ ନାଫାଡେ ଯୁକ୍ତି କରିଥିଲେ ଯେ ଅନ୍ୟ ଧର୍ତ୍ତବ୍ୟ ଅପରାଧ (ଧାରା ୧୬୬-କ ରେ ଉଲ୍ଲିଖିତ ଅପରାଧ ବ୍ୟତୀତ) ସମ୍ବନ୍ଧରେ, ଯଦି ସୂଚନାର ସଠିକତା ଉପରେ କିଛି ସନ୍ଦେହ ଥାଏ, ତେବେ ପ୍ରାଥମିକ ତଦନ୍ତ କରିବା ପାଇଁ ପୋଲିସର ସ୍ୱାଧୀନତା ରହିଛି ।

୨୦) ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା ଅବହେଳା ସମ୍ବନ୍ଧୀୟ ଅଭିଯୋଗ ମାମଲାରେ, ଏହି ନ୍ୟାୟାଳୟଙ୍କ କେତେକ ନିଷ୍ପତ୍ତି ପ୍ରତି, ଯଥା, ***ତପନ କୁମାର ସିଂହ (ଉପରୋକ୍ତ), ଜାକୋବ ମାଥ୍ୟୁ (ଉପରୋକ୍ତ)***

ଇତ୍ୟାଦି, ଆମର ଧ୍ୟାନ ଆକର୍ଷଣ କରି ସୂଚିତ କରିଛନ୍ତି ଯେ କୌଣସି ଡାକ୍ତରୀ ବୃତ୍ତିଧାରୀଙ୍କ ଉପରେ କେବଳ ଅଭିଯୋଗର ଆପତ୍ତି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ନୁହେଁ । ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ନାଫାଡେ ଗୁରୁତ୍ୱାରୋପ କରିଥିଲେ ଯେ ଉପଯୁକ୍ତ ମାମଲାରେ ଏକ ଧର୍ତ୍ତବ୍ୟ ଅପରାଧର ଅଭିଯୋଗ ପାଇବା ପରେ ଜଣେ ପୁଲିସ ଅଧିକାରୀଙ୍କୁ ନିଜକୁ ସନ୍ତୁଷ୍ଟ କରିବାକୁ ହେବ ଯେ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗରେ ଲଗାଯାଇଥିବା *ପ୍ରଥମ ଦୃଷ୍ଟିଗତ* ଆପତ୍ତି ବିଶ୍ୱାସନୀୟ । ସେ ମଧ୍ୟ ଯୁକ୍ତି ବାଢିଥିଲେ ଯେ ଏକ ବିଧାନର କୌଣସି ଗୋଟିଏ ବ୍ୟବସ୍ଥାକୁ ଅଲଗା ଅଲଗା ଭାବେ ପଢିବା ଏବଂ ବ୍ୟାଖ୍ୟା କରାଯାଇପାରିବ ନାହିଁ, କିନ୍ତୁ ବିଧାନକୁ ସମ୍ପୂର୍ଣ୍ଣ ଭାବେ ପଢ଼ିବା ଉଚିତ । ତଦନୁସାରେ, ସେ ପ୍ରାର୍ଥନା କରିଥିଲେ ଯେ ସଂହିତାର ଧାରା ୪୧, ୫୭, ୧୫୬, ୧୫୭, ୧୫୯, ୧୬୭, ୧୯୦, ୨୦୦ ଏବଂ ୨୦୨ର ବ୍ୟବସ୍ଥାକୁ ଏକତ୍ର ପଠନୀୟ । ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ସଂହିତାର ଧାରା ୧୫୪(୩) କୌଣସି ଅଭିଯୋଗକାରୀଙ୍କୁ, ଯାହାଙ୍କ ଅଭିଯୋଗ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦ୍ୱାରା ଏଫ୍ଆଇଆର୍ ଭାବରେ ପଞ୍ଜୀକୃତ ହୋଇନାହିଁ, ତାଙ୍କ ଅଭିଯୋଗକୁ ଏଫ୍ଆଇଆର୍ ଭାବରେ ପଞ୍ଜୀକୃତ କରିବା ଉଦ୍ଦେଶ୍ୟରେ ଉଚ୍ଚ ପୋଲିସ ଅଧିକାରୀଙ୍କ ନିକଟକୁ ଯିବାକୁ ସମର୍ଥ କରେ ଏବଂ ଏହିପରି ମାମଲାରେ, ଉଚ୍ଚ ପୁଲିସ ଅଧିକାରୀଙ୍କ ପାଖରେ ଏଫ୍ଆଇଆର୍ ଲିପିବଦ୍ଧ କରିବା ଏବଂ ତଦନ୍ତ ନିର୍ଦ୍ଦେଶ ଦେବାର ସମସ୍ତ କ୍ଷମତା ଅଛି । ଜଣେ ବ୍ୟଥିତ ବ୍ୟକ୍ତିଙ୍କୁ ଉଚ୍ଚ ପୁଲିସ ଅଧିକାରୀଙ୍କ ପାଖକୁ ଯାଇ ଅନୁରୋଧ କରିବାପାଇଁ ଉପଲବ୍ଧ ପ୍ରତିକାର ସହିତ ସେ ଧାରା ୧୯୦ ଅଧୀନରେ ଅଭିଯୋଗ କରି ସମ୍ପୃକ୍ତ ମାଜିଷ୍ଟ୍ରେଟଙ୍କ ପାଖକୁ ମଧ୍ୟ ଯାଇପାରିବେ । ସେ ପୁନଶ୍ଚ ଜୋର ଦେଇ କହିଥିଲେ ଯେ, ଏହି ତଥ୍ୟ ଯେ ଏଫଆଇଆର ପଞ୍ଜୀକରଣ କରିବାକୁ ମନା କରିବା ଏବଂ ଧର୍ତ୍ତବ୍ୟ ଅପରାଧ ତଦନ୍ତ କରିବା ପାଇଁ ବିଧାନମଣ୍ଡଳ ପର୍ଯ୍ୟାପ୍ତ ପ୍ରତିକାର ପ୍ରଦାନ କରିଛି, ଏହା ବିଧାୟୀ ଉଦ୍ଦେଶ୍ୟର ସାଙ୍କେତିକ ଯେ କେବଳ ଏକ ଧର୍ତ୍ତବ୍ୟ ଅପରାଧର ଉପାଦାନ ରହିଛି ବୋଲି ଅଭିଯୋଗରେ ପ୍ରକାଶିତ ହୋଇଥିବା ସତ୍ତ୍ୱେ, ପୁଲିସ ଅଧିକାରୀ ଅଭିଯୋଗ ସତ୍ୟତା ଉପରେ ସନ୍ଦେହ ଥିବା କାରଣରୁ ଏଫଆଇଆର ରେକର୍ଡ କରିବା ପାଇଁ ବାଧ୍ୟ ନୁହଁନ୍ତି । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ବିଧାନରେ

ବ୍ୟବହୃତ 'ହେବ' ଶବ୍ଦର ଅର୍ଥ ସର୍ବଦା ଏହି ମାମଲାରେ କୌଣସି ବିଚକ୍ଷଣତାର ଅନୁପସ୍ଥିତି ନୁହେଁ । ଉକ୍ତ ପ୍ରସ୍ତାବ ପାଇଁ, ସେ ଏହା ମଧ୍ୟ ବିଶେଷ ରୂପେ ଦର୍ଶାଇଥିଲେ ଯେ ଏହି ନ୍ୟାୟାଳୟ ଆକ୍ଷରିକ ବ୍ୟାଖ୍ୟା ନିୟମ ଅପେକ୍ଷା ଉଦ୍ଦେଶ୍ୟମୂଳକ ବ୍ୟାଖ୍ୟା ନିୟମକୁ ପସନ୍ଦ କରିଛନ୍ତି, ଯେଉଁଥିପାଇଁ ସେ ***ଚେୟାରମ୍ୟାନ ବୋର୍ଡ ଅଫ୍ ମାଇନିଂ ଏକ୍ସାମିନେସନ୍ ଏବଂ ଚିଫ ଇନ୍ସପେକ୍ଟର ଅଫ ମାଇନ୍ସ ଏବଂ ଅନ୍ୟଜଣେ*** ବନାମ ***ରାମଜୀ*** (୧୯୭୭) ୨ ଏସସିସି ୨୫୬, ***ଲଳିତ ମୋହନ ପାଣ୍ଡେ*** ବନାମ ***ପୂରନ ସିଂ*** (୨୦୦୪) ୬ ଏସସିସି ୬୨୬, ***ପ୍ରତିଭା ବୋଷ*** ବନାମ ***କୁମାର ରୂପେନ୍ଦ୍ର ଦେବ ରଇକତ*** (୧୯୬୪) ୪ ଏସସିଆର ୬୯ ଉପରେ ନିର୍ଭର କରିଥିଲେ । ସେ ଆହୁରି ଉଲ୍ଲେଖ କରିଥିଲେ ଯେ ସଂହିତାର ଧାରା ୧୫୪ ର ବ୍ୟବସ୍ଥାକୁ ସିଧା ସଳଖ ସୂତ୍ରରେ ରଖିବା ଅସମ୍ଭବ । ଏଫ ଆଇ ଆର ପଞ୍ଜୀକରଣ କିମ୍ବା ପଞ୍ଜୀକରଣ ନହେବା ସମ୍ବନ୍ଧରେ ସେ କିଛି ନିର୍ଦ୍ଦେଶାବଳୀ ଗଠନ ପାଇଁ ମଧ୍ୟ ପ୍ରାର୍ଥନା କରିଥିଲେ । ଶେଷରେ, ସେ ସୂଚାଇଥିଲେ ଯେ ଧାରା ୨୧ ର ଆବଶ୍ୟକତା ହେଉଛି ପଦ୍ଧତିଟି ନ୍ୟାୟସଙ୍ଗତ ଏବଂ ଯଥାର୍ଥ ହେବା ଉଚିତ । ତାଙ୍କ ମତରେ, ଯଦି ଏକ ମାମଲାରେ ପୁଲିସ ଅଧିକାରୀଙ୍କ ମନରେ ସନ୍ଦେହ ରହିଛି, ତେବେ ସେହି ମାମଲାରେ ପ୍ରାରମ୍ଭିକ ଯାଞ୍ଚ କରିବାର ଅଧିକାର ତାଙ୍କ ପାଖରେ ରହିବା ଆବଶ୍ୟକ । ଯଦି ସେ ଏପରି ପ୍ରାରମ୍ଭିକ ତଦନ୍ତ କରିବାରୁ ବଞ୍ଚିତ ହୁଅନ୍ତି, ତେବେ ଏହି ପ୍ରକ୍ରିୟା ମନମାନୀ ଏବଂ ଅଯୌକ୍ତିକତାର ଅବଗୁଣ ଦ୍ୱାରା ପ୍ରଭାବିତ ହେବ । ତେଣୁ, ସେ ନିଜର ଯୁକ୍ତିକୁ ଶେଷ କରି କହିଥିଲେ ଯେ ସଂହିତାର ଧାରା ୧୫୪ କୁ ଧାରା ୨୧ ଦୃଷ୍ଟିରେ ରଖି ବ୍ୟାଖ୍ୟା କରାଯିବା ଉଚିତ ।

୨୧) ମଧ୍ୟପ୍ରଦେଶ ରାଜ୍ୟ ପାଇଁ ହାଜର ହୋଇଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା **ସୁଶ୍ରୀ ବିଭା ଦତ୍ତ ମାଖିଜା** ଉପସ୍ଥାପନ କରିଥିଲେ ଯେ ଧାରା ୧୫୪ ଏବଂ ସଂହିତାର ଅନ୍ୟ ବ୍ୟବସ୍ଥାର ଏକ ସରଳ ପଠନ ଦର୍ଶାଏ ଯେ ଏହା ବାଧ୍ୟତାମୂଳକ ହୋଇନପାରେ କିନ୍ତୁ କୌଣସି ପଦକ୍ଷେପ ନେବା କିମ୍ବା ଏକ ଧର୍ତ୍ତବ୍ୟ ଅପରାଧର ତଦନ୍ତ କରିବା ପୂର୍ବରୁ ଏକ ଏଫ୍ଆଇଆର୍ ପଞ୍ଜୀକରଣ କରିବା ପୋଲିସ ଅଧିକାରୀଙ୍କ ପାଇଁ ସମ୍ପୂର୍ଣ୍ଣ ପାଳନୀୟ | ସେ ଆହୁରି ଉଲ୍ଲେଖ କରିଥିଲେ ଯେ କୌଣସି ଅପରାଧର ପ୍ରଥମ ସୂଚନା ପାଇବା ପରେ ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ନିୟମ ଅଧୀନରେ ଥାନାରେ ରଖାଯାଇଥିବା ପ୍ରଥମ ସୂଚନା ପୁସ୍ତକରେ

ଉକ୍ତ ରିପୋର୍ଟ (ମୌଖିକ କିମ୍ବା ଲିଖିତ) ପଞ୍ଜୀକରଣ ପୂର୍ବରୁ, ସଂହିତାର ବୈଧାନିକ ଢାଞ୍ଚା ଅଧୀନରେ କେବଳ କିଛି ପ୍ରାରମ୍ଭିକ ତଦନ୍ତ କିମ୍ବା ଅନୁସନ୍ଧାନମୂଳକ ପଦକ୍ଷେପ ଗ୍ରହଣଯୋଗ୍ୟ ଏହି ସୀମା ପର୍ଯ୍ୟନ୍ତ ଯେ ଯେପରି ଯଥାର୍ଥ ଏବଂ କୌଣସି ଧର୍ତ୍ତବ୍ୟ ଅପରାଧ ହୋଇଛି କି ନାହିଁ ତାହା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କଠୋର ଭାବେ ପ୍ରଦାନ କରାଯାଇଥିବା ବୈଧାନିକ ସ୍ୱତନ୍ତ୍ର ଅଧିକାରର ପରିସର ମଧ୍ୟରେ ରହିଛି । ତେଣୁ, ସଂହିତାର ଧାରା ୧୭୩ ଅନୁଯାୟୀ ଏକ ଚୂଡ଼ାନ୍ତ ରିପୋର୍ଟରେ ପରିଣତ ହୋଇଥିବା ଏକ ତଦନ୍ତ ଉପରେ ପ୍ରଶ୍ନ ଉଠାଯାଇପାରିବ ନାହିଁ ଏବଂ ଏହି କାରଣ ଯୋଗୁଁ ରଦ୍ଦ କରାଯାଇପାରିବ ନାହିଁ ଯେ ତଦନ୍ତ, ଅନୁସନ୍ଧାନ କିମ୍ବା ତଦନ୍ତ ସମୟରେ ନିଆଯାଇଥିବା ପଦକ୍ଷେପର ଏକ ଅଂଶ ପ୍ରଥମ ସୂଚନା ପାଇବା ପରେ ପରିଚାଳିତ ହୁଏ କିନ୍ତୁ ଏହାକୁ ପଞ୍ଜୀକୃତ କରିବା ପୂର୍ବରୁ ନତୁବା ଯଦି ଏହା ଜଣାପଡ଼େ ଯେ ଉକ୍ତ ଅନୁସନ୍ଧାନ ଅନୁଚିତ, ବେଆଇନ, *ମନ୍ଦଭାବଜନିତ* ଏବଂ ଅଭିଯୁକ୍ତର ନିରପେକ୍ଷ ଅନୁସନ୍ଧାନର ଅଧିକାର ପ୍ରତି ଗୁରୁତର ପ୍ରତିକୂଳ ପ୍ରଭାବ ପକାଇଛି । ଉପରୋକ୍ତ ଯୁକ୍ତି ସମର୍ଥନରେ, ସେ ସଂହିତାର ପୂର୍ବ ବ୍ୟବସ୍ଥା ଏବଂ ବର୍ତ୍ତମାନର ବୈଧାନିକ ଢାଞ୍ଚାକୁ ଚିହ୍ନଟ କରିଥିଲେ, ଯଥା: ଏହି ଅପରାଧିକ ଆଇନ (ସଂଶୋଧନ) ଅଧିନିୟମ, ୨୦୧୩ ସମ୍ବନ୍ଧରେ ବିଭିନ୍ନ ନ୍ୟାୟୀକ ଘୋଷଣା । ସେ କହିଥିଲେ ଯେ ସଂହିତାର ଧାରା ୧୫୪ ରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ ଯେଉଁଠି କୌଣସି ଧର୍ତ୍ତବ୍ୟ ଅପରାଧ ସାମ୍ନାକୁ ଆସିଥାଏ, ସେଠାରେ ଉକ୍ତ ସୂଚନା ଲିପିବଦ୍ଧ କରିବା କିମ୍ବା ନ କରିବା ଲାଗି ପୁଲିସର କୌଣସି ସ୍ୱତନ୍ତ୍ର ଅଧିକାର ନାହିଁ, ତେବେ ଏହା ପ୍ରତ୍ୟେକ ମାମଲାରେ ଭିନ୍ନ ହୋଇପାରେ ।

୨୨) ଏହି ନ୍ୟାୟାଳୟର ସାମ୍ବିଧାନିକ ବିଚାରପୀଠଙ୍କ ସମ୍ମୁଖରେ ଥିବା ପ୍ରସଙ୍ଗଗୁଡିକ ଦୁଇଟି ପରସ୍ପର ବିରୋଧୀ ପ୍ରସଙ୍ଗରୁ ଉଦ୍ଭୁତ, ଯଥା:

(୧) ଏଫଆଇଆର ର ତୁରନ୍ତ ପଞ୍ଜୀକରଣ ନହେବା ଦ୍ୱାରା ପୁଲିସ ଦ୍ୱାରା ହେରଫେର ହେବାର ସମ୍ଭାବନା ରହିଛି କି ଯାହାକି ପୀଡ଼ିତ/ଅଭିଯୋଗକାରୀଙ୍କ ଆପତ୍ତି ଉପରେ ତୁରନ୍ତ ତଦନ୍ତ ନିମିତ୍ତ ଅଭିଯୋଗ ଅଧିକାରକୁ ପ୍ରଭାବିତ କରିଥାଏ; ଏବଂ

(୨) ଯେଉଁ କ୍ଷେତ୍ରରେ ଅଭିଯୋଗ/ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବାକୁ ସ୍ପଷ୍ଟ ଭାବରେ ପ୍ରକାଶ କରେ ନାହିଁ, କିନ୍ତୁ ଏଫ୍ଆଇଆର୍ ବାଧ୍ୟତାମୂଳକ ଭାବରେ ପଞ୍ଜୀକୃତ ହୁଏ, ତେବେ ଏହା ଜଣେ ଅଭିଯୁକ୍ତର ଅଧିକାରକୁ ଉଲ୍ଲଂଘନ କରେ କି ନାହିଁ ।

**ଆଲୋଚନା:**

୨୩) ଆମ ଦେଶର ଫୌଜଦାରୀ ଆଇନ ପ୍ରକ୍ରିୟାରେ ଏଫଆଇଆର ଏକ ପ୍ରାସଙ୍ଗିକ ଦସ୍ତାବିଜ ଏବଂ ସୂଚନା ପ୍ରଦାନକାରୀଙ୍କ ଦୃଷ୍ଟିରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଫୌଜଦାରୀ ଆଇନକୁ ଗତିଶୀଳ କରିବା ଏବଂ ତଦନ୍ତକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୋଣରୁ ତଥାକଥିତ ଫୌଜଦାରୀ କାର୍ଯ୍ୟକଳାପ ବିଷୟରେ ସୂଚନା ହାସଲ କରିବା, ଯାହାଫଳରେ କି ଅଭିଯୁକ୍ତକୁ ଖୋଜିବା ଏବଂ ଦଣ୍ଡିତ କରିବା ଲାଗି ଉପଯୁକ୍ତ ପଦକ୍ଷେପ ନେବାରେ ସମର୍ଥ ହୋଇପାରିବା ।

୨୪) ଐତିହାସିକ ଅଭିଜ୍ଞତା ଦ୍ୱାରା ଉଭୟ ପକ୍ଷଙ୍କ ମଧ୍ୟରେ ଏପରି ମାମଲା ସାମ୍ନାକୁ ଆସିଛି ଯେଉଁଥିରେ ପୀଡିତା/ସୂଚନା ପ୍ରଦାନକାରୀଙ୍କ ବୈଧ ଏଫଆଇଆର ପଞ୍ଜୀକରଣ ନକରିବା ଅଭିଯୋଗ ଏବଂ ଅଭିଯୁକ୍ତକୁ ବିନା କାରଣରେ ନିର୍ଯାତନା ଦିଆଯାଉଥିବା ଏବଂ ମିଥ୍ୟା ଅଭିଯୋଗ ଆଧାରରେ ତଦନ୍ତ କରାଯାଉଥିବା ଅଭିଯୋଗ ସଠିକ ବୋଲି ଜଣାପଡ଼ିଛି ।

୨୫) ପ୍ରଥମ ଶ୍ରେଣୀର ମାମଲାର ଏକ ଉଦାହରଣ ***ମହାରାଷ୍ଟ୍ର ରାଜ୍ୟ*** ବନାମ ***ସାରଙ୍ଗଧର ସିଂହ ଶିବଦାସ ସିଂହ ଚୌହାନ ଏବଂ ଅନ୍ୟଜଣେ*** (୨୦୧୧) ୧ ଏସସିସି ୫୭୭ ରେ ମିଳିଥାଏ, ଯେଉଁଥିରେ ଜିଲ୍ଲା ମୁଦ୍ରା ବିରୋଧୀ ଋଣ ସମିତି ଏବଂ ଜିଲ୍ଲା ସରକାରୀ ଓକିଲଙ୍କଠାରୁ ଅନୁମତି ନନେଇ ଶ୍ରୀ ଗୋକୁଲଚାନ୍ଦ ସାନନ୍ଦଙ୍କ ବିରୋଧରେ କୌଣସି ଅପରାଧ ପଞ୍ଜୀକରଣ ନକରିବାକୁ ନିର୍ଦ୍ଦେଶ ଦେଇଥିବା ବୁଲଢାଣା ଜିଲ୍ଲାର ଜିଲ୍ଲାପାଳଙ୍କ ଆଦେଶକୁ ଆହ୍ୱାନ କରି ଏକ ରିଟ୍ ଆବେଦନ ଦାଖଲ କରାଯାଇଥିଲା । ରେକର୍ଡରୁ ଜଣାପଡ଼ିଥିଲା ଯେ ୭୪ ଟି ମାମଲା ମଧ୍ୟରୁ କେବଳ ୭ଟି ମାମଲାରେ ବେଆଇନ ଅର୍ଥ କାରବାର ଅଭିଯୋଗରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିଲା । ଏହି ନ୍ୟାୟାଳୟ ଜାଣିବାକୁ ପାଇଥିଲେ

ଯେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଆଧାରରେ ଗରିବ ଚାଷୀଙ୍କ ବିରୋଧରେ କୌଣସି ଏଫ୍ଆଇଆର୍ ରୁଜୁ କରାଯାଇନଥିଲା । ଏହି ପରିସ୍ଥିତିରେ, ଏହି କୋର୍ଟ ଉପରୋକ୍ତ ନିର୍ଦ୍ଦେଶାବଳୀକୁ *କ୍ଷମତାତୀତ* ବିବେଚନା କରିଥିଲେ ଏବଂ ଏହାକୁ ରଦ୍ଦ କରିଥିଲେ । ଏପରି ଯୁକ୍ତି କରାଯାଇଛି ଯେ ଉପରୋକ୍ତ ମାମଲା ଧାରା ୧୫୪ ର ବାଧ୍ୟତାମୂଳକ ଚରିତ୍ରକୁ ଦର୍ଶାଇଥାଏ ଏବଂ ଯଦି ଏହା ଅନ୍ୟଥା ଗ୍ରହଣ କରାଯାଏ ତେବେ ଏହା ଗୁରୁତର ଅନ୍ୟାୟ ସୃଷ୍ଟି କରିବ ।

୨୬) ***ଆଲେକ୍ ପଦମସୀ (ଉପରୋକ୍ତ)*** ରେ, ଏକ ମାମଲାରେ ପ୍ରଥମ ସୂଚନା ରିପୋର୍ଟ ପଞ୍ଜୀକରଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବା ପାଇଁ ଏକ ରିଟ୍ ଜାରି କରିବା ନ୍ୟାୟାଳୟର କ୍ଷମତା ମଧ୍ୟରେ ଅଛି କି ନାହିଁ, ଯେଉଁଠାରେ ଅଭିଯୁକ୍ତମାନେ ସାମ୍ପ୍ରଦାୟିକ ସମନ୍ୱୟ ଭଙ୍ଗ କରିବା ଭଳି ଭାଷଣ ଦେଇଛନ୍ତି ବୋଲି ଅଭିଯୋଗ କରାଯାଇଥିଲା, ଏହି ନ୍ୟାୟାଳୟ କହିଛନ୍ତି ଯେ "ଯେତେବେଳେ ପୁଲିସ ଅଧିକାରୀମାନଙ୍କ ଦୃଷ୍ଟିକୁ ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ପର୍କରେ ଜଣାଯାଏ, ସେତେବେଳେ ସେମାନେ ଏଫ୍ଆଇଆର୍ ପଞ୍ଜୀକରଣ କରିବା ଉଚିତ । ଯଦି ପୁଲିସ ଅଧିକାରୀମାନେ ଏପରି କରିବାରେ ବିଫଳ ହୁଅନ୍ତି, ତେବେ ସଂହିତାର ଧାରା ୨୦୦ ସହିତ ପଠିତ ଧାରା ୧୯୦ ରେ ଦିଆଯାଇଥିବା ବ୍ୟବସ୍ଥା ଅନୁଯାୟୀ ପଦକ୍ଷେପ ନିଆଯିବ ।" ଅତଏବ, ସଂହିତାର ଧାରା ୧୫୪ ଅଧୀନରେ ପୁଲିସ କର୍ତ୍ତୃପକ୍ଷଙ୍କ ତରଫରୁ ଅସ୍ୱୀକାର ପାଇଁ ସଂହିତାରେ ହିଁ ଅନେକ ପ୍ରତିବନ୍ଧକ ପ୍ରଦାନ କରିଥାଏ ।

୨୭) ତଥାପି, ଅନ୍ୟପକ୍ଷରେ, ଏପରି ଅନେକ ମାମଲା ରହିଛି ଯାହା ଦର୍ଶାଉଛି ଯେ ଅନେକ ଦୃଷ୍ଟାନ୍ତ ରହିଛି ଯେଉଁଠାରେ ଏକ ଧର୍ତ୍ତବ୍ୟ ଅପରାଧ ହୋଇଛି ବୋଲି ଅଭିଯୋଗର ବିଷୟବସ୍ତୁରୁ ଜଣାପଡେ ନାହିଁ, ସେଥିରେ ଏଫଆଇଆର ପଞ୍ଜୀକରଣ କରିବା ଏବଂ ତଦନ୍ତ ଆରମ୍ଭ କରିବା ଲାଗି ପୁଲିସର କ୍ଷମତାର ଅପବ୍ୟବହାର କରାଯାଇଥାଏ । ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାମଲା ହେଉଛି ***ପ୍ରୀତି ଗୁପ୍ତା*** ବନାମ ***ଝାଡ଼ଖଣ୍ଡ ରାଜ୍ୟ*** (୨୦୧୦) ୭ ଏସସିସି ୬୬୭ ମାମଲା, ଯେଉଁଥିରେ ଏହି ନ୍ୟାୟାଳୟ ଭାରତୀୟ ଦଣ୍ଡ ସଂହିତା ୧୮୬୦ (ସଂକ୍ଷେପରେ 'ଆଇପିସି') ର ଧାରା ୪୯୮-କ ର ଅପବ୍ୟବହାର

ଉପରେ ଉଦବେଗ ପ୍ରକାଶ କରିଛନ୍ତି ଯାହା ସମ୍ପର୍କରେ ବହୁ ସଂଖ୍ୟକ ତୁଚ୍ଛ ବିବୃତି ଦାଖଲ କରାଯାଇଥିଲା । ଏହି ନ୍ୟାୟାଳୟ ମତବ୍ୟକ୍ତ କରିଥିଲେ ଯେ ଆଇନରେ ଆବଶ୍ୟକ ପରିବର୍ତ୍ତନ କରିବା ପାଇଁ ବ୍ୟବସ୍ଥାପକ ସଭା ସୂଚିତ ଜନମତ ଏବଂ ବ୍ୟବହାରିକ ବାସ୍ତବତାକୁ ଧ୍ୟାନରେ ରଖିବା ଉଚିତ ।

୨୮) ଉପରୋକ୍ତ ରାୟର ଫଳସ୍ୱରୂପ ବିଧି ଆୟୋଗ, ଭାରତଙ୍କ ୨୪୩ ତମ ବିବୃତି ୩୦ ଅଗଷ୍ଟ, ୨୦୧୨ ରେ ଦାଖଲ ହେଲା । ବିଧି ଆୟୋଗ ଏହାଙ୍କ ବିବୃତିରେ କହିଥିଲେ ଯେ ଯଦିଓ ଧାରା ୪୯୮-କ ଅଧୀନରେ ଅପରାଧକୁ ରଫାଯୋଗ୍ୟ କରାଯାଇପାରିବ, ତଥାପି ଏହାର ଅପବ୍ୟବହାର କେତେ ମାତ୍ରାରେ ହେବ ତାହା ପ୍ରାୟୋଗିକ ତଥ୍ୟ ଦ୍ୱାରା ପ୍ରମାଣିତ ହୋଇନାହିଁ, ଏବଂ, ତେଣୁ, ବ୍ୟବସ୍ଥାର ପ୍ରଭାବକୁ ବଞ୍ଚିତ କରିବାକୁ ଏକ ଆଧାର ହୋଇପାରିବନାହିଁ । ବିଧି ଆୟୋଗ ଏହା ମଧ୍ୟ କହିଥିଲେ ଯେ ଏଫ୍ଆଇଆରକୁ ଏକ ଯୁକ୍ତିଯୁକ୍ତ ସମୟ ପାଇଁ ସ୍ଥଗିତ ରଖାଯାଇପାରିବ କି ନାହିଁ ସେ ସମ୍ପର୍କରେ ଆଇନ ଅନିଶ୍ଚିତ ସ୍ଥିତିରେ ରହିଛି ଏବଂ ବର୍ତ୍ତମାନର ବିବାଦକୁ ଶେଷ କରିବା ପରେ ହିଁ ଏହାକୁ ସ୍ପଷ୍ଟ କରାଯାଇପାରିବ ।

୨୯) ଏହି ପ୍ରସଙ୍ଗରେ ଭିନ୍ନ ଭିନ୍ନ ମତ ଉପରେ ଏକ ଉପସଂହାରରେ ପହଞ୍ଚିବା ପାଇଁ ଏବଂ ଉପରୋକ୍ତ ଯୁକ୍ତିଗୁଡ଼ିକର ଉତ୍ତର ଦେବା ଲାଗି, ଫୌଜଦାରୀ ପ୍ରକ୍ରିୟା ସଂହିତାର ପୂର୍ବ ବିଧାନରେ ରହିଥିବା ଧାରା ଏବଂ ତଦନୁଯାୟୀ ବ୍ୟବସ୍ଥାଗୁଡ଼ିକର ଐତିହାସିକ ପୃଷ୍ଠଭୂମିକୁ ଦେଖିବା ଆବଶ୍ୟକ ।

**ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୮୬୧**

> "୧୩୯. କୌଣସି ଥାନାରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦିଆଯାଉଥିବା ପ୍ରତ୍ୟେକ ଅଭିଯୋଗ ବା ସୂଚନା ଲିଖିତ ଆକାରରେ ପରିଣତ କରାଯିବ ଏବଂ ସ୍ଥାନୀୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରପତ୍ରରେ ସେହି ଅଧିକାରୀଙ୍କ ଦ୍ୱାରା ରଖିବା ପାଇଁ ଏକ ଡାଇରୀରେ ତାହାର ସାରବସ୍ତୁ ଉଲ୍ଲେଖ କରାଯିବ ।"

**ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୮୭୨**

"୧୧୨. କୌଣସି ଥାନାରେ ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ଦିଆଯାଇଥିବା ପ୍ରତ୍ୟେକ ଅଭିଯୋଗକୁ ଲେଖି ଦିଆଯିବ ଏବଂ ଏହାକୁ ପ୍ରସ୍ତୁତ କରୁଥିବା ବ୍ୟକ୍ତି ଦ୍ୱାରା ହସ୍ତାକ୍ଷର, ସୀଲମୋହର ବା ଚିହ୍ନଟ କରାଯିବ ଏବଂ ସ୍ଥାନୀୟ ସରକାର ଦ୍ୱାରା ନିର୍ଦ୍ଧାରିତ ପ୍ରପତ୍ରରେ ଏପରି ଅଧିକାରୀଙ୍କ ଦ୍ୱାରା ରଖାଯିବାକୁ ଥିବା ବହି ରେ ତାହାର ସାରବସ୍ତୁ ଉଲ୍ଲେଖ କରାଯିବ ।"

**ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୮୮୨**

"୧୫୪. ଯଦି କୌଣସି ଥାନାରେ ଭାରପ୍ରାପ୍ତ ଅଧିକାରୀଙ୍କୁ ମୌଖିକ ଭାବେ କୌଣସି ଧର୍ତ୍ତବ୍ୟ ଅପରାଧ କରାଯିବା ସମ୍ବନ୍ଧୀୟ ପ୍ରତ୍ୟେକ ସୂଚନା ପ୍ରଦାନ କରାଯାଏ ତେବେ ତାହା ତାଙ୍କ ଦ୍ୱାରା ବା ତାଙ୍କ ନିର୍ଦ୍ଦେଶରେ ଲିଖିତ ହେବ ଏବଂ ସୂଚନାଦାତାଙ୍କୁ ପଢାଯିବ; ଏବଂ ଏପରି ପ୍ରତ୍ୟେକ ସୂଚନା, ଯାହା ଉପରେ କୁହାଯାଇଥିବା ପରି ଲିଖିତ ଆକାରରେ ଦିଆଯାଇଥାଉ କିମ୍ବା ଲିଖିତ ରୂପ ଦିଆଯାଉ, ତାହା ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ଏହାର ସାରବସ୍ତୁ ସରକାରଙ୍କ ଦ୍ୱାରା ଏଥି ନିମିତ୍ତ ନିର୍ଦ୍ଧାରିତ ପ୍ରପତ୍ର ଦ୍ୱାରା ରଖିବା ପାଇଁ ଏକ ପୁସ୍ତକରେ ଲିପିବଦ୍ଧ କରାଯିବ ।"

**ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୮୯୮**

"୧୫୪. ଯଦି କୌଣସି ଥାନାରେ ଭାରପ୍ରାପ୍ତ ଅଧିକାରୀଙ୍କୁ ମୌଖିକ ଭାବେ କୌଣସି ଧର୍ତ୍ତବ୍ୟ ଅପରାଧ କରାଯିବା ସମ୍ବନ୍ଧୀୟ ପ୍ରତ୍ୟେକ ସୂଚନା ପ୍ରଦାନ କରାଯାଏ ତେବେ ତାହା ତାଙ୍କ ଦ୍ୱାରା ବା ତାଙ୍କ ନିର୍ଦ୍ଦେଶ ଅନୁସାରେ ଲିଖିତ ହେବ ଏବଂ ତାହା ଲିଖିତ ଆକାରରେ ଦିଆଯାଇଥାଉ ବା ଲିଖିତ ରୂପ ଦିଆଯାଇଥାଉ, ତାହା ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ସରକାର ଏହି ନିମିତ୍ତ ଯେପରି ନିର୍ଦ୍ଧାରିତ କରିବେ ସେପରି ପ୍ରପତ୍ରରେ ଏପରି ଅଧିକାରୀଙ୍କ ଦ୍ୱାରା ରଖାଯିବାକୁ ଥିବା ଏକ ବହି ରେ ତାହା ଲିପିବଦ୍ଧ କରାଯିବ ।"

**ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୯୭୩**

"୧୫୪. ଧର୍ତ୍ତବ୍ୟ ମାମଲା ଗୁଡିକରେ ସୂଚନା:୧) ଯଦି ଏକ ଥାନା ଦାୟିତ୍ୱରେ ଥିବା ଜଣେ ଅଧିକାରୀଙ୍କୁ ମୌଖିକ ଭାବରେ ଏକ ଧର୍ତ୍ତବ୍ୟ ଅପରାଧ କରାଯିବା ସମ୍ବନ୍ଧୀୟ ପ୍ରତ୍ୟେକ ସୂଚନା ପ୍ରଦାନ କରାଯାଏ, ତେବେ ତାହା ତାଙ୍କ ଦ୍ୱାରା କିମ୍ବା ତାଙ୍କ

ନିର୍ଦ୍ଦେଶରେ ଲିଖିତ ହେବ ଏବଂ ସୂଚନାଦାତାଙ୍କୁ ପଢାଯିବ; ଏବଂ ଏହିପରି ପ୍ରତ୍ୟେକ ସୂଚନା, ଲିଖିତ ଭାବରେ ଦିଆଯାଇଥାଉ କିମ୍ବା ଉପରୋକ୍ତ ପରି ଲିଖିତ ଭାବରେ ହ୍ରାସ କରାଯାଇଥାଉ, ଏହାକୁ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ଏହାର ସାରବସ୍ତୁ ଏପରି ଅଧିକାରୀଙ୍କ ଦ୍ୱାରା ରଖିବା ପାଇଁ ଏକ ପୁସ୍ତକରେ ପ୍ରବେଶ କରାଯିବ ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟ ନିମିତ୍ତ ନିର୍ଦ୍ଧାରିତ ହୋଇଥାଏ ।

[ପରନ୍ତୁ, ଯଦି ସେହି ମହିଳାଙ୍କ ଦ୍ୱାରା ସୂଚନା ଦିଆଯାଏ ଯାହାଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୨୬ କ, ୩୨୬ ଖ, ୩୫୪, ୩୫୪ କ, ୩୫୪ ଖ, ୩୫୪ ଗ, ୩୫୪ ଘ, ୩୭୬ କ, ୩୭୬ ଖ, ୩୭୬ ଗ, ୩୭୬ ଘ, ୩୭୬ ଙ କିମ୍ବା ଧାରା ୫୦୯ ଅନୁଯାୟୀ ଏକ ଅପରାଧ କରାଯାଇଛି କିମ୍ବା ଉଦ୍ୟମ କରାଯାଇଛି, ତେବେ ଏପରି ସୂଚନା ଜଣେ ମହିଳା ପୁଲିସ ଅଧିକାରୀ କିମ୍ବା କୌଣସି ମହିଳା ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯିବ:-

ଅଧିକନ୍ତୁ:-

(କ) ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୫୪, ୩୫୪-କ, ୩୫୪-ଖ, ୩୫୪-ଗ, ୩୫୪-ଘ, ୩୭୬-କ, ୩୭୬-ଖ, ୩୭୬-ଗ, ୩୭୬-ଘ, ୩୭୬-ଙ କିମ୍ବା ଧାରା ୫୦୯ ଅନୁଯାୟୀ ଅପରାଧ କରାଯାଇଥିବାର କିମ୍ବା ଉଦ୍ୟମ କରାଯାଇଥିବାର ଅଭିଯୋଗ କରାଯାଇଥାଏ, ଯଦି ସେ ସାମୟିକ କିମ୍ବା ସ୍ଥାୟୀ ଭାବରେ ମାନସିକ କିମ୍ବା ଶାରୀରିକ ଅକ୍ଷମ ହୋଇଥିବେ, ତେବେ ଏପରି ଅପରାଧ ସମ୍ବନ୍ଧରେ ବିବୃତ୍ତି ଦେବାକୁ ଇଚ୍ଛା କରୁଥିବା ସେହି ବ୍ୟକ୍ତିଙ୍କ ବାସଭବନରେ କିମ୍ବା ଏପରି ବ୍ୟକ୍ତିଙ୍କ ପସନ୍ଦର କୌଣସି ସୁବିଧାଜନକ ସ୍ଥାନରେ, ଯଥାସ୍ଥିତି, ବ୍ୟାଖ୍ୟାକାରୀ ବା ବିଶେଷ ଶିକ୍ଷାବିତଙ୍କ ଉପସ୍ଥିତିରେ ଜଣେ ପୁଲିସ ଅଧିକାରୀଙ୍କ ଦ୍ୱାରା ଏପରି ସୂଚନାର ଲିପିବଦ୍ଧ କରାଯିବ;

(ଖ) ଏପରି ସୂଚନାର ଲିଖନ କାର୍ଯ୍ୟକୁ ଭିଡ଼ିଓଗ୍ରାଫ କରାଯିବ;

(ଗ) ପୁଲିସ ଅଧିକାରୀ ଯଥାଶୀଘ୍ର ସମ୍ଭବ ଧାରା ୧୬୪ର ଉପଧାରା (୫କ) ର ଖଣ୍ଡ (କ) ଅଧୀନରେ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବ୍ୟକ୍ତିଙ୍କ ବୟାନ ରେକର୍ଡ କରାଇବେ ।

**(୦୩.୦୨.୨୦୧୩ ଠାରୁ 'ଅପରାଧିକ ଆଇନ (ସଂଶୋଧନ) ଅଧିନିୟମ, ୨୦୧୩ର ଧାରା ୧୩ ଦ୍ୱାରା ସନ୍ନିବେଶିତ)**

(୨) ଉପ-ଧାରା (୧) ଅଧୀନରେ ଲିପିବଦ୍ଧ ହୋଇଥିବା ସୂଚନାର ଏକ ପ୍ରତିଲିପି ତୁରନ୍ତ ସୂଚନା ପ୍ରଦାନକାରୀଙ୍କୁ ମାଗଣାରେ ଦିଆଯିବ ।

(୩) ଉପ-ଧାରା (୧)ରେ ସୂଚିତ ସୂଚନା ଲିପିବଦ୍ଧ କରିବା ପାଇଁ କୌଣସି ଥାନା ଦାୟିତ୍ୱରେ ଥିବା ଜଣେ ଅଧିକାରୀଙ୍କ ଦ୍ୱାରା ମନା କରାଯିବା ଦ୍ୱାରା କୌଣସି ବ୍ୟକ୍ତି ସମ୍ପୃକ୍ତ ପୋଲିସ ଅଧୀକ୍ଷକଙ୍କୁ ଲିଖିତ ଏବଂ ଡାକ ଦ୍ୱାରା ସେହି ସୂଚନାର ସାରାଂଶ ପଠାଇପାରିବେ, ଯଦି ସେ ସନ୍ତୁଷ୍ଟ ହୁଅନ୍ତି ଯେ ଏପରି ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ସଂଘଟିତ ହେବାର ସୂଚନା ଦେଇଥାଏ, ତେବେ ସେ ନିଜେ ଏହି ମାମଲାର ତଦନ୍ତ କରିବେ କିମ୍ବା ତାଙ୍କ ଅଧୀନରେ ଥିବା କୌଣସି ପୋଲିସ ଅଧିକାରୀଙ୍କ ଦ୍ୱାରା ଏହି ସଂହିତା ଦ୍ୱାରା ପ୍ରଦାନ କରାଯାଇଥିବା ପଦ୍ଧତିରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବେ, ଏବଂ ସେହି ଅଧିକାରୀଙ୍କର ସେହି ଧର୍ତ୍ତବ୍ୟ ଅପରାଧ ସମ୍ବନ୍ଧରେ ଥାନାର ଦାୟିତ୍ୱରେ ଥିବା ଜଣେ ଅଧିକାରୀଙ୍କ ସମସ୍ତ କ୍ଷମତା ରହିବ ।

ଉପରୋକ୍ତ ବ୍ୟବସ୍ଥାକୁ ପଠନରେ ଏକ ଧର୍ତ୍ତବ୍ୟ ଅପରାଧ କ୍ଷେତ୍ରରେ କୌଣସି ପ୍ରାରମ୍ଭିକ ତଦନ୍ତ ବିନା ଉଭୟ ପୁରୁଣା ସଂହିତା ଏବଂ ନୂଆ ସଂହିତାରେ ଏଫଆଇଆରର ବାଧ୍ୟତାମୂଳକ ପଞ୍ଜୀକରଣ ଲାଗି ଆଇନଗତ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଥାଏ ।

୩୦) ୧୯୭୩ ର ବର୍ତ୍ତମାନର ସଂହିତାର ଅଗ୍ରଦୂତ ହେଉଛି ୧୮୯୮ ର ସଂହିତା, ଯେଉଁଥିରେ ତଦନ୍ତ କରିବା ଲାଗି ପୁଲିସର କ୍ଷମତା ଏବଂ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ କରାଯାଇଛି । ପୋଲିସ କ୍ଷମତାର ପ୍ରାରମ୍ଭିକ ପର୍ଯ୍ୟାୟକୁ ଜଣେ ମାଜିଷ୍ଟ୍ରେଟଙ୍କ ଆଦେଶ ବିନା ଧର୍ତ୍ତବ୍ୟ ଅପରାଧର ତଦନ୍ତ କରିବା ପାଇଁ ଏକ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଦାୟିତ୍ୱରୁ ମୌଖିକ କିମ୍ବା ଲିଖିତ ଭାବରେ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ବନ୍ଧରେ ଗ୍ରହଣ ହୋଇଥିବା ପ୍ରାଥମିକ ସୂଚନାକୁ ଲିଖିତ ରୂପରେ ହ୍ରାସ କରିବାକୁ ଏବଂ ପ୍ରାଦେଶିକ ସରକାରଙ୍କ ଦ୍ୱାରା ଏପରି ସୂଚନା ଲିପିବଦ୍ଧ କରିବା ପାଇଁ ନିର୍ଦ୍ଧାରିତ ହୋଇଥିବା ପୃଥକ ପୁସ୍ତକରେ ରଖିବା ଲାଗି ପରିବର୍ତ୍ତନ କରାଯାଇଥିଲା ।

୩୧) ସେହିପରି, ଏକ ଧର୍ତ୍ତବ୍ୟ ଅପରାଧର ତଦନ୍ତ କରିବାକୁ ପୁଲିସ ଅଧିକାରୀଙ୍କୁ କ୍ଷମତା ପ୍ରଦାନ କରୁଥିବା ବ୍ୟବସ୍ଥା ଯଥା, ଧାରା ୧୫୬ ପୂର୍ବରୁ ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ବନ୍ଧୀୟ ପ୍ରଥମ

ସୂଚନା ସ୍ୱତନ୍ତ୍ର ପୁସ୍ତକରେ ଲିପିବଦ୍ଧ କରିବାର ଆବଶ୍ୟକତାକୁ ଆରୋପ କରୁଥିବା ବ୍ୟବସ୍ଥା ଅର୍ଥାତ ଧାରା ୧୫୪ ର ସ୍ଥାପନ ସମ୍ବନ୍ଧରେ ୧୮୯୮ ସଂହିତାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଅଣାଯାଇଥିଲା । ତେଣୁ, ଏପରି ବ୍ୟବସ୍ଥାର ସ୍ଥାପନର ଉଦ୍ଦେଶ୍ୟ ସ୍ପଷ୍ଟ ଥିଲା ଯାହା ଏହା ସୁନିଶ୍ଚିତ କରୁଥିଲା ଯେ ପ୍ରଥମ ସୂଚନାର ଲିଖନ କାର୍ଯ୍ୟ ପୁଲିସ ଦ୍ୱାରା କୌଣସି ତଦନ୍ତର ପ୍ରାରମ୍ଭିକ ବିନ୍ଦୁ ହେବା ଉଚିତ । ତଦନ୍ତକୁ ତ୍ୱରାନ୍ୱିତ କରିବା ପାଇଁ ଯେହେତୁ ମାଜିଷ୍ଟ୍ରେଟଙ୍କ ଠାରୁ ଅନୁମତି ନେବାର କୌଣସି ପ୍ରବନ୍ଧ ନଥିଲା, ସେଥିପାଇଁ ସୂଚନାଦାତାଙ୍କ ଦସ୍ତଖତ/ମୋହର ସହିତ ପ୍ରଥମ ସୂଚନାକୁ ସେମାନଙ୍କ ପୁସ୍ତକରେ ଲିପିବଦ୍ଧ କରିବାର ଏହି ପ୍ରକ୍ରିୟା ପୁଲିସ ଦ୍ୱାରା ଅତ୍ୟଧିକ, *ଦୁରାଶୟପୂର୍ଣ୍ଣ* ଏବଂ ତଦନ୍ତ ଅଧିକାରର ବେଆଇନ ପ୍ରୟୋଗ ବିରୋଧରେ ଏକ "ଅତ୍ୟନ୍ତ ମୂଲ୍ୟବାନ ରକ୍ଷା କବଚ" ଭାବେ କାର୍ଯ୍ୟ କରିବ ।

୩୨) ସଂହିତାର ଦ୍ୱାଦଶ ଅଧ୍ୟାୟରେ ଥିବା ବ୍ୟବସ୍ଥା ଅନୁଯାୟୀ ପୁଲିସକୁ ସୂଚନା ପ୍ରଦାନ କରାଯିବା ସହ ତଦନ୍ତ କରିବାର କ୍ଷମତା ପ୍ରଦାନ କରାଯାଇଛି । ଉକ୍ତ ଅଧ୍ୟାୟ ତଦନ୍ତ ସମୟରେ ପାଳନ କରାଯିବାକୁ ଥିବା ପ୍ରକ୍ରିୟା ନିର୍ଦ୍ଧାରଣ କରେ । ଉକ୍ତ ଅଧ୍ୟାୟରେ ନିର୍ଦ୍ଧାରିତ ପ୍ରକ୍ରିୟା ଦ୍ୱାରା ହାସଲ କରାଯିବାକୁ ଥିବା ଉଦ୍ଦେଶ୍ୟ ହେଉଛି ଅପରାଧିକ ଆଇନକୁ ଗତିଶୀଳ କରିବା ଏବଂ ସମସ୍ତ ପ୍ରକ୍ରିୟାଗତ ସୁରକ୍ଷା ପ୍ରଦାନ କରିବା ଯାହା ଦ୍ୱାରା ସୁନିଶ୍ଚିତ କରାଯାଇପାରିବ ଯେ ଅନୁସନ୍ଧାନ ସ୍ୱଚ୍ଛ ଏବଂ *ଦୁରାଶୟ* ନୁହେଁ ଏବଂ ଅନୁସନ୍ଧାନ ସମୟରେ ସଂଗୃହିତ ପ୍ରମାଣ ହେରଫେର କରିବାର କୌଣସି ସୁଯୋଗ ନାହିଁ ।

୩୩) ଏହା ସହିତ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶେଖର ନାଫାଡେ ଯୁକ୍ତି ବାଢିଥିଲେ ଯେ ଆଇପିସିରେ ଧାରା ୧୬୬ କ ଯୋଡ଼ିବା ଦର୍ଶାଉଛି ଯେ ଉକ୍ତ ଧାରାରେ ନିର୍ଦ୍ଦିଷ୍ଟ ଥିବା ବ୍ୟତୀତ ଅନ୍ୟ ସମସ୍ତ ଅପରାଧ ପାଇଁ ଏଫଆଇଆର ପଞ୍ଜୀକରଣ ବାଧ୍ୟତାମୂଳକ ନୁହେଁ । ଫୌଜଦାରୀ ଆଇନ (ସଂଶୋଧନ) ଅଧିନିୟମ, ୨୦୧୩ ଅନୁଯାୟୀ ଭାରତୀୟ ଦଣ୍ଡ ସଂହିତାରେ ୧୬୬ କ ସାମିଲ କରାଯାଇଥିଲା, ଯାହାକି ନିମ୍ନରେ ଉଲ୍ଲେଖ କରାଗଲା:–

**"ଧାରା ୧୬୬ କ - ଯିଏ ଜଣେ ସରକାରୀ କର୍ମଚାରୀ ହୋଇ -**

(କ) କୌଣସି ଅପରାଧ ବା ଅନ୍ୟ କୌଣସି ବିଷୟରେ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ କୌଣସି ବ୍ୟକ୍ତିଙ୍କ କୌଣସି ସ୍ଥାନରେ ଉପସ୍ଥିତ ହେବା ପାଇଁ ତାଙ୍କୁ ବାରଣ କରୁଥିବା ଆଇନର କୌଣସି ନିର୍ଦ୍ଦେଶକୁ ଜାଣିଶୁଣି ଅମାନ୍ୟ କରନ୍ତି, ଅଥବା

(ଖ) କୌଣସି ବ୍ୟକ୍ତି ଯେଉଁ ରୀତିରେ ଏପରି ଅନୁସନ୍ଧାନ କରିବେ ସେହି ରୀତିକୁ ନିୟନ୍ତ୍ରିତ କରୁଥିବା ବିଧିର ଅନ୍ୟ କୌଣସି ନିର୍ଦ୍ଦେଶକୁ, କୌଣସି ବ୍ୟକ୍ତିଙ୍କ ପ୍ରତିକୂଳ ପ୍ରଭାବକୁ, ଜାଣିଶୁଣି ଅମାନ୍ୟ କରନ୍ତି, ଅଥବା

(ଗ) ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୯୭୩ ର ଧାରା ୧୫୪ ର ଉପ-ଧାରା (୧) ଅଧୀନରେ ତାଙ୍କୁ ଦିଆଯାଇଥିବା, ଧାରା ୩୨୬ କ, ଧାରା ୩୨୬ ଖ, ଧାରା ୩୫୪, ଧାରା ୩୫୪ ଖ, ଧାରା ୩୭୦, ଧାରା ୩୭୦ କ, ଧାରା ୩୭୬, ଧାରା ୩୭୬ କ, ଧାରା ୩୭୬ ଖ, ଧାରା ୩୭୬ ଗ, ଧାରା ୩୭୬ ଘ, ଧାରା ୩୭୬ ଙ, ଧାରା ୫୦୯ ଅନ୍ତର୍ଗତ ଧର୍ତ୍ତବ୍ୟ ଅପରାଧ ସମ୍ବନ୍ଧରେ, କୌଣସି ସୂଚନା ଲିପିବଦ୍ଧ କରିବାରେ ବିଫଳ ହେଲେ କଠୋର କାରାଦଣ୍ଡରେ ଦଣ୍ଡିତ କରାଯିବ, ଯାହାକି ୬ ମାସରୁ କମ ନୁହେଁ କିନ୍ତୁ ୨ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇପାରେ ଏବଂ ଜୋରିମାନା ମଧ୍ୟ ଦେବାକୁ ପଡ଼ିବ ।"

ଧାରା ୧୬୬ କ(ଗ) ରେ କୁହାଯାଇଛି ଯେ ଯଦି ଜଣେ ସରକାରୀ କର୍ମଚାରୀ (ପୁଲିସ ଅଧିକାରୀ) ଧାରା ୩୨୬ କ, ୩୨୬ ଖ, ୩୫୪,୩୫୪ ଖ, ୩୭୦,୩୭୦ କ, ୩୭୬,୩୭୬ କ, ୩୭୬ ଖ, ୩୭୬ ଗ, ୩୭୬ ଘ, ୩୭୬ ଙ କିମ୍ବା ଧାରା ୫୦୯ ଅନୁଯାୟୀ ଦଣ୍ଡନୀୟ ଧର୍ତ୍ତବ୍ୟ ଅପରାଧ ସମ୍ବନ୍ଧରେ ସଂହିତାର ଧାରା ୧୫୪ (୧) ଅନୁଯାୟୀ ତାଙ୍କୁ ଦିଆଯାଇଥିବା କୌଣସି ସୂଚନା ଲିପିବଦ୍ଧ କରିବାରେ ବିଫଳ ହୁଅନ୍ତି, ତେବେ ତାଙ୍କୁ ଏକ ଅବଧି ପାଇଁ କଠୋର କାରାଦଣ୍ଡର ଦଣ୍ଡ ଦିଆଯିବ ଯାହା ଛଅ ମାସରୁ କମ୍ ହେବ ନାହିଁ କିନ୍ତୁ ଦୁଇ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ଏବଂ ଜୋରିମାନା ମଧ୍ୟ ହୋଇପାରେ । ତେଣୁ, ଏହା ବିଦ୍ୱାନ ଓକିଲଙ୍କ ଯୁକ୍ତି ଯେ ଏହି ବ୍ୟବସ୍ଥା ସ୍ପଷ୍ଟ ଭାବେ ସୂଚାଇଥାଏ ଯେ ଏଫ୍ଆଇଆରର ପଞ୍ଜୀକରଣ ଅପରିହାର୍ଯ୍ୟ ଏବଂ ଉକ୍ତ ଧାରାରେ ନିର୍ଦ୍ଦିଷ୍ଟ ଅପରାଧ ସମ୍ବନ୍ଧରେ ପୁଲିସ ଅଧିକାରୀଙ୍କ ପାଖରେ କୌଣସି ସ୍ୱତନ୍ତ୍ର ଅଧିକାର ନାହିଁ । ତେଣୁ ତାଙ୍କ କହିବା ଅନୁଯାୟୀ, ବିଧାନମଣ୍ଡଳ ସ୍ୱୀକାର କରିଛି ଯେ ଅନ୍ୟ ଧର୍ତ୍ତବ୍ୟ ଅପରାଧ ସଂପର୍କରେ ଯଦି କୌଣସି ତଥ୍ୟର ସଠିକତା ଉପରେ ସନ୍ଦେହ କରାଯାଏ, ତେବେ ପ୍ରାରମ୍ଭିକ ଯାଞ୍ଚ କରିବାର ଅଧିକାର ପୁଲିସର ରହିଛି ।

୩୪) ଯଦିଓ ତର୍କଟି ଯେପରି ଦେଖାଯାଏ ସେତିକି ପ୍ରଭାବପୂର୍ଣ୍ଣ ଲାଗୁଛି, ତଥାପି ଆମେ ସନ୍ଦେହ କରୁଛୁ ଯେ ଏପରି ଅନୁମାନ ଉକ୍ତ ବ୍ୟବସ୍ଥାରେ ବ୍ୟବହୃତ ସ୍ୱଷ୍ଟ ଶବ୍ଦର ଉଲ୍ଲଂଘନ କରି କରାଯାଇପାରିବ କି ନାହିଁ । ତେଣୁ ଫୌଜଦାରୀ ଆଇନ (ସଂଶୋଧନ) ଅଧିନିୟମ, ୨୦୧୩ ଅନୁଯାୟୀ ଆଇପିସିରେ ଧାରା ୧୬୬ କ ଯୋଡ଼ିବା ନିଶ୍ଚିତ ଭାବେ ଏହି ବ୍ୟବସ୍ଥା ଅନୁରୂପ ହେବ ଏବଂ ଏହା ବିରୋଧରେ ହେବ ନାହିଁ । ନିକଟରେ ମହିଳାମାନଙ୍କ ବିରୋଧରେ ଘଟିଥିବା ଦୁର୍ଭାଗ୍ୟଜନକ ଅପରାଧକୁ ଦୃଷ୍ଟିରେ ରଖି ଧାରା ୧୬୬କ କୁ ସାମିଲ କରାଯାଇଥିଲା । ଏହି ସଂଶୋଧନ ଆଗତ କରିବା ଲାଗି ବିଧାନମଣ୍ଡଳର ଉଦ୍ଦେଶ୍ୟ ଥିଲା ମହିଳାମାନଙ୍କୁ ଅଧିକ ସୁରକ୍ଷା ପ୍ରଦାନ କରିବା ଲାଗି ପୂର୍ବରୁ ରହିଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବା । ତେଣୁ, ଆମ ଦେଶରେ ମହିଳାଙ୍କ ବିରୋଧରେ ବୃଦ୍ଧି ପାଉଥିବା ଅପରାଧ ଦେଖିବା ପରେ ବିଧାନମଣ୍ଡଳରେ ଏଭଳି ମାମଲାରେ ଏଫଆଇଆର ପଞ୍ଜୀକରଣ କରିବାରେ ବିଫଳ ହୋଇଥିବା ପୁଲିସ ଅଧିକାରୀମାନଙ୍କୁ ସ୍ୱଷ୍ଟ ଭାବେ ଦଣ୍ଡିତ କରିବା ଉଚିତ ହେବ ବୋଲି ଭାବିଥିଲେ । ଏହାକୁ ଯୋଡ଼ିବା ପାଇଁ ଏହା ବ୍ୟତୀତ ଅନ୍ୟ କୌଣସି ଅର୍ଥ ଦିଆଯାଇ ପାରିବ ନାହିଁ ।

୩୫) ଏହି ପୃଷ୍ଠଭୂମିରେ, ଆସନ୍ତୁ ଏହି ପ୍ରସଙ୍ଗରେ ସପକ୍ଷରେ ଏବଂ ବିପକ୍ଷରେ ବିଭିନ୍ନ ନିଷ୍ପତ୍ତି ଉପରେ ଆଲୋଚନା କରିବା ।

**ଧାରା ୧୫୪ ର ବ୍ୟାଖ୍ୟା:**

୩୬) ଏହି ସନ୍ଦର୍ଭରେ ଏହା ଉଲ୍ଲେଖ କରାଯାଇପାରେ ଯେ ପ୍ରତ୍ୟେକ ବ୍ୟାଖ୍ୟା ବ୍ୟବସ୍ଥାରେ କୌଣସି ବିଧାନର ବ୍ୟାଖ୍ୟା କରିବାର ପ୍ରଥମ ଏବଂ ପ୍ରମୁଖ ସିଦ୍ଧାନ୍ତ ହେଉଛି ବ୍ୟାଖ୍ୟା କରିବାର ଆକ୍ଷରିକ ନିୟମ । ପ୍ରାରମ୍ଭରେ ଆମକୁ ଯାହା ଦେଖିବାର ଅଛି ତାହା ହେଉଛି ଏହି ବ୍ୟବସ୍ଥାରେ କ'ଣ କୁହାଯାଇଛି ? ଫଳସ୍ୱରୂପ, ଧାରା ୧୫୪ ରେ ବ୍ୟବହୃତ ଭାଷା ଆଇନଗତ ଉଦ୍ଦେଶ୍ୟର ନିର୍ଦ୍ଧାରକ ଉପାଦାନ । ସଂହିତାର ଧାରା ୧୫୪ (୧) ର ଏକ ସରଳ ପଠନ କହିଥାଏ ଯେ ଯଦି ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ବନ୍ଧୀୟ କୌଣସି ସୂଚନା କୌଣସି ଥାନାର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ମୌଖିକ

ଭାବରେ ଦିଆଯାଏ, ତେବେ ତାହାକୁ ତାଙ୍କ ଦ୍ୱାରା କିମ୍ବା ତାଙ୍କ ନିର୍ଦ୍ଦେଶରେ ଲିଖିତ ରୂପ ଦିଆଯିବ । ସଂହିତାର ଧାରା ୧୫୪ (୧) ର ଭାଷାରେ କୌଣସି ଅସ୍ପଷ୍ଟତା ନାହିଁ।

୩୭) ଏହି କ୍ଷଣରେ, ***ମେସର୍ସ ହୀରାଲାଲ ରତନଲାଲ (ଉପରୋକ୍ତ)*** ରେ ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ମନ୍ତବ୍ୟକୁ ଉଲ୍ଲେଖ କରିବା ପ୍ରାସଙ୍ଗିକ, ଯାହାକି ନିମ୍ନରେ ଦିଆଗଲା:

> "୨୨.....ଏକ ବୈଧାନିକ ବ୍ୟବସ୍ଥା ବ୍ୟାଖ୍ୟାରେ, ନିର୍ମାଣର ପ୍ରଥମ ଏବଂ ପ୍ରମୁଖ ନିୟମ ହେଉଛି ସାହିତ୍ୱିକ ନିର୍ମାଣ । ପ୍ରାରମ୍ଭରେ ଆମକୁ ଯାହା ଦେଖିବାର ଅଛି ତାହା ହେଉଛି ସେହି ବ୍ୟବସ୍ଥା କ'ଣ କହୁଛି? ଯଦି ଏହି ବ୍ୟବସ୍ଥା ସୁସ୍ପଷ୍ଟ ଏବଂ ଯଦି ସେହି ବ୍ୟବସ୍ଥା ଦ୍ୱାରା ଆଇନଗତ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଥାଏ, ତେବେ ଆମେ ବିଧାନ ନିର୍ମାଣର ଅନ୍ୟ ନିୟମଗୁଡ଼ିକୁ ସାହାଯ୍ୟ ନେବାର ଆବଶ୍ୟକତା ନାହିଁ । ବିଧାନ ନିର୍ମାଣର ଅନ୍ୟ ନିୟମଗୁଡ଼ିକ ସେତେବେଳେ ସହାୟକ ହୋଇଥାଏ ଯେତେବେଳେ ବିଧାନର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇନଥାଏ ...."

ଉପରୋକ୍ତ ନିଷ୍ପତ୍ତି ***ବି. ପ୍ରେମାନନ୍ଦ (ଉପରୋକ୍ତ)*** ଙ୍କ ମାମଲାରେ ଏହି ନ୍ୟାୟାଳୟ ଅନୁସରଣ କରିଥିଲେ ଏବଂ ***ହୀରାଲାଲ ରତନଲାଲ (ଉପରୋକ୍ତ)*** ମାମଲାରେ ଉପରୋକ୍ତ ପର୍ଯ୍ୟବେକ୍ଷଣକୁ ଉଲ୍ଲେଖ କରିବା ପରେ, ଏହି ଅଦାଲତ ନିମ୍ନରେ ମତ ରଖିଥିଲେ:

> "**୯.** ଏହି ସନ୍ଦର୍ଭରେ ଏହା ଉଲ୍ଲେଖ କରାଯାଇପାରେ ଯେ ପ୍ରତ୍ୟେକ ବ୍ୟାଖ୍ୟା ବ୍ୟବସ୍ଥାରେ କୌଣସି ବିଧାନର ବ୍ୟାଖ୍ୟା କରିବାର ପ୍ରଥମ ଏବଂ ପ୍ରମୁଖ ସିଦ୍ଧାନ୍ତ ହେଉଛି ବ୍ୟାଖ୍ୟା କରିବାର ଆକ୍ଷରିକ ନିୟମ । ବ୍ୟାଖ୍ୟା କରିବାର ଅନ୍ୟ ନିୟମ ଯେପରିକି ଅନିଷ୍ଟ ନିୟମ, ଉଦ୍ଦେଶ୍ୟପୂର୍ଣ୍ଣ ବ୍ୟାଖ୍ୟା ଆଦିର ଆଶ୍ରୟ ସେତେବେଳେ ନିଆଯାଇପାରିବ ଯେତେବେଳେ କୌଣସି ବିଧାନର ସରଳ ଶବ୍ଦଗୁଡିକ ଦ୍ୱନ୍ଦ୍ୱପୂର୍ଣ୍ଣ ହୋଇଥିବ କିମ୍ବା କୌଣସି ବୋଧଗମ୍ୟ ଫଳାଫଳ ପ୍ରଦାନ କରିନଥିବ କିମ୍ବା ଯଦି ଆକ୍ଷରିକ ଭାବେ ପଢ଼ା ଯାଇଥାଏ ତେବେ ବିଧାନର ମୂଳ ଉଦ୍ଦେଶ୍ୟକୁ ବ୍ୟର୍ଥ ଘୋଷଣା କରିବ । ଯେଉଁଠାରେ ଏକ ବିଧାନର ଶବ୍ଦଗୁଡ଼ିକ ସମ୍ପୂର୍ଣ୍ଣ ସ୍ପଷ୍ଟ ଏବଂ ଦ୍ୱନ୍ଦ୍ୱହୀନ, ଆକ୍ଷରିକ ନିୟମ ବ୍ୟତୀତ ବ୍ୟାଖ୍ୟା ନୀତିଗୁଡ଼ିକର ଆଶ୍ରୟ ନିଆଯାଇପାରିବ ନାହିଁ, *ସୁଇଡିଶ ମ୍ୟାଚ ଏବିବନାମ ସେବି*(୨୦୦୪) ୧୧ ଏସସିସି ୬୪୧ ଦେଖନ୍ତୁ ।

ଧାରା ୧୫୪(୧) ର ଭାଷା, ତେଣୁ, ଆକ୍ଷରିକ ନିର୍ମାଣ ବ୍ୟତୀତ ଅନ୍ୟ କୌଣସି ନିର୍ମାଣ କୁ ସ୍ୱୀକାର କରେନାହିଁ ।

୩୮) ***ଭଜନ ଲାଲ (ଉପରୋକ୍ତ)*** ରେ ଧାରା ୧୫୪ ର ବିଧାୟୀ ଉଦ୍ଦେଶ୍ୟ ସ୍ପଷ୍ଟ ଭାବରେ ବିସ୍ତୃତ ହୋଇଛି ଯାହା ନିମ୍ନରେ ଦିଆଯାଇଛି:

> "**୩୦.** ଧାରା ୧୫୪ (୧) ରେ ଉଲ୍ଲିଖିତ ଆଇନଗତ ଆଦେଶ ହେଉଛି ଯେ ଏକ "ଧର୍ତ୍ତବ୍ୟ ଅପରାଧ" ( ସଂହିତାର ଧାରା ୨(ଗ) ଅନୁଯାୟୀ ଯେପରି ବ୍ୟାଖ୍ୟା କରାଯାଇଛି) ଘଟିଥିବା ସମ୍ବନ୍ଧୀୟ ପ୍ରତ୍ୟେକ ସୂଚନା ଯଦି ମୌଖିକ ଭାବେ (ଯେଉଁଥିରେ ଏହାକୁ ଲିଖିତ ରୂପରେ ହ୍ରାସ କରାଯିବ) କିମ୍ବା ଲିଖିତ ରୂପରେ "ଥାନାରେ ଦାୟିତ୍ୱରେ ଥିବା ଅଧିକାରୀ"ଙ୍କୁ ( ସଂହିତାର ଧାରା ୨(ଣ) ର ଅର୍ଥ ମଧ୍ୟରେ) ଦିଆଯିବ ଏବଂ ସୂଚନାଦାତାଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବ, ତା'ହେଲେ ସେହି ଅଧିକାରୀଙ୍କ ଦ୍ୱାରା ରଖିବାକୁ ଥିବା ପୁସ୍ତକରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସେହି ଫର୍ମ, ଯାହା ସାଧାରଣତଃ 'ପ୍ରଥମ ସୂଚନା ରିପୋର୍ଟ' ଭାବେ ଜଣାଯାଏ, ରେ ପ୍ରବିଷ୍ଟ ହେବା ଆବଶ୍ୟକ ଏବଂ ଉକ୍ତ ଫର୍ମରେ ସୂଚନା ପ୍ରବେଶ କାର୍ଯ୍ୟକୁ ଏକ ଅପରାଧ କିମ୍ବା ଏକ ମାମଲା ପଞ୍ଜୀକରଣ ବୋଲି କୁହାଯିବ ।
>
> **୩୧.** ସଂହିତାର ଧାରା ୧୫୪ (୧)ର ଆଦେଶନାମା ଅନୁଯାୟୀ କୌଣସି ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥିବା ସୂଚନା ଆଧାରରେ ଏକ ଅପରାଧ କିମ୍ବା ଏକ ମାମଲା ପଞ୍ଜୀକରଣ ପର୍ଯ୍ୟାୟରେ ସମ୍ପୃକ୍ତ ପୁଲିସ ଅଧିକାରୀ ସୂଚନା ପ୍ରଦାନକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ବିଶ୍ୱାସନୀୟ ଏବଂ ବାସ୍ତବିକ କିମ୍ବା ଅନ୍ୟଥା କି ବୋଲି ତଦନ୍ତ ଆରମ୍ଭ କରିପାରିବେ ନାହିଁ ଏବଂ ସୂଚନା ଭରସାଯୋଗ୍ୟ କିମ୍ବା ବିଶ୍ୱାସଯୋଗ୍ୟ ନୁହେଁ ବୋଲି ମାମଲା ରୁଜୁ କରିବାକୁ ମନା କରିପାରିବେ ନାହିଁ । ଅନ୍ୟପକ୍ଷରେ, କୌଣସି ଥାନାର ଦାୟିତ୍ୱରେ ଥିବା ଅଧିକାରୀ ବିଧିବଦ୍ଧ ଭାବେ ଏକ ମାମଲା ରୁଜୁ କରିବା ପାଇଁ ବାଧ ହୋଇଥାନ୍ତି ଏବଂ ଯଦି ତାଙ୍କ ପାଖରେ କୌଣସି ଅପରାଧ ଘଟିବାର ସନ୍ଦେହ କରିବାର କାରଣ ଥାଏ, ଯାହାକି ସଂହିତାର ଧାରା ୧୫୬, ଧାରା ୧୫୭ ପ୍ରତି ପରନ୍ତୁକ ସାପେକ୍ଷ ହୋଇ, ସର୍ତ୍ତାବଳୀ ଅନୁଯାୟୀ ତଦନ୍ତ କରିବା ଲାଗି ତାଙ୍କୁ କ୍ଷମତା ପ୍ରଦାନ କରାଯାଇଛି, ତେବେ ସେ ତଦନ୍ତ ଜାରି ରଖିବା ଲାଗି ବାଧ । (ଯେହେତୁ ଆମେ ଏହି ରାୟର ପରବର୍ତ୍ତୀ ଭାଗରେ ସଂହିତାର ଧାରା ୧୫୬ ଏବଂ ୧୫୭ ଅନ୍ତର୍ଗତ କୌଣସି ସଂଜ୍ଞେୟ ଧର୍ତ୍ତବ୍ୟ ଅପରାଧର ତଦନ୍ତ କ୍ଷେତ୍ରରେ ଜଣେ ପୁଲିସ ଅଧିକାରୀଙ୍କ କ୍ଷମତା ବିଷୟରେ ବିସ୍ତୃତ ଆଲୋଚନା କରିବାର ପ୍ରସ୍ତାବ ରଖିଛୁ,

ଆମେ ବର୍ତ୍ତମାନର ପରିପ୍ରେକ୍ଷୀରେ ସେହି ଧାରାଗୁଡ଼ିକ ସହିତ ବିସ୍ତୃତ ଭାବେ ଚର୍ଚ୍ଚା କରିବାର ପ୍ରସ୍ତାବ ଦେଉନାହୁଁ) । ଯଦି ଥାନା ଦାୟିତ୍ୱରେ ଥିବା ଜଣେ ଅଧିକାରୀ ତାଙ୍କ ଉପରେ ନ୍ୟସ୍ତ ହୋଇଥିବା ଅଧିକାରକୁ ପ୍ରୟୋଗ କରିବାକୁ ମନା କରନ୍ତି ଏବଂ ଏକ ଧର୍ତ୍ତବ୍ୟ ଅପରାଧର ସୂଚନା ଉପରେ ଏକ ମାମଲା ପଞ୍ଜୀକରଣ କରିବାକୁ ମନା କରନ୍ତି ଏବଂ ତଦ୍ୱାରା ତାଙ୍କ ଉପରେ ଦିଆଯାଇଥିବା ବୈଧାନିକ କର୍ତ୍ତବ୍ୟର ଉଲ୍ଲଙ୍ଘନ କରନ୍ତି, ତେବେ ଏପରି ନରାଜି ଦ୍ୱାରା ବ୍ୟଥିତ ବ୍ୟକ୍ତି ସୂଚନାର ସାରାଂଶ ଲିଖିତ ଭାବେ ଏବଂ ଡାକ ମାଧ୍ୟମରେ ସମ୍ପୃକ୍ତ ପୁଲିସ ଅଧୀକ୍ଷକଙ୍କୁ ପଠାଇପାରିବେ, ଯଦି ସେ ସନ୍ତୁଷ୍ଟ ହୋଇଥାନ୍ତି ଯେ ତାଙ୍କ ନିକଟକୁ ପଠାଯାଇଥିବା ସୂଚନା କୌଣସି ଧର୍ତ୍ତବ୍ୟ ଅପରାଧର ପରିପ୍ରକାଶ କରୁଛି, ତେବେ ସେ ନିଜେ ମାମଲାର ତଦନ୍ତ କରିବେ କିମ୍ବା ସଂହିତାର ଧାରା ୧୫୪ ର ଉପ-ଧାରା (୩) ରେ ପ୍ରଦାନ କରାଯାଇଥିବା ଉପାୟରେ ତାଙ୍କ ଅଧୀନସ୍ଥ କୌଣସି ପୁଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇବାକୁ ନିର୍ଦ୍ଦେଶ ଦେବେ ।

**୩୨.** ଉଲ୍ଲେଖନୀୟ କି ସଂହିତାର ଧାରା ୧୫୪ (୧) ରେ, ବିଧାନମଣ୍ଡଳ ନିଜର ସାମୂହିକ ଜ୍ଞାନରେ ଯତ୍ନ ଏବଂ ସତର୍କତାର ସହ ଯୋଗ୍ୟତା ନିର୍ଣ୍ଣୟ ନକରି *"ସୂଚନା"* ଅଭିବ୍ୟକ୍ତିର ବ୍ୟବହାର କରିଛନ୍ତି, ଯେପରିକି ସଂହିତାର ଧାରା ୪୧ (୧) (କ) କିମ୍ବା (ଛ) ରେ *"ଯୁକ୍ତିଯୁକ୍ତ ଅଭିଯୋଗ"* ଏବଂ *"ବିଶ୍ୱାସଯୋଗ୍ୟ ସୂଚନା"*ର ବ୍ୟବହାର କରାଯାଇଛି । ସ୍ପଷ୍ଟତଃ, ସଂହିତାର ଧାରା ୪୧(୧) (କ) ଏବଂ (ଛ) ର ବ୍ୟତିକ୍ରମ ଧାରା ୧୫୪ (୧) ରେ 'ସୂଚନା' ଶବ୍ଦର ଅଯୋଗ୍ୟତା ଏହି କାରଣରୁ ହୋଇପାରେ ଯେ, ପୁଲିସ ଅଧିକାରୀ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିବା ସହ ଜଡ଼ିତ କୌଣସି ସୂଚନା ଲିପିବଦ୍ଧ କରିବା ଏବଂ ସେହି ଆଧାରରେ ଏକ ମାମଲା ରୁଜୁ କରିବା ପାଇଁ ମନା କରିପାରିବେ ନାହିଁ ଏହି ଆଧାରରେ ଯେ ସେ ସୂଚନାର ଯୁକ୍ତିଯୁକ୍ତତା କିମ୍ବା ବିଶ୍ୱାସନୀୟତା ନେଇ ସନ୍ତୁଷ୍ଟ ନାହାଁନ୍ତି । ଅନ୍ୟ ଭାଷାରେ କହିବାକୁ ଗଲେ, ଉକ୍ତ ସୂଚନାର 'ଯୁକ୍ତିଯୁକ୍ତତା' କିମ୍ବା 'ବିଶ୍ୱାସନୀୟତା' କୌଣସି ମାମଲା ପଞ୍ଜୀକରଣ ପାଇଁ ଏକ ପୂର୍ବ ଦୃଷ୍ଟାନ୍ତ ସର୍ତ୍ତ ନୁହେଁ । ବର୍ତ୍ତମାନର ଧାରା ୧୫୪ କୁ ପୂର୍ବବର୍ତ୍ତୀ ସଂହିତା ସହ ତୁଳନା କଲେ ଏହା ସୂଚାଇବ ଯେ ବିଧାନମଣ୍ଡଳ ଏହି ଶବ୍ଦକୁ ଯୋଗ୍ୟ ନ କରି କେବଳ 'ସୂଚନା' ଶବ୍ଦକୁ ହିଁ ବ୍ୟବହାର କରିବା ଉଚିତ ବୋଲି ଉଦ୍ଦେଶ୍ୟମୂଳକ ଭାବେ ଭାବିଥିଲା । ଭାରତୀୟ ବିଧାନ ପରିଷଦ ଦ୍ୱାରା ପାରିତ ୧୮୬୧ ର ଫୌଜଦାରୀ କାର୍ଯ୍ୟବିଧି ସଂହିତା (୧୮୬୧ ର ଅଧିନିୟମ ୨୫) ର ଧାରା ୧୩୯ ରେ କୁହାଯାଇଛି ଯେ ଏକ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ପ୍ରଦାନ କରାଯାଇଥିବା *'ପ୍ରତ୍ୟେକ ଅଭିଯୋଗ କିମ୍ବା ସୂଚନା'* ଲିଖିତ ଭାବରେ ହ୍ରାସ କରାଯିବା ଉଚିତ ଯାହା ପରବର୍ତ୍ତୀ ସମୟରେ ସଂହିତା ୧୮୭୨ ର ଧାରା ୧୧୨( ୧୮୭୨ ର ଅଧିନିୟମ ୧୦) ଦ୍ୱାରା ସଂଶୋଧିତ ହୋଇଥିଲା, ଯାହା ପରେ ପଠନ ହୋଇଥିଲା ଯେ ଏକ ଥାନାର

ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ପ୍ରଦାନ କରାଯାଇଥିବା *'ପ୍ରତ୍ୟେକ ଅଭିଯୋଗ'* ଲିଖିତ ଭାବରେ ହ୍ରାସ କରାଯିବ । ୧୮୬୧ ଏବଂ ୧୮୭୨ର ପୂର୍ବବର୍ତ୍ତୀ ଦୁଇଟି ସଂହିତାରେ ଥିବା 'ଅଭିଯୋଗ' ଶବ୍ଦକୁ ହଟାଇ ଦିଆଯାଇଥିଲା ଏବଂ ସେହି ସ୍ଥାନରେ ୧୮୮୨ ଏବଂ ୧୮୯୮ ର ସଂହିତାରେ 'ସୂଚନା' ଶବ୍ଦ ବ୍ୟବହାର କରାଯାଇଥିଲା, ଯାହାକି ବର୍ତ୍ତମାନ ସଂହିତା ୧୯୭୩ (୧୯୭୪ ର ଅଧିନିୟମ ୨) ର ଧାରା ୧୫୪,୧୫୫,୧୫୭ ଏବଂ ୧୯୦ (ଗ) ରେ ବ୍ୟବହାର କରାଯାଉଛି । ସମସ୍ତ ସଂହିତାର ସାମଗ୍ରିକ ପଠନ ଏହା ସ୍ପଷ୍ଟ କରିଥାଏ ଯେ ପ୍ରଥମ ସୂଚନା ରିପୋର୍ଟ ଲିପିବଦ୍ଧ କରିବା ଲାଗି ଯେଉଁ ସର୍ତ୍ତ ଏକାନ୍ତ ପ୍ରୟୋଜନୀୟ ଅଟେ ତାହା ହେଲା ଯେ ସୂଚନା ରହିଥିବା ଆବଶ୍ୟକ ଏବଂ ସେହି ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥିବ ।

**୩୩.** ତେଣୁ, ପ୍ରତ୍ୟକ୍ଷ ଭାବରେ ଏହା ସ୍ପଷ୍ଟ ଯେ ଯଦି ଏକ ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥିବା କୌଣସି ସୂଚନା ସଂହିତାର ଧାରା ୧୫୪ (୧) ର ଆବଶ୍ୟକତାକୁ ସନ୍ତୁଷ୍ଟ କରୁଥିବା ଏକ ଥାନାର ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମ୍ମୁଖରେ ରଖାଯାଏ, ତେବେ ଉକ୍ତ ପୁଲିସ ଅଧିକାରୀଙ୍କ ପାଖରେ ନିର୍ଦ୍ଧାରିତ ଫର୍ମରେ ଏହାର ସାରମର୍ମ ପ୍ରବେଶ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ, ଅର୍ଥାତ୍, ଏହିପରି ସୂଚନା ଆଧାରରେ ଏକ ମାମଲା ପଞ୍ଜୀକରଣ କରିବେ ।

୩୯) ଫଳସ୍ୱରୂପ ସଂହିତାର ଧାରା ୧୫୪ ଅଧୀନରେ ଏଫଆଇଆର ରେକର୍ଡ କରିବା ପାଇଁ ଯେଉଁ ସର୍ତ୍ତ ଅପରିହାର୍ଯ୍ୟ ତାହା ହେଉଛି ଯେ ସେଠାରେ ସୂଚନା ରହିଥିବା ଆବଶ୍ୟକ ଏବଂ ସେହି ସୂଚନାରେ ଧର୍ତ୍ତବ୍ୟ ଅପରାଧ ପ୍ରକାଶ ପାଇବା ଆବଶ୍ୟକ । ଯଦି କୌଣସି ଧର୍ତ୍ତବ୍ୟ ଅପରାଧ ୧୫୪ (୧) ର ଆବଶ୍ୟକତାକୁ ପୂରଣ କରୁଥିବା ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଏ, ତେବେ ଉକ୍ତ ପୁଲିସ ଅଧିକାରୀଙ୍କ ପାଖରେ ନିର୍ଦ୍ଧାରିତ ଫର୍ମରେ ଏହାର ସାରମର୍ମ ପ୍ରବେଶ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ, ଅର୍ଥାତ ଏପରି ସୂଚନା ଆଧାରରେ ମାମଲା ରୁଜୁ କରିବା । ସଂହିତାର ଧାରା ୧୫୪ର ବ୍ୟବସ୍ଥା ବାଧ୍ୟତାମୂଳକ ଏବଂ ସମ୍ପୃକ୍ତ ଅଧିକାରୀ କୌଣସି ଧର୍ତ୍ତବ୍ୟ ଅପରାଧ ବିଷୟରେ ସୂଚନା ଦେବା ଆଧାରରେ ମାମଲା ରୁଜୁ କରିବା କର୍ତ୍ତବ୍ୟବଦ୍ଧ । ତେଣୁ, ସଂହିତାର ଧାରା ୧୫୪ (୧) ର ସରଳ ଶବ୍ଦକୁ ଏହାର ଆକ୍ଷରିକ ଅର୍ଥ ଦେବା ଆବଶ୍ୟକ ।

**'ହେବ'**

୪୦) ସଂହିତାର ଧାରା ୧୫୪ (୧) ରେ "**ହେବ**" ଶବ୍ଦର ବ୍ୟବହାର ସ୍ପଷ୍ଟ ଭାବରେ ବିଧାୟୀ ଉଦ୍ଦେଶ୍ୟକୁ ଦର୍ଶାଏ ଯେ ଯଦି ପୁଲିସକୁ ଦିଆଯାଇଥିବା ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରେ ତେବେ ଏଫ୍. ଆଇ. ଆର୍ ପଞ୍ଜୀକରଣ କରିବା ବାଧ୍ୟତାମୂଳକ |

୪୧) ***ଖୁବ ଚାନ୍ଦ (ଉପରୋକ୍ତ)*** ମାମଲାରେ, ଏହି ନ୍ୟାୟାଳୟ ନିମ୍ନମତେ ଉଲ୍ଲେଖ କରିଥିଲେ:

> "୭... "ହେବ" ଶବ୍ଦ ଏହାର ସାଧାରଣ ମହତ୍ତ୍ୱରେ ବାଧ୍ୟତାମୂଳକ ଅଟେ ଏବଂ ନ୍ୟାୟାଳୟ ସାଧାରଣତଃ ସେହି ବ୍ୟାଖ୍ୟାକୁ ସେହି ଶବ୍ଦକୁ ପ୍ରଦାନ କରିବେ ଯେ ପର୍ଯ୍ୟନ୍ତ ଏହିପରି ବ୍ୟାଖ୍ୟା କିଛି ଅବୈଧ କିମ୍ବା ଅସୁବିଧାଜନକ ପରିଣାମକୁ ନେଇ ନଥାଏ କିମ୍ବା ବିଧାନମଣ୍ଡଳର ଉଦ୍ଦେଶ୍ୟ ସହିତ ଭିନ୍ନ ହୋଇନଥାଏ, ଅଧିନିୟମର ଅନ୍ୟ ଅଂଶରୁ ସଂଗ୍ରହ କରାଯାଇଥାଏ । ଉକ୍ତ ଅଭିବ୍ୟକ୍ତିର ସଂରଚନା ଏକ ନିର୍ଦ୍ଦିଷ୍ଟ ଅଧିନିୟମ ର ବ୍ୟବସ୍ଥା ଉପରେ ନିର୍ଭର କରେ, ସେହି ପୃଷ୍ଠଭୂମି ଯେଉଁଠାରେ ଅଭିବ୍ୟକ୍ତି ଦୃଶ୍ୟମାନ ହୁଏ, ଯେଉଁ ଉଦ୍ଦେଶ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ, ଏହାର ପରିଣାମ, ଯାହା ନିର୍ଦ୍ଦେଶର ଉଲ୍ଲଂଘନରୁ ପ୍ରବାହିତ ହେବ ଏବଂ ଏପରି ଅନ୍ୟ ବିଚାର ଉପରେ ନିର୍ଭର କରିଥାଏ ..।"

୪୨) ଏହା ଉଲ୍ଲେଖ କରିବା ପ୍ରାସଙ୍ଗିକ ଯେ ସଂହିତାର ଧାରା ୧୫୪ (୧) ସନ୍ଦର୍ଭରେ 'ହେବ' ଶବ୍ଦ ବ୍ୟବହାର କରିବାର ଉଦ୍ଦେଶ୍ୟ ଏହା ସୁନିଶ୍ଚିତ କରିବ ଯେ ସମସ୍ତ ଧର୍ତ୍ତବ୍ୟ ଅପରାଧ ସମ୍ବନ୍ଧୀୟ ସମସ୍ତ ସୂଚନା ପୁଲିସ ଦ୍ୱାରା ତୁରନ୍ତ ପଞ୍ଜୀକୃତ କରାଯାଇ ଏବଂ ଆଇନର ବ୍ୟବସ୍ଥା ଅନୁଯାୟୀ ତଦନ୍ତ କରାଯିବ ।

୪୩) ଅପରାଧର ତଦନ୍ତ ଏବଂ ଅପରାଧିଙ୍କ ବିରୋଧରେ ମାମଲା ରୁଜୁ କରିବା ରାଜ୍ୟର କର୍ତ୍ତବ୍ୟ । "ଧର୍ତ୍ତବ୍ୟ ଅପରାଧ" ପାଇଁ, ସଂହିତାର ଧାରା ୧୫୭ ଅଧୀନରେ ଅନ୍ୟଥା ନିର୍ଦ୍ଦିଷ୍ଟ ଅନୁମତି ଦିଆଯାଇଥିବା ବ୍ୟତୀତ ଏଫଆଇଆର ରୁଜୁ କରିବା ଏବଂ ତଦନ୍ତ କରିବା ଲାଗି ପୋଲିସକୁ ଦାୟିତ୍ୱ ଦିଆଯାଇଛି । ଯଦି ଏଫ୍. ଆଇ. ଆର୍. ପଞ୍ଜୀକରଣ ପ୍ରସଙ୍ଗରେ ପୁଲିସକୁ ଏକ ସ୍ୱଇଚ୍ଛା, ବିକଳ୍ପ କିମ୍ବା ଉଦାରତା ଅନୁମତି ଦିଆଯାଏ, ତେବେ ଏହା ସାର୍ବଜନୀନ ଶୃଙ୍ଖଳା ପରିସ୍ଥିତି ଉପରେ ଗୁରୁତର ପରିଣାମ ଆଣିପାରେ ଏବଂ ସମାନତାର ମୌଳିକ ଅଧିକାରକୁ ଉଲ୍ଲଂଘନ ଆଦେଶ ସହିତ ପୀଡିତଙ୍କ ଅଧିକାର ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇପାରେ ।

୪୪) ତେଣୁ, ଯେଉଁ ସନ୍ଦର୍ଭରେ ସଂହିତାର ଧାରା ୧୫୪ (୧) ରେ "ହେବ" ଶବ୍ଦ ଦୃଶ୍ୟମାନ ହୁଏ, ଯେଉଁ ଉଦ୍ଦେଶ୍ୟ ପାଇଁ ଏହାର ବ୍ୟବହାର କରାଯାଇଛି ଏବଂ ଏଫ ଆଇ ଆର ପଞ୍ଜୀକରଣ କରିବାର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିବା କାରଣରୁ ଯେଉଁ ପରିଣାମ ଭୋଗିବାକୁ ପଡ଼ିବ, ଏହି ସମସ୍ତ କାରଣ ସ୍ପଷ୍ଟ ଭାବେ ଦର୍ଶାଉଛି ଯେ ଧାରା ୧୫୪ (୧) ରେ ବ୍ୟବହୃତ ଶବ୍ଦକୁ "ବାଧ୍ୟତାମୂଳକ" ଚରିତ୍ରର ସାଧାରଣ ଅର୍ଥ ଦେବାର ଆବଶ୍ୟକତା ରହିଛି । ସଂହିତାର ଧାରା ୧୫୪(୧) ର ବ୍ୟବସ୍ଥା, ବୈଧାନିକ ଯୋଜନାକୁ ଦୃଷ୍ଟିରେ ରଖି ପଠନ କଲେ, ଏଫଆଇଆର ରୁଜୁ କରିବା ପୂର୍ବରୁ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିବା ଲାଗି ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ କୌଣସି ସ୍ୱତନ୍ତ୍ର ଅଧିକାର ପ୍ରଦାନ କରିବାର ସ୍ୱୀକାର କରିନଥାଏ । ଆଇନର ସ୍ଥିରୀକୃତ ସ୍ଥିତି ଏହା ଯେ ଯଦି ବ୍ୟବସ୍ଥା ସନ୍ଦେହମୁକ୍ତ ଏବଂ ଆଇନର ଉଦ୍ଦେଶ୍ୟ ସ୍ପଷ୍ଟ, ତେବେ ନ୍ୟାୟାଳୟ ଏଥି ମଧ୍ୟକୁ ସଂରଚନାର ଅନ୍ୟ କୌଣସି ନିୟମକୁ ଆହ୍ୱାନ କରିବା ଆବଶ୍ୟକ କରନ୍ତିନାହିଁ ।

୪୫) ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଅଧିନିୟମର ଯୋଜନା ସହିତ 'ହେବ' ଶବ୍ଦର ବ୍ୟବହାର ଏହି ଉପସଂହାରରେ ପହଞ୍ଚାଇବ ଯେ ବିଧି ପ୍ରଣୟନକାରୀମାନେ ଚାହୁଁଥିଲେ ଯେ ଯଦି ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ବନ୍ଧୀୟ ସୂଚନା ଦିଆଯାଏ, ତେବେ ଏହା ବାଧ୍ୟତାମୂଳକ ଭାବରେ ଥାନା ଦାୟିରେ ଥିବା ଅଧିକାରୀଙ୍କ ଦ୍ୱାରା ପଞ୍ଜୀକୃତ ହେବ । କେତେକ ଓକିଲଙ୍କ ମତରେ ‘ହେବ' କୁ 'ହୋଇପାରେ' ରୂପେ ପଠନ କଲେ ଏହା ସଂହିତାର ଯୋଜନା ବିରୁଦ୍ଧରେ ହେବ । ସଂହିତାର ଧାରା ୧୫୪ କୁ କଡ଼ାକଡ଼ି ଭାବେ ବ୍ୟାଖ୍ୟା କରିବା ଉଚିତ ଏବଂ ‘ହେବ' ଶବ୍ଦକୁ ଏହାର ପ୍ରାକୃତିକ ଅର୍ଥ ଦିଆଯିବା ଉଚିତ । ବ୍ୟାଖ୍ୟାର ସୁବର୍ଣ୍ଣ ନିୟମକୁ କେବଳ ସେସବୁ ମାମଲାରେ ହିଁ ଲାଗୁ କରାଯାଇପାରିବ ଯେଉଁଥିରେ ଏକ ଧାରାର ଭାଷା ଅସ୍ପଷ୍ଟ ଏବଂ/ଅଥବା ଏକ ଅଯୌକ୍ତିକତା ଆଡ଼କୁ ନେଇଯାଇଥାଏ ।

୪୬) ଉପରୋକ୍ତ ପରିପ୍ରେକ୍ଷୀରେ, ଆମେ ସନ୍ତୁଷ୍ଟ ଯେ ସଂହିତାର ଧାରା ୧୫୪ (୧) ରେ ଏ ସମ୍ବନ୍ଧରେ କୌଣସି ଅସ୍ପଷ୍ଟତା ନାହିଁ ଏବଂ ଏହା ସ୍ପଷ୍ଟ ଭାବେ ରହିଛି । ଏହା ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ସଂହିତାର ଧାରା ୩୯ କେତେକ ଅପରାଧ ବିଷୟରେ ସୂଚନା ଦେବାକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ

ବୈଧାନିକ କର୍ତ୍ତବ୍ୟ ନିର୍ଦ୍ଧାରଣ କରିଛି, ଯେଉଁଥିରେ ଭାରତୀୟ ଦଣ୍ଡ ସଂହିତାର ଧାରା ୧୨୧ ରୁ ୧୨୬, ୩୦୨, ୬୪-କ, ୩୮୨, ୩୯୨ ଆଦି ଅନ୍ତର୍ଗତ ଅପରାଧ ସାମିଲ ରହିଛି । ଏହି ପରାମର୍ଶ ଦେବା ଅସଙ୍ଗତ ହେବ ଯେ ଯଦିଓ କୌଣସି ଅପରାଧ ଘଟିଥିବା ସମ୍ବନ୍ଧରେ ସୂଚନା ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ, କିନ୍ତୁ ରିପୋର୍ଟ ପଞ୍ଜୀକରଣ କରିବା ପାଇଁ କୌଣସି ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଏହା ବାଧ୍ୟତାମୂଳକ ନୁହେଁ । ସଂହିତାର ଧାରା ୩୯ ରେ ଥିବା ‘ହେବ’ ଶବ୍ଦକୁ ସଂହିତାର ଧାରା ୧୫୪ (୧) ରେ ଥିବା ‘ହେବ’ ଶବ୍ଦ ଭଳି ସମାନ ଅର୍ଥ ଦିଆଯିବ ।

**‘ପୁସ୍ତକ’/’ଦୈନନ୍ଦିନୀ’**

୪୭) ଛତିଶଗଡ଼ ସରକାରଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଏଏସଜି ଏହା ବ୍ୟକ୍ତ କରିଛନ୍ତି ଯେ ସାଧାରଣ ଡାଏରୀ/ଷ୍ଟେସନ ଡାଏରୀ/ଦୈନିକ ଡାଏରୀରେ ପ୍ରବେଶ କରିବା ପରେ ‘ପୁସ୍ତକ’ରେ ଧାରା ୧୫୪ ଅନ୍ତର୍ଗତ ପ୍ରଥମ ସୂଚନା ଲିପିବଦ୍ଧ କରାଯାଇଥାଏ, ଯାହା ଥାନାରେ ଅନୁରକ୍ଷଣ କରାଯାଇଥାଏ । ତେଣୁ, ବିଦ୍ୱାନ ଏଏସଜିଙ୍କ ଅନୁସାରେ ପ୍ରାଥମିକ ସୂଚନା ହେଉଛି ସାଧାରଣ ଡାଏରୀରେ ଏକ ପ୍ରାରମ୍ଭିକ ଦସ୍ତାବିଜ, ତା’ପରେ ଯଦି କୌଣସି ପ୍ରାରମ୍ଭିକ ଅନୁସନ୍ଧାନର ଆବଶ୍ୟକତା ପଡ଼ିବ ତେବେ ପୁଲିସ ଅଧିକାରୀ ତାହା କରିପାରିବେ ଏବଂ ପରେ ସୂଚନାକୁ ଏଫଆଇଆର ଭାବେ ପଞ୍ଜୀକରଣ କରାଯିବ ।

୪୮) ଏହି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଭିତ୍ତିହୀନ । ପ୍ରାଥମିକ ସୂଚନା ରିପୋର୍ଟ ହେଉଛି ପ୍ରକୃତରେ ସେହି ସୂଚନା ଯାହା ପ୍ରଥମେ ପ୍ରାପ୍ତ ହୋଇଥାଏ, ଯାହା ଲିଖିତ ରୂପରେ ଦିଆଯାଏ କିମ୍ବା ଲିଖିତ ରୂପରେ ପରିବର୍ତ୍ତନ କରାଯାଇଥାଏ । ଏହା ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଡାଏରୀରେ ଲିପିବଦ୍ଧ କରାଯିବାକୁ ଥିବା ଏହାର "ସାରମର୍ମ" ନୁହେଁ । 'ସାଧାରଣ ଡାଏରୀ "(କେତେକ ରାଜ୍ୟରେ' ଷ୍ଟେସନ୍ ଡାଏରୀ' କିମ୍ବା 'ଦୈନିକ ଡାଏରୀ' ମଧ୍ୟ କୁହାଯାଏ) ଶବ୍ଦର ରକ୍ଷଣାବେକ୍ଷଣ ସଂହିତାର ଅଧିନିୟମ ୧୫୪ ଅଧୀନରେ ନୁହେଁ, ବରଂ ଯେଉଁ ରାଜ୍ୟ ଗୁଡିକରେ ଏହା ପ୍ରଯୁଜ୍ୟ, ସେହି ରାଜ୍ୟ ଗୁଡ଼ିକରେ ପୋଲିସ୍ ଅଧିନିୟମ, ୧୮୬୧ ର ଧାରା ୪୪ ର ବ୍ୟବସ୍ଥା ଅନୁଯାୟୀ କିମ୍ବା ଏକ ରାଜ୍ୟ ପାଇଁ ପ୍ରଯୁଜ୍ୟ ପୁଲିସ୍ ଅଧିନିୟମ (ଗୁଡ଼ିକ) ର ସମ୍ପୃକ୍ତ ବ୍ୟବସ୍ଥା ଅନୁଯାୟୀ କିମ୍ବା ମାମଲା ଯେପରି ହେଉଥାଉ, ରାଜ୍ୟର ପୋଲିସ୍ ମାନୁଆଲ୍

ଅଧୀନରେ ରକ୍ଷଣାବେକ୍ଷଣ କରାଯାଇଥାଏ । ପୁଲିସ ଅଧିନିୟମ ୧୮୬୧ ର ଧାରା ୪୪ କୁ ନିମ୍ନରେ ପୁନଃ ଦର୍ଶାଯାଇଛି :-

> "**୪୪. ପୁଲିସ ଅଧିକାରୀମାନେ ଡାଏରୀ ରଖିବେ -** ସମୟ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଏକ ସାଧାରଣ ଡାଏରୀ ରଖିବା ଥାନାର ଦାୟିତ୍ୱରେ ଥିବା ପ୍ରତ୍ୟେକ ଅଧିକାରୀଙ୍କ କର୍ତ୍ତବ୍ୟ ହେବ ଏବଂ ସେଥିରେ ସମସ୍ତ ଅଭିଯୋଗ ଏବଂ ଅଭିଯୁକ୍ତ, ଗିରଫ ହୋଇଥିବା ସମସ୍ତ ବ୍ୟକ୍ତିଙ୍କ ନାମ, ଅଭିଯୋଗକାରୀଙ୍କ ନାମ, ସେମାନଙ୍କ ବିରୋଧରେ ଆରୋପ ହୋଇଥିବା ଅପରାଧ, ଅସ୍ତ୍ରଶସ୍ତ୍ର କିମ୍ବା ସମ୍ପତ୍ତି ଯାହା ସେମାନଙ୍କ ଦଖଲରୁ କିମ୍ବା ଅନ୍ୟଥା ନିଆଯାଇଥିବ, ଏବଂ ଯାଞ୍ଚ ହୋଇଥିବା ସାକ୍ଷୀମାନଙ୍କ ନାମ ରହିବ । ଜିଲ୍ଲାର ମାଜିଷ୍ଟ୍ରେଟ୍ ଏପରି ଡାଏରୀ ଯାଞ୍ଚ ପାଇଁ ଯେକୌଣସି ବ୍ୟକ୍ତିଙ୍କୁ ଡାକିବାକୁ ସ୍ୱାଧୀନ ହେବେ ।"

୪୯) ଏହା ଉଲ୍ଲେଖ କରିବା ପ୍ରଯୁଜ୍ୟ ଯେ, ୧୮୬୧ ମସିହାରେ ଯେତେବେଳେ ଉପରୋକ୍ତ ପୁଲିସ ଅଧିନିୟମ, ୧୮୬୧ ପାରିତ ହୋଇଥିଲା, ସେତେବେଳେ ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୮୬୧ ମଧ୍ୟ ପାରିତ ହୋଇଥିଲା । ଏହି ସଂହିତାର ଧାରା ୧୩୯ ଏଫଆଇଆର ପଞ୍ଜୀକରଣ ସହ ଜଡ଼ିତ ଏବଂ ଏହି ଧାରାକୁ "ଡାଏରୀ" ଶବ୍ଦ ଭାବେ ମଧ୍ୟ ଉଲ୍ଲେଖ କରାଯାଇଛି, ଯାହାକି ଏହି ଧାରାର ଭାଷାରେ ଦେଖାଯାଇପାରିବ, ଯାହା ନିମ୍ନରେ ଉଲ୍ଲେଖ କରାଯାଇଛି:-

> "୧୩୯. କୌଣସି ଥାନାରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦିଆଯାଇଥିବା ପ୍ରତ୍ୟେକ ଅଭିଯୋଗ ବା ସୂଚନା ଲିଖିତ ଆକାରରେ ହ୍ରାସ କରାଯିବ ଏବଂ ସ୍ଥାନୀୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରପତ୍ରରେ ସେହି ଅଫିସରଙ୍କ ଦ୍ୱାରା ରଖାଯିବାକୁ ଥିବା ଏକ **ଡାଇରୀ** ରେ ଏହାର ସାରବସ୍ତୁ ପ୍ରବିଷ୍ଟ କରାଯିବ ।"

ତେଣୁ ପୁଲିସ ଅଧିନିୟମ, ୧୮୬୧ ଏବଂ ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୮୬୧, ଯାହା ଉଭୟ ସମାନ ବର୍ଷରେ ପାରିତ ହୋଇଥିଲେ, ସେହି ସମାନ ଶବ୍ଦ "ଡାଇରୀ" ବ୍ୟବହାର କରିଥିଲେ ।

୫୦) ତେବେ, ୧୮୭୨ ମସିହାରେ ଏକ ନୂତନ ସଂହିତା ପାରିତ ହୋଇଥିଲା ଯାହା ଅପରାଧ ପ୍ରକ୍ରିୟା ସଂହିତା, ୧୮୭୨ ନାମରେ ଜଣାଗଲା ।ସଂହିତାର ଧାରା ୧୧୨ ଏଫଆଇଆର ର ପଞ୍ଜୀକରଣ ପ୍ରସଙ୍ଗରେ ବ୍ୟବହାର କରାଗଲା ଏବଂ ଏହା ନିମ୍ନରେ ପ୍ରଦାନ କରାଗଲା:-

> "୧୧୨. ଥାନାର ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକୁ ଲିଖିତ ରୂପ ଦିଆଯିବ ଏବଂ ଏହାକୁ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ଦସ୍ତଖତ, ମୋହରଯୁକ୍ତ ବା ଚିହ୍ନଟ କରାଯିବ ଏବଂ ସ୍ଥାନୀୟ ସରକାର ଦ୍ୱାରା ନିର୍ଦ୍ଧାରିତ

ପ୍ରପତ୍ରରେ ଏପରି ଅଧିକାରୀଙ୍କ ଦ୍ୱାରା ରଖାଯିବାକୁ ଥିବା **ପୁସ୍ତକ**ରେ ତାହାର ସାରବସ୍ତୁ ପ୍ରବିଷ୍ଟ କରାଯିବ ।"

୫୧) ଏହା, ତେଣୁ, ସ୍ପଷ୍ଟ ଯେ ଅପରାଧ ପ୍ରକ୍ରିୟା ସଂହିତା, ୧୮୭୨ ରେ ଏକ ବ୍ୟତିକ୍ରମ କରି 'ଡାଇରୀ' ସ୍ଥାନରେ 'ପୁସ୍ତକ' ଶବ୍ଦ ବ୍ୟବହାର କରାଯାଇଥିଲା । 'ପୁସ୍ତକ' ଶବ୍ଦ ସ୍ପଷ୍ଟ ଭାବେ ଏଫଆଇଆର ପଞ୍ଜୀକରଣ ପାଇଁ ସଂହିତା ଅଧୀନରେ ରଖାଯାଇଥିବା ଏଫଆଇଆର ପୁସ୍ତକକୁ ସୂଚିତ କରିଥିଲା ।

୫୨) ଏଫଆଇଆର ପୁସ୍ତକ କିମ୍ବା ସାଧାରଣ ଡାଏରୀରେ ଏଫଆଇଆର ଲିପିବଦ୍ଧ କରାଯିବାର ପ୍ରଶ୍ନ ଆଉ *ଅନିର୍ଣ୍ଣିତ ବିଷୟ* ହୋଇ ରହିନାହିଁ । ଏହି ପ୍ରସଙ୍ଗଟି ପୂର୍ବରୁ ଏହି ନ୍ୟାୟାଳୟ ଦ୍ୱାରା ପ୍ରାଧିକୃତ ଭାବେ ନିଷ୍ପତ୍ତି ହୋଇସାରିଛି ।

୫୩) ***ମଧୁ ବାଲା*** ବନାମ ***ସୁରେଶ କୁମାର*** (୧୯୯୭) ୮ ଏସ. ସି. ସି. ୪୭୬ ମାମଲାରେ ଏହି ଅଦାଲତ କହିଛନ୍ତି ଯେ ଏଫ୍. ଆଇ. ଆର୍. ରେଜିଷ୍ଟରରେ ଏଫ୍. ଆଇ. ଆର୍. ପଞ୍ଜୀକୃତ ହେବା ଆବଶ୍ୟକ, ଯାହା ୨୦୦ ପୃଷ୍ଠାର ଏକ ପୁସ୍ତକ ହେବ । ଏହା ସତ୍ୟ ଯେ ଏହି ସୂଚନାର ସାରାଂଶ ମଧ୍ୟ ଦୈନିକ ଡାଏରୀ (କିମ୍ବା ସାଧାରଣ ଡାଏରୀ) ରେ ଉଲ୍ଲେଖ କରାଯିବ । କିନ୍ତୁ ମୌଳିକ ଆବଶ୍ୟକତା ହେଉଛି ଏଫ୍ଆଇଆର୍ ପୁସ୍ତକ କିମ୍ବା ରେଜିଷ୍ଟରରେ ଏଫ୍ଆଇଆର୍ ପଞ୍ଜୀକୃତ କରିବା । ଏପରିକି ***ଭଜନଲାଲ (ଉପରୋକ୍ତ)*** ରେ ଏହି ନ୍ୟାୟାଳୟ କହିଥିଲେ ଯେ ଏଫଆଇଆର ଏକ ଫର୍ମରେ, ଯାହାକୁ ସାଧାରଣତଃ 'ପ୍ରାଥମିକ ସୂଚନା ରିପୋର୍ଟ' କୁହାଯାଏ, ଏକ ପୁସ୍ତକରେ ପ୍ରବେଶ କରିବାକୁ ହେବ ।

୫୪) ତେଣୁ ଏହା ସ୍ପଷ୍ଟ ଯେ ଏଫଆଇଆର ବୁକ୍ କିମ୍ବା ଏଫଆଇଆର ରେଜିଷ୍ଟର ନାମକ ପୁସ୍ତକରେ ଏଫଆଇଆର ପଞ୍ଜୀକରଣ କରାଯିବ । ଅବଶ୍ୟ, ଏହା ସହିତ, ଏଫଆଇଆର ର ସାରାଂଶ କିମ୍ବା ଏଫଆଇଆରର ବିଷୟବସ୍ତୁ ମଧ୍ୟ ସାଧାରଣ ଡାଏରୀରେ ଏକ ସମୟରେ ଉଲ୍ଲେଖ କରାଯାଇ ପାରିବ, ଯାହାକି, ଘଟଣା ଯେପରି ହୋଇଥାଉ, ସମ୍ପୃକ୍ତ ପୁଲିସ ଅଧିନିୟମ କିମ୍ବା ନିୟମାବଳୀରେ ରାଜ୍ୟର ପ୍ରାବଧାନରେ ଉଲ୍ଲେଖ କରାଯାଇଛି ।

୫୫) ସାଧାରଣ ଡାଏରୀ ପୁଲିସ ଷ୍ଟେସନରେ ହେଉଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ କାରବାର/ଘଟଣାର ରେକର୍ଡ ଅଟେ, ଯେଉଁଥିରେ ପୁଲିସ କର୍ମଚାରୀଙ୍କ ପ୍ରସ୍ଥାନ ଏବଂ ଆଗମନ, ଦାୟିତ୍ୱ ହସ୍ତାନ୍ତର କିମ୍ବା ଦାୟିତ୍ୱ ଗ୍ରହଣ, କୌଣସି ବ୍ୟକ୍ତିଙ୍କୁ ଗିରଫ, ଆଇନ ଓ ଶୃଙ୍ଖଳା ଦାୟିତ୍ୱର ବିଶଦ ବିବରଣୀ, ବରିଷ୍ଠ ଅଧିକାରୀଙ୍କ ପରିଦର୍ଶନ ଇତ୍ୟାଦି ସାମିଲ ରହିଛି । ଏହି ପରିପ୍ରେକ୍ଷୀରେ, ଥାନାରେ ପଞ୍ଜୀକୃତ ହେଉଥିବା ପ୍ରତ୍ୟେକ ଏଫଆଇଆରର ସାରାଂଶ କିମ୍ବା ବିଷୟବସ୍ତୁ ମଧ୍ୟ ସାଧାରଣ ଡାଏରୀରେ ଉଲ୍ଲେଖ

କରାଯାଇଛି କାରଣ ଥାନାରେ ଏଫଆଇଆରର ପଞ୍ଜୀକରଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଅଟେ । ଯେହେତୁ ସାଧାରଣ ଡାଏରୀ ହେଉଛି ଏକ ରେକର୍ଡ ଯାହାକି ଦିନକୁ ଦିନ ଆଧାରରେ ରଖାଯାଇଥାଏ (ପ୍ରତିଦିନ, ନୂଆ ନମ୍ବର ୧ ଠାରୁ ଆରମ୍ଭ କରି), ତେଣୁ ସାଧାରଣ ଡାଏରୀ ପ୍ରବେଶ ସନ୍ଦର୍ଭ ମଧ୍ୟ ଏଫଆଇଆର ପୁସ୍ତକରେ ଏକ ସମୟରେ ଉଲ୍ଲେଖ କରାଯାଇଥାଏ, ଯେତେବେଳେ କି ସାଧାରଣ ଡାଏରୀରେ ଏଫଆଇଆର ନମ୍ବର ଉଲ୍ଲେଖ କରାଯାଇଥାଏ କାରଣ ଉଭୟ ଏକ ସମୟରେ ପ୍ରସ୍ତୁତ କରାଯାଇଥାଏ ।

୫୬) ଏହା ଦର୍ଶାଇବା ପ୍ରାସଙ୍ଗିକ ଯେ ବାର୍ଷିକ ଭିତ୍ତିରେ ଦିଆଯାଉଥିବା ସଂଖ୍ୟା ସହିତ ଏଫଆଇଆର ପୁସ୍ତକ ରକ୍ଷଣାବେକ୍ଷଣ କରାଯାଇଥାଏ । ଏହାର ଅର୍ଥ ହେଉଛି ଯେ ପ୍ରତ୍ୟେକ ଏଫ୍ଆଇଆର ରେ ଏହାକୁ ଦିଆଯାଇଥିବା ଏକ ସ୍ୱତନ୍ତ୍ର ବାର୍ଷିକ ସଂଖ୍ୟା ରହିଛି । ଏହା ଅଦାଲତରେ ଦିଆଯାଉଥିବା ମାମଲା ସଂଖ୍ୟା ଅନୁରୂପ । ଏହି କାରଣରୁ, ତଦାରଖ କରୁଥିବା ପୁଲିସ ଅଧିକାରୀ ଏବଂ ଆବଶ୍ୟକ ସ୍ଥଳେ ଅଦାଲତମାନଙ୍କ ଦ୍ୱାରା ଏଫଆଇଆର ପଞ୍ଜୀକରଣ ଉପରେ କଡ଼ା ନିୟନ୍ତ୍ରଣ ରଖିବା ଏବଂ ନଜର ରଖିବା ସମ୍ଭବ ହୋଇଥାଏ । ପ୍ରତ୍ୟେକ ଏଫଆଇଆରର ନକଲ ବରିଷ୍ଠ ଅଧିକାରୀ ଏବଂ ସଂପୃକ୍ତ ନ୍ୟାୟିକ ମାଜିଷ୍ଟ୍ରେଟଙ୍କୁ ପଠାଯାଇଥାଏ ।

୫୭) ଅନ୍ୟପକ୍ଷରେ, ସାଧାରଣ ଡାଏରୀରେ ପ୍ରତିଦିନ ହେଉଥିବା କାର୍ଯ୍ୟର ଅନେକ ବିସ୍ତୃତ ବିବରଣୀ ରହିଛି । ସାଧାରଣ ଡାଏରୀର ପ୍ରତିଲିପି ଥାନା ଅଧିକାରିତା କ୍ଷେତ୍ରରେ ଥିବା ନ୍ୟାୟିକ ମାଜିଷ୍ଟ୍ରେଟଙ୍କୁ ପଠାଯାଇ ନଥାଏ, ଯଦିଓ ଏହାର ପ୍ରତିଲିପି ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଠାଯାଇଥାଏ । ତେଣୁ, ଏଥିରେ ଉଲ୍ଲେଖ କରାଯାଇଥିବା ଅନ୍ୟାନ୍ୟ ସବିଶେଷ ତଥ୍ୟ ଏବଂ ପ୍ରତିଦିନ ବଦଳୁଥିବା ସଂଖ୍ୟା କୁ ଦୃଷ୍ଟିରେ ରଖି ସାଧାରଣ ଡାଏରୀରେ ଲିପିବଦ୍ଧ ପ୍ରତ୍ୟେକ ଏଫ୍ଆଇଆରକୁ ବରିଷ୍ଠ ପୁଲିସ ଅଧିକାରୀ ଏବଂ/କିମ୍ବା ଅଦାଲତଙ୍କ ଦ୍ୱାରା କଡାକଡି ଭାବେ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ ।

୫୮) ଯେତେବେଳେ ଥାନାରେ ଅଭିଯୋଗ ଦାଖଲ କରାଯାଏ, ଏଫଆଇଆର ପୁସ୍ତକରେ ଅଭିଯୋଗକାରୀଙ୍କ ଦସ୍ତଖତ ନିଆଯାଇଥାଏ । ଅନ୍ୟପକ୍ଷରେ,ସାଧାରଣ ଡାଏରୀରେ ଅଭିଯୋଗକାରୀଙ୍କ ହସ୍ତାକ୍ଷର ନେବାର କୌଣସି ଆବଶ୍ୟକତା ନାହିଁ । ଏତଦବ୍ୟତୀତ, ବେଳେବେଳେ ପ୍ରଦାନ କରାଯାଇଥିବା ଅଭିଯୋଗରେ ଅନେକ ପୃଷ୍ଠା ଥାଇ ପାରେ, ସେ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଭିଯୋଗ ନୁହେଁ କେବଳ ଅଭିଯୋଗର ସାରାଂଶ ଯାହା ସାଧାରଣ ଡାଏରୀରେ ଲିପିବଦ୍ଧ କରାଯିବ । ସାଧାରଣ ଡାଏରୀରେ ଯାହା ଲିପିବଦ୍ଧ କରାଯାଇଛି ତାହା ଏଫଆଇଆର ପଞ୍ଜୀକରଣର ଧାରା ୧୫୪ ର ଆବଶ୍ୟକତା ପୂରଣ/ଅନୁପାଳନ ବୋଲି ବିବେଚନା କରାଯିବା ଉଚିତ ବୋଲି ପରାମର୍ଶ ସହିତ ଏହା ଖାପ ଖାଇବ

ନାହିଁ । ବାସ୍ତବରେ, ସାଧାରଣ ଅଭ୍ୟାସ ହେଉଛି ଏଫଆଇଆର ପୁସ୍ତକରେ ସମ୍ପୂର୍ଣ୍ଣ ଅଭିଯୋଗକୁ ଲିପିବଦ୍ଧ କରିବା (କିମ୍ବା ଏହାକୁ ଏଫଆଇଆର ଫର୍ମ ସହିତ ସଂଲଗ୍ନ କରିବା) କିନ୍ତୁ ସାଧାରଣ ଡାଏରୀରେ କେବଳ ଗୋଟିଏ କିମ୍ବା ଦୁଇଟି ଅନୁଚ୍ଛେଦ (ସୂଚନାର ସାରାଂଶ) ଲିପିବଦ୍ଧ କରାଯାଏ ।

୫୯) ଉପରୋକ୍ତ ପରିପ୍ରେକ୍ଷୀରେ, ଏହା ଉଲ୍ଲେଖ କରିବା ଉପଯୋଗୀ ହେବ ଯେ ଏହି ସଂହିତା ସମ୍ବିଧାନର ସପ୍ତମ ଅନୁସୂଚୀର  ମିଳିତ ତାଲିକାର ପ୍ରବେଶ ୨ ଅଧୀନରେ ଅଧିନିୟମିତ ହୋଇଥିଲା, ଯାହାକି ନିମ୍ନରେ ଉଲ୍ଲେଖ କରାଗଲା:—

> "୨. ଏହି ସଂବିଧାନର ପ୍ରାରମ୍ଭରେ ଅପରାଧିକ ପ୍ରକ୍ରିୟା ସଂହିତାରେ ଅନ୍ତର୍ଭୁକ୍ତ ସମସ୍ତ ବିଷୟ ସମେତ ଫୌଜଦାରୀ ପ୍ରକ୍ରିୟା ।"

ଅନ୍ୟପକ୍ଷରେ ପୁଲିସ ଅଧିନିୟମ, ୧୮୬୧ (ଅଥବା ସମ୍ପୃକ୍ତ ରାଜ୍ୟରେ ଅନୁରୂପ ଅନ୍ୟ ଅଧିନିୟମ) ସମ୍ବିଧାନର ସପ୍ତମ ଅନୁସୂଚୀର  ରାଜ୍ୟ ତାଲିକାର ପ୍ରବେଶ ୨ ଅନ୍ତର୍ଗତ ପ୍ରଣୟନ କରାଯାଇଥିଲା, ଯାହାକି ନିମ୍ନରେ ଉଲ୍ଲେଖ କରାଗଲା:-

> "୨. ତାଲିକା ୧ର ପ୍ରବେଶ ୨କ ର ବ୍ୟବସ୍ଥା ବଶବର୍ତ୍ତୀ ପୁଲିସ (ରେଳ ଏବଂ ଗ୍ରାମ ପୁଲିସ ସମେତ) ।"

୬୦) ବର୍ତ୍ତମାନ, ଏହି ମୁହୂର୍ତ୍ତରେ, ସମ୍ବିଧାନର ଅନୁଚ୍ଛେଦ ୨୫୪ (୧) କୁ ଉଲ୍ଲେଖ କରିବା ଆବଶ୍ୟକ, ଯେଉଁଥିରେ ସଂସଦ ଏବଂ ରାଜ୍ୟ ବିଧାନମଣ୍ଡଳ ଗୁଡ଼ିକ ଦ୍ୱାରା ପ୍ରଣୀତ ଆଇନ ମଧ୍ୟରେ ଅସଙ୍ଗତି ସମ୍ବନ୍ଧୀୟ ବ୍ୟବସ୍ଥା ରହିଛି । ଅନୁଚ୍ଛେଦ ୨୫୪ (୧) କୁ ନିମ୍ନୋକ୍ତ ଭାବେ ପୁନରୁତ୍ପାଦିତ କରାଯାଇଛି:-

> **"୨୫୪. ସଂସଦ ଦ୍ୱାରା ପ୍ରଣୀତ ବିଧି ଏବଂ ରାଜ୍ୟ ବିଧାନମଣ୍ଡଳମାନଙ୍କ ଦ୍ୱାରା ପ୍ରଣୀତ ବିଧି ମଧ୍ୟରେ ଅସଙ୍ଗତି**
>
> (୧) ଯଦି କୌଣସି ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ କୌଣସି ଆଇନର କୌଣସି ବ୍ୟବସ୍ଥା ସଂସଦ ଦ୍ୱାରା ପ୍ରଣୀତ କୌଣସି ଆଇନର କୌଣସି ବ୍ୟବସ୍ଥା ପ୍ରତି ପ୍ରତିକୂଳ ହୋଇଥାଏ, ଯାହା ସଂସଦ ଅଧିନିୟମିତ କରିବାକୁ ଯୋଗ୍ୟ ଅଟେ, କିମ୍ବା ମିଳିତ ତାଲିକାରେ ବର୍ଣ୍ଣିତ ବିଷୟ  ଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ସମ୍ବନ୍ଧରେ ବିଦ୍ୟମାନ ଆଇନର କୌଣସି ବ୍ୟବସ୍ଥା  ପ୍ରତି ପ୍ରତିକୂଳ ହୋଇଥାଏ, ତେବେ, ଖଣ୍ଡ (୨) ର ବ୍ୟବସ୍ଥାଗୁଡ଼ିକର ବଶବର୍ତ୍ତୀ ରହି, ସଂସଦ ଦ୍ୱାରା ପ୍ରଣୀତ ଆଇନ, ସେପରି ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ ପୂର୍ବରୁ କିମ୍ବା ପରେ ପାରିତ ହେଉ, କିମ୍ବା,

> ପରିସ୍ଥିତି ଅନୁଯାୟୀ, ବିଦ୍ୟମାନ ଆଇନ, ପ୍ରାଧାନ୍ୟ ଲାଭ କରିବ ଏବଂ ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ, ପ୍ରତିକୂଳତାର ସୀମା ପର୍ଯ୍ୟନ୍ତ , ଅସିଦ୍ଧ ହେବ ।"

ତେଣୁ ସମ୍ବିଧାନର ଅନୁଚ୍ଛେଦ ୨୫୪ (୧) ରୁ ଏହା ସ୍ପଷ୍ଟ ଯେ ଯଦି ସଂହିତାର ବ୍ୟବସ୍ଥା ଏବଂ ପୁଲିସ ଅଧିନିୟମ, ୧୮୬୧ର ବ୍ୟବସ୍ଥା ମଧ୍ୟରେ କୌଣସି ଅସଙ୍ଗତି ଥାଏ, ତେବେ ସଂହିତାର ବ୍ୟବସ୍ଥା ପ୍ରଚଳିତ ହେବ, ଏବଂ ପୁଲିସ ଅଧିନିୟମର ବ୍ୟବସ୍ଥା ବିରୋଧାଭାସ ପର୍ଯ୍ୟନ୍ତ ଅସିଦ୍ଧ ହୋଇଯିବ ।

୬୧) ଏଫଆଇଆର ପଞ୍ଜୀକରଣ ଏଫଆଇଆର ପୁସ୍ତକରେ କରାଯିବ କିମ୍ବା ସାଧାରଣ ଡାଏରୀରେ କରାଯିବ, ଏହି ତଥ୍ୟ ସମ୍ବନ୍ଧରେ ଯଦି ସଂହିତାର ଧାରା ୧୫୪ ଏବଂ ପୁଲିସ ଅଧିନିୟମର ଧାରା ୪୪ ର ବ୍ୟବସ୍ଥାରେ କୌଣସି ଅସଙ୍ଗତି ଥାଏ, ତେବେ ସଂହିତାର ଧାରା ୧୫୪ ର ବ୍ୟବସ୍ଥା ପ୍ରଚଳିତ ହେବ ଏବଂ ପୁଲିସ ଅଧିନିୟମ ୧୮୬୧ର ଧାରା ୪୪ ର ବ୍ୟବସ୍ଥା (କିମ୍ବା ଅନ୍ୟ ରାଜ୍ୟର ସମ୍ପୃକ୍ତ ପୁଲିସ ଅଧିନିୟମ କିମ୍ବା ନିୟମାବଳୀର ଅନୁରୂପ ବ୍ୟବସ୍ଥା) ବିରୋଧାତ୍ମକ ସୀମା ପର୍ଯ୍ୟନ୍ତ ଅସିଦ୍ଧ ହେବ । ତେଣୁ, ସଂହିତାର ଧାରା ୧୫୪ ଅନୁଯାୟୀ ଏଫ୍. ଆଇ. ଆର୍. ପୁସ୍ତକରେ ଏଫ୍ଆଇଆର୍ ଲିପିବଦ୍ଧ କରିବାକୁ ହେବ, ଏବଂ ଏହା କହିବା ଠିକ୍ ନୁହେଁ ଯେ ସୂଚନା ପ୍ରଥମେ ସାଧାରଣ ଡାଏରୀରେ ଲିପିବଦ୍ଧ କରାଯିବ ଏବଂ କେବଳ ପ୍ରାଥମିକ ତଦନ୍ତ ପରେ, ଯଦି ଆବଶ୍ୟକ ହୁଏ, ସୂଚନା ଏଫ୍ଆଇଆର୍ ଭାବରେ ପଞ୍ଜୀକୃତ ହେବ ।

**୬୨)** ତେବେ ଏହି ନ୍ୟାୟାଳୟ ***ତପନ କୁମାର ସିଂ (ଉପରୋକ୍ତ)*** ଙ୍କ ମାମଲାରେ କହିଥିଲେ ଯେ, ଏକ ସାଧାରଣ ଡାଏରୀ ଉଲ୍ଲେଖକୁ ଏକ ଉପଯୁକ୍ତ ମାମଲାରେ ପ୍ରାଥମିକ ସୂଚନା ଭାବେ ଗ୍ରହଣ କରାଯାଇପାରେ, ଯେଉଁଠାରେ ଏହା ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ପ୍ରକାଶ କରିଥାଏ । ନିମ୍ନମତେ ଏହା କୁହାଯାଇଥିଲା:

> "**୧୫.** ଏହି ଫଳାଫଳର ସଠିକତା ଯାହାକି ଆବେଦନକାରୀମାନଙ୍କ ଦ୍ୱାରା ଆମ ସମ୍ମୁଖରେ ଆକ୍ଷେପିତ ହୋଇଛି । ସେମାନେ ଯୁକ୍ତି ବାଢୁଛନ୍ତି ଯେ ସାଧାରଣ ଡାଏରୀ ପ୍ରବେଶରେ ଲିପିବଦ୍ଧ କରାଯାଇଥିବା ସୂଚନା କୌଣସି ଧର୍ତ୍ତବ୍ୟ ଅପରାଧ ଘଟିବାର ସୂଚନା ଦେଇଥାଏ । ସେମାନେ କହିଥିଲେ ଯେ ଯଦିଓ ସେମାନଙ୍କର ବିବାଦ ଯେ ସାଧାରଣ ଡାଏରୀ ଲିଖିତ କରିବା ପରେ କେବଳ ପ୍ରାଥମିକ ଅନୁସନ୍ଧାନ କରାଯାଇଥିଲା, ତାହା ଗ୍ରହଣୀୟ ନୁହେଁ, ତଥାପି ସେମାନେ ଅନୁସନ୍ଧାନର ବୈଧତା ବଜାୟ ରଖିବାକୁ ହକଦାର ଏହି ଆଧାରରେ ଯେ ସାଧାରଣ ଡାଏରୀ ଲିଖିତକୁ ପ୍ରାଥମିକ ସୂଚନା ରିପୋର୍ଟ ଭାବରେ ଗ୍ରହଣ କରାଯାଇପାରେ, ଯେହେତୁ ଏହା ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ପ୍ରକାଶ କରିଥିଲା ।

**୧୬.** ଆମ ସମ୍ମୁଖରେ ଥିବା ପକ୍ଷମାନେ ଆଇନଗତ ସ୍ଥିତିକୁ ବିବାଦ କରିନଥିଲେ ଯେ ଏକ ସାଧାରଣ ଡାଏରୀ ଲିଖିତକୁ କୌଣସି ଉପଯୁକ୍ତ ମାମଲାରେ ପ୍ରାଥମିକ ସୂଚନା ରିପୋର୍ଟ ଭାବେ ଗ୍ରହଣ କରାଯାଇପାରେ, ଯେଉଁଠାରେ ଏହା ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବାକୁ ପ୍ରକାଶ କରିଥାଏ । ଯଦି ଆବେଦନକାରୀଙ୍କ ଯୁକ୍ତିକୁ ସ୍ୱୀକାର କରାଯାଏ, ତେବେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଖାରଜ କରାଯିବା ଉଚିତ କାରଣ ଯଦି ଆଇନରେ କୌଣସି ଧର୍ତ୍ତବ୍ୟ ଅପରାଧ ଘଟାଇବାର ସୂଚନା ଥିବା ପ୍ରାଥମିକ ସୂଚନା ରିପୋର୍ଟରେ ରହିଥାଏ, ତେବେ ତଦନ୍ତ କରିବା, ଏବଂ ଅନୁସନ୍ଧାନ ପ୍ରକ୍ରିୟାରେ ତଲାସ ଓ ଜବତ କରିବାକୁ ପୁଲିସର କ୍ଷମତା ଓ ଅଧିକାରିତା ରହିଥାଏ । ତେଣୁ ପ୍ରାରମ୍ଭିକ ତଦନ୍ତର ବୈଧତା ଏବଂ ତଲାସ ଓ ଜବତ କରିବାର ବୈଧତାର ପ୍ରଶ୍ନ ଉପରେ ଅଧିବକ୍ତା ସଂଘ ଦ୍ୱାରା ଦର୍ଶାଯାଇଥିବା ନଜିର ଗୁଡିକୁ ବିଚାର କରିବା ଆମ ପାଇଁ ଆବଶ୍ୟକ ନୁହେଁ ।

Xxx xxxx

**୧୯.** ପୋଲିସ ଦ୍ୱାରା ପ୍ରାପ୍ତ ସୂଚନାକୁ ପ୍ରଥମ ସୂଚନା ରିପୋର୍ଟ ଭାବରେ ବିବେଚନା କରାଯାଇପାରିବ ନାହିଁ ବୋଲି ଭାବି ଉଚ୍ଚ ନ୍ୟାୟାଳୟ ଏକ ଭ୍ରାନ୍ତିରେ ପଡ଼ିଥିଲେ ଯେହେତୁ ଅଭିଯୋଗଟି ଅସ୍ପଷ୍ଟ ଥିଲା କାରଣ କାହାଠାରୁ ଏକ ଲକ୍ଷ ଟଙ୍କା ଦାବି କରାଯାଇଥିଲା ଏବଂ ଗ୍ରହଣ କରାଯାଇଥିଲା ତାହା ଉଲ୍ଲେଖ କରାଯାଇ ନଥିଲା । ଏପରିକି ଏହା ମଧ୍ୟ କୁହାଯାଇ ନଥିଲା ଯେ ଏପରି ଦାବି କିମ୍ବା ସ୍ୱୀକୃତି କୌଣସି ସରକାରୀ କାର୍ଯ୍ୟ କରିବା କିମ୍ବା ବିରତ କରିବା ପାଇଁ ଅଭିପ୍ରାୟ କିମ୍ବା ପୁରସ୍କାର, କିମ୍ବା କୌଣସି ବ୍ୟକ୍ତିଙ୍କ ପ୍ରତି ନିଜର ସରକାରୀ କ୍ଷମତା ପ୍ରୟୋଗ ପ୍ରଦର୍ଶନ ପାଇଁ ଦେଖାଇ ହେବା କିମ୍ବା ବିରତ ରହିବା, କୌଣସି ବ୍ୟକ୍ତିଙ୍କୁ ଉପକାର କିମ୍ବା ଅସନ୍ତୋଷ ପ୍ରଦର୍ଶନ କରିବା ପାଇଁ କିମ୍ବା କୌଣସି ବ୍ୟକ୍ତିଙ୍କ ପ୍ରତି କୌଣସି ସେବା ପ୍ରଦାନ କରିବା ବା ନକରିବା ପାଇଁ ପ୍ରୟାସ କରିବା ପାଇଁ ପ୍ରଦାନ କରାଯାଉଥିଲା । ତେଣୁ ପୁଲିସ ଅଧିକାରୀଙ୍କ ପାଇଁ ଅପରାଧ ଘଟିଥିବା ସନ୍ଦେହ କରିବାର କୌଣସି ଆଧାର ନଥିଲା ଯାହାକୁ ସେ ତଦନ୍ତ କରିବା ପାଇଁ ସଂହିତାର ଧାରା ୧୫୬ ଅନୁଯାୟୀ କ୍ଷମତାପ୍ରାପ୍ତ ହୋଇଥିଲେ ।"

୬୩) ତେଣୁ ନିଃସନ୍ଦେହ ଏହା ସ୍ପଷ୍ଟ ଯେ ଏଫଆଇଆରର ପଞ୍ଜୀକରଣ ବାଧ୍ୟତାମୂଳକ ଏବଂ ଉଚ୍ଚ ପୁଲିସ ଅଧିକାରୀ ତଥା ଦକ୍ଷ ଅଦାଲତ ଦ୍ୱାରା, ଯାହାଙ୍କୁ ପ୍ରତ୍ୟେକ ଏଫଆଇଆର ର ନକଲ ପଠାଇବା ଆବଶ୍ୟକ, କଡାକଡି ଭାବରେ ନଜର ରଖିବାକୁ ପ୍ରତ୍ୟେକ ଏଫଆଇଆରକୁ ଏକ ଅନନ୍ୟ ବାର୍ଷିକ ସଂଖ୍ୟା ଦେଇ ଏଫଆଇଆର ପୁସ୍ତକରେ ଏହାକୁ ଲିପିବଦ୍ଧ କରିବାକୁ ହେବ ।

**'ସୂଚନା'**

୬୪) ଧାରା ୪୧ (୧) (କ) ଏବଂ (ଛ) ରେ ବିନା ପରୱାନାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ଲାଗି ବ୍ୟବହୃତ ଅଭିବ୍ୟକ୍ତି "ଯୁକ୍ତିଯୁକ୍ତ ଅଭିଯୋଗ" କିମ୍ବା "ବିଶ୍ୱାସନୀୟ ସୂଚନା" ହୋଇଥିବାବେଳେ ବିଧାନମଣ୍ଡଳ ଜାଣିଶୁଣି ସଂହିତାର ଧାରା ୧୫୪ (୧) ରେ "ସୂଚନା" ଅଭିବ୍ୟକ୍ତି ବ୍ୟବହାର କରିଛନ୍ତି । ସଂହିତାର ଧାରା ୧୫୪ (୧) ଅନ୍ତର୍ଗତ ଅଭିବ୍ୟକ୍ତି "ଯୁକ୍ତିଯୁକ୍ତ" "କିମ୍ବା" "ବିଶ୍ୱାସନୀୟ" ଉପସର୍ଗ ଦ୍ୱାରା ଯୋଗ୍ୟ ହୋଇନାହିଁ । ସଂହିତାର ଧାରା ୪୧ (୧) (କ) ଏବଂ (ଛ) ଅସଦୃଶ ଧାରା ୧୫୪ (୧) ରେ "ସୂଚନା" ଶବ୍ଦର ଅଯୋଗ୍ୟତା ଏହି କାରଣରୁ କରାଯାଇଛି ଯେ ପୁଲିସ ଅଧିକାରୀ ସୂଚନାର ଯୌକ୍ତିକତା ଏବଂ ବିଶ୍ୱାସନୀୟତାକୁ ନେଇ ସନ୍ତୁଷ୍ଟ ନଥିବା କାରଣରୁ କୌଣସି ଧର୍ତ୍ତବ୍ୟ ଅପରାଧ ସମ୍ବନ୍ଧୀୟ ସୂଚନାକୁ ଲିପିବଦ୍ଧ କରିବା ପାଇଁ ମନା କରିବା ଅନୁଚିତ । ଅନ୍ୟ ଭାଷାରେ କହିବାକୁ ଗଲେ, ଉକ୍ତ ସୂଚନାର ଯୌକ୍ତିକତା କିମ୍ବା ବିଶ୍ୱାସନୀୟତା ଏକ ମାମଲା ପଞ୍ଜୀକରଣ ପାଇଁ ପୂର୍ବ ଦୃଷ୍ଟାନ୍ତ ସର୍ତ୍ତ ନୁହେଁ ।

୬୫) ଉପରୋକ୍ତ ମତ ଏହି ନ୍ୟାୟାଳୟ ***ଭଜନ ଲାଲ (ଉପରୋକ୍ତ)*** ରେ ପ୍ରକାଶ କରିଛନ୍ତି, ଯାହାକି ନିମ୍ନରେ ଦିଆଗଲା:-

> **"୩୨. ...** ସଂହିତାର ଧାରା ୪୧ (୧) (କ) କିମ୍ବା (ଛ) ରେ ଥିବା ଅଭିବ୍ୟକ୍ତି, "ଯୁକ୍ତିଯୁକ୍ତ ଅଭିଯୋଗ" ଏବଂ " ବିଶ୍ୱାସନୀୟ ସୂଚନା" ଯେପରି ବ୍ୟବହାର କରାଯାଇଛି, ତାହାକୁ ଯୋଗ୍ୟ ନକରି ବିଧାନମଣ୍ଡଳ ନିଜର ସାମୁହିକ ବୁଦ୍ଧିରେ ସଂହିତାର ଧାରା ୧୫୪(୧) ରେ "ସୂଚନା" ଅଭିବ୍ୟକ୍ତିକୁ ସାବଧାନତା ଏବଂ ସତର୍କତାର ସହ ବ୍ୟବହାର କରିଛନ୍ତି । ସ୍ପଷ୍ଟତଃ, ସଂହିତାର ଧାରା ୪୧(୧) (କ) ଏବଂ (ଛ) ବ୍ୟତିକ୍ରମରେ ଧାରା ୧୫୪(୧) ରେ 'ସୂଚନା' ଶବ୍ଦର ଅଯୋଗ୍ୟତା ଏହି କାରଣରୁ ହୋଇପାରେ ଯେ ପୁଲିସ ଅଧିକାରୀ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିବା ସହ ଜଡ଼ିତ କୌଣସି ସୂଚନା ଲିପିବଦ୍ଧ କରିବା ଏବଂ ସେହି ଆଧାରରେ ଏକ ମାମଲା ପଞ୍ଜୀକୃତ କରିବା ପାଇଁ ମନା କରିପାରିବେ ନାହିଁ ଯେ ସେ ସୂଚନାର ଯୁକ୍ତିଯୁକ୍ତ ବା ବିଶ୍ୱାସନୀୟତା ନେଇ ସନ୍ତୁଷ୍ଟ ନୁହଁନ୍ତି । ଅନ୍ୟ ଭାଷାରେ କହିବାକୁ ଗଲେ, ଉକ୍ତ ସୂଚନାର 'ଯୁକ୍ତିଯୁକ୍ତତା' କିମ୍ବା 'ବିଶ୍ୱାସନୀୟତା' କୌଣସି ମାମଲା ପଞ୍ଜୀକରଣ ପାଇଁ ପ୍ରାକ ସର୍ତ୍ତ ନୁହେଁ । ବର୍ତ୍ତମାନର ଧାରା ୧୫୪ କୁ ପୂର୍ବବର୍ତ୍ତୀ ସଂହିତା ସହ ତୁଳନା କଲେ ଏହା ସୂଚାଇବ ଯେ ବିଧାନମଣ୍ଡଳ ଉକ୍ତ ଶବ୍ଦକୁ ଯୋଗ୍ୟ ନ କରି କେବଳ 'ସୂଚନା' ଶବ୍ଦକୁ ହିଁ ବ୍ୟବହାର କରିବା ଉଚିତ ବୋଲି ଉଦ୍ଦେଶ୍ୟମୂଳକ ଭାବେ ଭାବିଥିଲେ ।"

୬୬) ***ପ୍ରକାଶ ସିଂ ବାଦଲ (ଉପରୋକ୍ତ)*** ଙ୍କ ମାମଲାରେ ଏହି ନ୍ୟାୟାଳୟ ନିମ୍ନୋକ୍ତ ରାୟ ପ୍ରଦାନ କରିଥିଲେ:-

"**୬୫.** ଧାରା ୧୫୪(୧) ରେ ନିହିତ ଆଇନଗତ ଆଦେଶନାମା ଏହା ଯେ କୌଣସି "ଧର୍ତ୍ତବ୍ୟ ଅପରାଧ" (ସଂହିତାର ଧାରା ୨(ଗ) ଅନ୍ତର୍ଗତ ଯେପରି ବର୍ଣ୍ଣିତ ) ଘଟିଥିବା ସହ ଜଡ଼ିତ ପ୍ରତ୍ୟେକ ସୂଚନା ଯଦି ମୌଖିକ ଭାବେ (ଏପରି ସ୍ଥଳେ ଏହାକୁ ଲିଖିତ ରୂପକୁ ପରିବର୍ତ୍ତନ କରାଯିବ) କିମ୍ବା ଲିଖିତ ଭାବେ କୌଣସି ଥାନାର ଦାୟିତ୍ୱରେ ଥିବା ପୁଲିସ ଅଧିକାରୀଙ୍କୁ (ସଂହିତାର ଧାରା ୨(ଣ) ର ଅର୍ଥ ଅନ୍ତର୍ଗତ) ଦିଆଯାଏ ଏବଂ ସୂଚନାଦାତାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥାଏ, ତେବେ ତାହାକୁ ଏପରି ଅଧିକାରୀଙ୍କ ଦ୍ୱାରା ରଖାଯିବାକୁ ଥିବା ପୁସ୍ତକରେ ସେହି ଫର୍ମରେ, ଯାହା ରାଜ୍ୟ ସରକାର ନିର୍ଦ୍ଧାରିତ କରିଥିବେ ଓ ସାଧାରଣତଃ "ପ୍ରଥମ ସୂଚନା ରିପୋର୍ଟ" ଭାବେ ଅଭିହିତ ହୋଇଥାଏ, ପ୍ରବେଶ କରିବେ ଏବଂ ଉକ୍ତ ଫର୍ମରେ ସୂଚନା ପ୍ରବେଶ କରିବା କାର୍ଯ୍ୟକୁ ଏକ ଅପରାଧ କିମ୍ବା ଏକ ମାମଲା ପଞ୍ଜୀକରଣ ବୋଲି କୁହାଯାଏ ।

**୬୬.** ସଂହିତାର ଧାରା ୧୫୪(୧) ର ଆଦେଶନାମା ଅନୁପାଳନରେ କୌଣସି ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥିବା ସୂଚନା ଆଧାରରେ ଏକ ଅପରାଧ କିମ୍ବା ମାମଲା ପଞ୍ଜୀକରଣ ହେବା ପର୍ଯ୍ୟାୟରେ ସମ୍ପୃକ୍ତ ପୁଲିସ ଅଧିକାରୀ ସୂଚନା ପ୍ରଦାନକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ବିଶ୍ୱାସନୀୟ ଏବଂ ଯଥାର୍ଥ କି ନୁହେଁ କିମ୍ବା ଅନ୍ୟଥା ବୋଲି ତଦନ୍ତ ଆରମ୍ଭ କରିପାରିବେ ନାହିଁ ଏବଂ ସୂଚନା ବିଶ୍ୱାସନୀୟ କିମ୍ବା ପ୍ରତ୍ୟୟ ନୁହେଁ ଆଧାରରେ ଏକ ମାମଲା ପଞ୍ଜୀକରଣ କରିବାକୁ ମନା କରିପାରିବେନାହିଁ । ଅନ୍ୟପକ୍ଷରେ, କୌଣସି ଥାନା ଦାୟିତ୍ୱରେ ଥିବା ଅଧିକାରୀ ବୈଧାନିକ ଭାବେ ଏକ ମାମଲା ରୁଜୁ କରିବା ପାଇଁ ବାଧ ହୋଇଥାନ୍ତି ଏବଂ ଯଦି ତାଙ୍କ ପାଖରେ କୌଣସି ଅପରାଧ ଘଟିଥିବା ଉପରେ ସନ୍ଦେହ କରିବାର କାରଣ ଥାଏ, ଯାହାକି ସଂହିତାର ଧାରା ୧୫୭ର ସର୍ତ୍ତାବଳୀ ସହିତ ଧାରା ୧୫୬ ଅନୁଯାୟୀ ତଦନ୍ତ କରିବା ଲାଗି ତାଙ୍କୁ କ୍ଷମତାପ୍ରାପ୍ତ କରାଯାଇଛି, ତେବେ ସେ ତଦନ୍ତ ଜାରି ରଖିବା ଲାଗି ବାଧ । ଯଦି କୌଣସି ଥାନା ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ ଉପରେ ନ୍ୟସ୍ତ ହୋଇଥିବା କ୍ଷେତ୍ରାଧିକାର ବ୍ୟବହାର କରିବାକୁ ଏବଂ ସୂଚିତ କରାଯାଇଥିବା ଧର୍ତ୍ତବ୍ୟ ଅପରାଧର ସୂଚନା ଆଧାରରେ ଏକ ମାମଲା ପଞ୍ଜୀକରଣ କରିବାକୁ ମନା କରିଥାନ୍ତି ଏବଂ ତା ଫଳରେ ତାଙ୍କ ଉପରେ ଦିଆଯାଇଥିବା ବୈଧାନିକ କର୍ତ୍ତବ୍ୟ ଉଲ୍ଲଙ୍ଘନ କରିଥାନ୍ତି, ତେବେ ଏପରି ଅସ୍ୱୀକାର ଦ୍ୱାରା ବ୍ୟଥିତ ବ୍ୟକ୍ତି ସୂଚନାର ସାରାଂଶ ଲିଖିତ ଭାବେ ଏବଂ ଡାକ ମାଧ୍ୟମରେ ସମ୍ପୃକ୍ତ ପୁଲିସ ଅଧୀକ୍ଷକଙ୍କୁ ପଠାଇପାରିବେ, ଯିଏ ଯଦି ସନ୍ତୁଷ୍ଟ ହୁଅନ୍ତି ଯେ ତାଙ୍କ ନିକଟକୁ ପଠାଯାଇଥିବା ସୂଚନା କୌଣସି ଧର୍ତ୍ତବ୍ୟ ଅପରାଧର ପ୍ରକାଶ କରୁଛି, ତେବେ ସେ ନିଜେ ମାମଲାର ତଦନ୍ତ କରିବା ଉଚିତ କିମ୍ବା ସଂହିତାର ଧାରା ୧୫୪ ର ଉପଧାରା (୩) ରେ ଦିଆଯାଇଥିବା ବ୍ୟବସ୍ଥା ଅନୁଯାୟୀ ତାଙ୍କ ଅଧୀନସ୍ଥ କୌଣସି ପୁଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବା ଲାଗି ନିର୍ଦ୍ଦେଶ ଦେବା ଉଚିତ ।

**୬୭.** ଏଠାରେ ସୂଚନାଯୋଗ୍ୟ ଯେ, ସଂହିତାର ଧାରା ୧୫୪ (୧) ରେ ବିଧାନମଣ୍ଡଳ ଏହାର ସାମୁହିକ ଜ୍ଞାନରେ ଯତ୍ନର ସହ ଏବଂ ସତର୍କତାର ସହ 'ସୂଚନା' ଅଭିବ୍ୟକ୍ତିକୁ, ସଂହିତାର ଧାରା ୪୧(୧) (କ) କିମ୍ବା (ଛ) ପରି, ଯେଉଁଠାରେ "ଯୁକ୍ତିଯୁକ୍ତ ଅଭିଯୋଗ" ଏବଂ "ବିଶ୍ୱାସନୀୟ ସୂଚନା" ଅଭିବ୍ୟକ୍ତି ବ୍ୟବହାର ହୋଇଛି, ଅଯୋଗ୍ୟ କରି ବ୍ୟବହାର କରିଛନ୍ତି । ସ୍ପଷ୍ଟତଃ, ସଂହିତାର ଧାରା ୪୧(୧) (କ) ଏବଂ (ଛ)ର ବ୍ୟତିକ୍ରମରେ ଧାରା ୧୫୪(୧)ରେ 'ସୂଚନା' ଶବ୍ଦର ଅଯୋଗ୍ୟତା ଏହି କାରଣରୁ ହୋଇପାରେ ଯେ, ଜଣେ ପୁଲିସ ଅଧିକାରୀ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିବା ସହ ଜଡ଼ିତ କୌଣସି ସୂଚନା ଲିପିବଦ୍ଧ କରିବାକୁ ମନା କରିପାରିବେ ନାହିଁ ଏବଂ ସେ ତଥ୍ୟର ଯୁକ୍ତିଯୁକ୍ତ ବା ବିଶ୍ୱାସନୀୟତା ନେଇ ସନ୍ତୁଷ୍ଟ ନାହାଁନ୍ତି ଆଧାରରେ ଏକ ମାମଲା ପଞ୍ଜୀକରଣ କରିବାକୁ ମନା କରିପାରିବେ ନାହିଁ । ଅନ୍ୟ ଭାଷାରେ କହିବାକୁ ଗଲେ, ଉକ୍ତ ସୂଚନାର ଯୁକ୍ତିଯୁକ୍ତତା କିମ୍ବା ବିଶ୍ୱାସନୀୟତା କୌଣସି ମାମଲା ପଞ୍ଜୀକରଣ ପାଇଁ ପୂର୍ବ ଦୃଷ୍ଟାନ୍ତ ଏକ ସର୍ତ୍ତ ନୁହେଁ । ବର୍ତ୍ତମାନର ଧାରା ୧୫୪କୁ ପୂର୍ବବର୍ତ୍ତୀ ସଂହିତା ସହ ତୁଳନା କଲେ ଏହା ସ୍ପଷ୍ଟ ହେବ ଯେ ବିଧାନମଣ୍ଡଳ ଉକ୍ତ ଶବ୍ଦକୁ ଯୋଗ୍ୟ ନ କରି କେବଳ 'ସୂଚନା' ଶବ୍ଦକୁ ହିଁ ବ୍ୟବହାର କରିବା ଉଚିତ ବୋଲି ଉଦ୍ଦେଶ୍ୟମୂଳକ ଭାବେ ଭାବିଥିଲେ । ଭାରତୀୟ ବିଧାନ ପରିଷଦ ଦ୍ୱାରା ପାରିତ ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୮୬୧ ର ଧାରା ୧୩୯ (୧୮୬୧ ର ଅଧିନିୟମ ୨୫) ରେ କୁହାଯାଇଛି ଯେ ଥାନାରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦିଆଯାଉଥିବା "ପ୍ରତ୍ୟେକ ଅଭିଯୋଗ କିମ୍ବା ସୂଚନା"କୁ ଲିଖିତ ଆକାରରେ ଲିପିବଦ୍ଧ କରିବା ଉଚିତ, ଯେଉଁ ବ୍ୟବସ୍ଥା ପରବର୍ତ୍ତୀ ସମୟରେ ସଂହିତା, ୧୮୭୨ ର ଧାରା ୧୧୨ (୧୮୭୨ ର ଅଧିନିୟମ ୧୦) ଦ୍ୱାରା ସଂଶୋଧିତ ହୋଇଥିଲା ଯାହା ପରେ ପଠିତ ହେଲା ଯେ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦିଆଯାଇଥିବା "ପ୍ରତ୍ୟେକ ଅଭିଯୋଗ" ଲିଖିତ ଆକାରରେ ଲିପିବଦ୍ଧ ହେବ । ୧୮୬୧ ଏବଂ ୧୮୭୨ ର ପୂର୍ବବର୍ତ୍ତୀ ଦୁଇଟି ସଂହିତାରେ ଥିବା "ଅଭିଯୋଗ" ଶବ୍ଦକୁ ହଟାଇ ଦିଆଯାଇଥିଲା ଏବଂ ସେହି ସ୍ଥାନରେ ୧୮୮୨ ଏବଂ ୧୮୯୮ ର ସଂହିତାରେ "ସୂଚନା" ଶବ୍ଦକୁ ବ୍ୟବହାର କରାଯାଇଥିଲା, ଯାହାକି ଏବେ ସଂହିତାର ଧାରା ୧୫୪,୧୫୫,୧୫୭ ଏବଂ ୧୯୦ (ଗ) ରେ ବ୍ୟବହାର କରାଯାଉଛି । ସମସ୍ତ ସଂହିତାର ସାମଗ୍ରିକ ପଠନ ଏହା ସ୍ପଷ୍ଟ କରିଥାଏ ଯେ ପ୍ରଥମ ସୂଚନା ରିପୋର୍ଟ ଲିପିବଦ୍ଧ କରିବା ଲାଗି ଅପରିହାର୍ଯ୍ୟ ସର୍ତ୍ତ ହେଉଛି ଯେ ସେଠାରେ କୌଣସି ସୂଚନା ରହିବା ଆବଶ୍ୟକ ଏବଂ ସେହି ସୂଚନା ନିଶ୍ଚିତ ଭାବେ ଏକ ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥିବ ।

**୬୮.** ତେଣୁ ଏହା ନିଃସନ୍ଦେହରେ ସ୍ପଷ୍ଟ ଯେ ଯଦି କୌଣସି ଥାନାରେ ସଂହିତାର ଧାରା ୧୫୪(୧) ର ଆବଶ୍ୟକତାକୁ ପୂରଣ କରୁଥିବା କାର୍ଯ୍ୟରତ ଜଣେ ପୁଲିସ ଅଧିକାରୀଙ୍କ ସମ୍ମୁଖରେ କୌଣସି ଧର୍ତ୍ତବ୍ୟ ଅପରାଧ ବିଷୟରେ ସୂଚନା ପ୍ରଦାନ

କରାଯାଏ, ତେବେ ଉକ୍ତ ପୁଲିସ ଅଧିକାରୀଙ୍କ ପାଖରେ ନିର୍ଦ୍ଧାରିତ ଫର୍ମରେ ଏହାର ସାରବସ୍ତୁ ଲିଖିତ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ, ଅର୍ଥାତ ଏପରି ସୂଚନା ଆଧାରରେ ମାମଲା ରୁଜୁ କରିବେ ।"

୬୭) ***ରମେଶ କୁମାରୀ (ଉପରୋକ୍ତ)*** ଙ୍କ ମାମଲାରେ ଏହି ନ୍ୟାୟାଳୟ ନିମ୍ନୋକ୍ତ ରାୟ ପ୍ରଦାନ କରିଥିଲେ:-

**୪.** ସଂହିତାର ଧାରା ୧୫୪ ଅନୁଯାୟୀ ଜଣେ ପୁଲିସ ଅଧିକାରୀ ନାଗରିକଙ୍କ ଦ୍ୱାରା କୌଣସି ଧର୍ତ୍ତବ୍ୟ ଅପରାଧ ସଂକ୍ରାନ୍ତରେ କରାଯାଇଥିବା ଅଭିଯୋଗ ଆଧାରରେ ବାଧ୍ୟତାମୂଳକ ଭାବେ ମାମଲା ରୁଜୁ କରିବା ଆଉ ଅନିର୍ଣ୍ଣିତ ବିଷୟ ହୋଇ ରହିନାହିଁ । ଏହି ନ୍ୟାୟାଳୟ *ହରିୟାଣା ରାଜ୍ୟ ବନାମ ଭଜନଲାଲ* ମାମଲାରେ ଆଇନର ବିଷୟକୁ ସ୍ଥିର କରିଛନ୍ତି । ଏହି ନ୍ୟାୟାଳୟ ସଂହିତାର ଧାରା ୧୫୪ ର ବାଧ୍ୟତାମୂଳକ ପ୍ରକୃତିର ସମ୍ପୂର୍ଣ୍ଣ କ୍ଷେତ୍ର ଏବଂ ଜଟିଳତାର ଅନୁଧ୍ୟାନ କରିବା ପରେ ରାୟର ଅନୁଚ୍ଛେଦ ୩୧ ଏବଂ ୩୨ ରେ ପହଞ୍ଚିଥିବା ନିଷ୍କର୍ଷ ନିମ୍ନମତେ ରହିଛି :

"*୩୧.* ସଂହିତାର ଧାରା ୧୫୪(୧) ର ଆଦେଶନାମା ଅନୁପାଳନରେ କୌଣସି ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥିବା ସୂଚନା ଆଧାରରେ ଏକ ଅପରାଧ କିମ୍ବା ମାମଲା ପଞ୍ଜୀକରଣ ହେବା ପର୍ଯ୍ୟାୟରେ ସମ୍ପୃକ୍ତ ପୁଲିସ ଅଧିକାରୀ ସୂଚନା ପ୍ରଦାନକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ବିଶ୍ୱାସନୀୟ ଏବଂ ଯଥାର୍ଥ କି ନୁହେଁ କିମ୍ବା ଅନ୍ୟଥା ବୋଲି ତଦନ୍ତ ଆରମ୍ଭ କରିପାରିବେନାହିଁ ଏବଂ ସୂଚନା ବିଶ୍ୱାସନୀୟ କିମ୍ବା ପ୍ରତ୍ୟୟ ନୁହେଁ ଆଧାରରେ ଏକ ମାମଲା ପଞ୍ଜୀକରଣ କରିବାକୁ ମନା କରିପାରିବେନାହିଁ । ଅନ୍ୟପକ୍ଷରେ, କୌଣସି ଥାନା ଦାୟିତ୍ୱରେ ଥିବା ଅଧିକାରୀ ବୈଧାନିକ ଭାବେ ଏକ ମାମଲା ରୁଜୁ କରିବା ପାଇଁ ବାଧ୍ୟ ହୋଇଥାନ୍ତି ଏବଂ ଯଦି ତାଙ୍କ ପାଖରେ କୌଣସି ଅପରାଧ ଘଟିଥିବା ଉପରେ ସନ୍ଦେହ କରିବାର କାରଣ ଥାଏ, ଯାହାକି ସଂହିତାର ଧାରା ୧୫୭ର ସର୍ତ୍ତାବଳୀ ସହିତ ଧାରା ୧୫୬ ଅନୁଯାୟୀ ତଦନ୍ତ କରିବା ଲାଗି ତାଙ୍କୁ କ୍ଷମତାପ୍ରାପ୍ତ କରାଯାଇଛି, ତେବେ ସେ ତଦନ୍ତ ଜାରି ରଖିବା ଲାଗି ବାଧ୍ୟ । (ଯେହେତୁ ଆମେ ଏହି ରାୟର ପରବର୍ତ୍ତୀ ଭାଗରେ ସଂହିତାର ଧାରା ୧୫୬ ଏବଂ ୧୫୭ ଅନ୍ତର୍ଗତ କୌଣସି ଧର୍ତ୍ତବ୍ୟ ଅପରାଧ ତଦନ୍ତ କ୍ଷେତ୍ରରେ ଜଣେ ପୁଲିସ ଅଧିକାରୀଙ୍କ କ୍ଷମତା ବିଷୟରେ ବିସ୍ତୃତ ଆଲୋଚନା କରିବା ଲାଗି ପ୍ରସ୍ତାବ ଦେଇଛୁ, ତେଣୁ ବର୍ତ୍ତମାନର ପରିପ୍ରେକ୍ଷୀରେ ଆମେ ସେହି ଧାରାଗୁଡ଼ିକ ଉପରେ ବିସ୍ତୃତ ଭାବେ ବିଚାର କରିବାର ପ୍ରସ୍ତାବ ଦେଉନାହୁଁ ।) ଯଦି କୌଣସି ଥାନା ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ ଉପରେ ନ୍ୟସ୍ତ ହୋଇଥିବା କ୍ଷେତ୍ରାଧିକାର ବ୍ୟବହାର କରିବାକୁ ଏବଂ ସୂଚିତ କରାଯାଇଥିବା ଧର୍ତ୍ତବ୍ୟ ଅପରାଧର

ସୂଚନା ଆଧାରରେ ଏକ ମାମଲା ପଞ୍ଜୀକରଣ କରିବାକୁ ମନା କରିଥାନ୍ତି ଏବଂ ତା ଫଳରେ ତାଙ୍କ ଉପରେ ଦିଆଯାଇଥିବା ବୈଧାନିକ କର୍ତ୍ତବ୍ୟ ଉଲ୍ଲଙ୍ଘନ କରିଥାନ୍ତି, ତେବେ ଏପରି ଅସ୍ୱୀକାର ଦ୍ୱାରା ବ୍ୟଥିତ ବ୍ୟକ୍ତି ସୂଚନାର ସାରାଂଶ ଲିଖିତ ଭାବେ ଏବଂ ଡାକ ମାଧ୍ୟମରେ ସମ୍ପୃକ୍ତ ପୁଲିସ ଅଧୀକ୍ଷକଙ୍କୁ ପଠାଇପାରିବେ, ଯିଏ ଯଦି ସନ୍ତୁଷ୍ଟ ହୁଅନ୍ତି ଯେ ତାଙ୍କ ନିକଟକୁ ପଠାଯାଇଥିବା ସୂଚନା କୌଣସି ଧର୍ତ୍ତବ୍ୟ ଅପରାଧର ପ୍ରକାଶ କରୁଛି, ତେବେ ସେ ନିଜେ ମାମଲାର ତଦନ୍ତ କରିବା ଉଚିତ କିମ୍ବା ସଂହିତାର ଧାରା ୧୫୪ ର ଉପଧାରା (୩) ରେ ଦିଆଯାଇଥିବା ବ୍ୟବସ୍ଥା ଅନୁଯାୟୀ ତାଙ୍କ ଅଧୀନସ୍ଥ କୌଣସି ପୁଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବା ଲାଗି ନିର୍ଦ୍ଦେଶ ଦେବା ଉଚିତ ।

*୩୨.* ଏହା ଲକ୍ଷ୍ୟ କରାଯାଇଛି, କି ସଂହିତାର ଧାରା ୪୧ (୧) (କ) କିମ୍ବା (ଛ) ରେ ଥିବା ଅଭିବ୍ୟକ୍ତି, *"ଯୁକ୍ତିଯୁକ୍ତ ଅଭିଯୋଗ"* ଏବଂ *"ବିଶ୍ୱାସନୀୟ ସୂଚନା"* ଯେପରି ବ୍ୟବହାର କରାଯାଇଛି, ତାହାକୁ ଯୋଗ୍ୟ ନକରି ବିଧାନମଣ୍ଡଳ ନିଜର ସାମୁହିକ ବୁଦ୍ଧିରେ ସଂହିତାର ଧାରା ୧୫୪(୧) ରେ *"ସୂଚନା"* ଅଭିବ୍ୟକ୍ତିକୁ ସାବଧାନତା ଏବଂ ସତର୍କତାର ସହ ବ୍ୟବହାର କରିଛନ୍ତି । ସ୍ପଷ୍ଟତଃ, ସଂହିତାର ଧାରା ୪୧(୧) (କ) ଏବଂ (ଛ) ବ୍ୟତିକ୍ରମରେ ଧାରା ୧୫୪(୧) ରେ 'ସୂଚନା' ଶବ୍ଦର ଅଯୋଗ୍ୟତା ଏହି କାରଣରୁ ହୋଇପାରେ ଯେ ପୁଲିସ ଅଧିକାରୀ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିବା ସହ ଜଡ଼ିତ କୌଣସି ସୂଚନା ଲିପିବଦ୍ଧ କରିବା ଏବଂ ସେହି ଆଧାରରେ ଏକ ମାମଲା ପଞ୍ଜୀକୃତ କରିବା ପାଇଁ ମନା କରିପାରିବେ ନାହିଁ ଯେ ସେ ସୂଚନାର ଯୁକ୍ତିଯୁକ୍ତ ବା ବିଶ୍ୱାସନୀୟତା ନେଇ ସନ୍ତୁଷ୍ଟ ନୁହଁନ୍ତି । ଅନ୍ୟ ଭାଷାରେ କହିବାକୁ ଗଲେ, ଉକ୍ତ ସୂଚନାର 'ଯୁକ୍ତିଯୁକ୍ତତା' କିମ୍ବା 'ବିଶ୍ୱାସନୀୟତା' କୌଣସି ମାମଲା ପଞ୍ଜୀକରଣ ପାଇଁ ପୂର୍ବ ଦୃଷ୍ଟାନ୍ତ ଏକ ସର୍ତ୍ତ ନୁହେଁ । ବର୍ତ୍ତମାନର ଧାରା ୧୫୪ କୁ ପୂର୍ବବର୍ତ୍ତୀ ସଂହିତା ସହ ତୁଳନା କଲେ ଏହା ସୂଚାଇବ ଯେ ବିଧାନମଣ୍ଡଳ ଉକ୍ତ ଶବ୍ଦକୁ ଯୋଗ୍ୟ ନ କରି କେବଳ 'ସୂଚନା' ଶବ୍ଦକୁ ହିଁ ବ୍ୟବହାର କରିବା ଉଚିତ ବୋଲି ଉଦ୍ଦେଶ୍ୟମୂଳକ ଭାବେ ଭାବିଥିଲା । ଭାରତୀୟ ବିଧାନ ପରିଷଦ ଦ୍ୱାରା ପାରିତ ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୮୬୧ ର ଧାରା ୧୩୯ (୧୮୬୧ ର ଅଧିନିୟମ ୨୫) ରେ କୁହାଯାଇଛି ଯେ ଥାନାରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦିଆଯାଉଥିବା *"ପ୍ରତ୍ୟେକ ଅଭିଯୋଗ କିମ୍ବା ସୂଚନା"*କୁ ଲିଖିତ ଆକାରରେ ପ୍ରକାଶ ପାଇବା ଉଚିତ, ଯେଉଁ ବ୍ୟବସ୍ଥା ପରବର୍ତ୍ତୀ ସମୟରେ ସଂହିତା, ୧୮୭୨ ର ଧାରା ୧୧୨ (୧୮୭୨ ର ଅଧିନିୟମ ୧୦) ଦ୍ୱାରା ସଂଶୋଧିତ ହୋଇଥିଲା ଯାହା ପରେ ପଠିତ ହେଲା ଯେ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦିଆଯାଇଥିବା *"ପ୍ରତ୍ୟେକ ଅଭିଯୋଗ"* ଲିଖିତ ଆକାରରେ ପ୍ରକାଶ ପାଇବ । ୧୮୬୧ ଏବଂ ୧୮୭୨ ର ପୂର୍ବବର୍ତ୍ତୀ ଦୁଇଟି ସଂହିତାରେ ଥିବା "ଅଭିଯୋଗ" ଶବ୍ଦକୁ ହଟାଇ ଦିଆଯାଇଥିଲା ଏବଂ ସେହି ସ୍ଥାନରେ ୧୮୮୨ ଏବଂ ୧୮୯୮ ର ସଂହିତାରେ "ସୂଚନା" ଶବ୍ଦକୁ ବ୍ୟବହାର

କରାଯାଇଥିଲା, ଯାହାକି ଏବେ ୧୯୭୩ ର ସଂହିତାର(୧୯୭୪ ର ଅଧିନିୟମ ୨) ଧାରା ୧୫୪,୧୫୫,୧୫୭ ଏବଂ ୧୯୦ (ଗ) ରେ ବ୍ୟବହାର କରାଯାଉଛି । ସମସ୍ତ ସଂହିତାର ସାମଗ୍ରିକ ପଠନ ଏହା ସ୍ପଷ୍ଟ କରିଥାଏ ଯେ ପ୍ରଥମ ସୂଚନା ରିପୋର୍ଟ ଲିପିବଦ୍ଧ କରିବା ଲାଗି ଅପରିହାର୍ଯ୍ୟ ସର୍ତ୍ତ ହେଉଛି ଯେ ସେଠାରେ କୌଣସି ସୂଚନା ରହିବା ଆବଶ୍ୟକ ଏବଂ ସେହି ସୂଚନା ନିଶ୍ଚିତ ଭାବେ ଏକ ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥିବ ।"

(ମୂଳ ଭାଷାରେ ଗୁରୁତ୍ୱ)

ଶେଷରେ ଏହି ନ୍ୟାୟାଳୟ ଅନୁଚ୍ଛେଦ ୩୩ ରେ କହିଥିଲେ:

*"୩୩.* ତେଣୁ ଏହା ନିଃସନ୍ଦେହରେ ସ୍ପଷ୍ଟ ଯେ ଯଦି କୌଣସି ଥାନାରେ ସଂହିତାର ଧାରା ୧୫୪(୧) ର ଆବଶ୍ୟକତାକୁ ପୂରଣ କରୁଥିବା କାର୍ଯ୍ୟରତ ଜଣେ ପୁଲିସ ଅଧିକାରୀଙ୍କ ସମ୍ମୁଖରେ କୌଣସି ଧର୍ତ୍ତବ୍ୟ ଅପରାଧ ବିଷୟରେ ସୂଚନା ପ୍ରଦାନ କରାଯାଏ, ତେବେ ଉକ୍ତ ପୁଲିସ ଅଧିକାରୀଙ୍କ ପାଖରେ ନିର୍ଦ୍ଧାରିତ ଫର୍ମରେ ଏହାର ସାରବସ୍ତୁ ପ୍ରକାଶ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ, ଅର୍ଥାତ ଏପରି ସୂଚନା ଆଧାରରେ ମାମଲା ରୁଜୁ କରିବେ ।"

**୫.** ଉପରେ ଉଦ୍ଧୃତ ଅନୁଚ୍ଛେଦ ୩୧,୩୨ ଏବଂ ୩୩ ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ପ୍ରକାଶିତ ମତ ଏଥିରେ କୌଣସି ସନ୍ଦେହ ସୃଷ୍ଟି କରେନାହିଁ ଯେ ସଂହିତାର ଧାରା ୧୫୪ ର ବ୍ୟବସ୍ଥା ବାଧ୍ୟତାମୂଳକ ଏବଂ ସମ୍ପୃକ୍ତ ଅଧିକାରୀ ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥିବା ଏପରି ସୂଚନା ଆଧାରରେ ମାମଲା ପଞ୍ଜୀକୃତ କରିବା ପାଇଁ କର୍ତ୍ତବ୍ୟବଦ୍ଧ ।"

୬୮) ***ରାମ ଲାଲ ନାରଙ୍ଗ (ଉପରୋକ୍ତ)*** ମାମଲାରେ, ଏହି ନ୍ୟାୟାଳୟ ନିମ୍ନମତେ କହିଥିଲେ :-

"**୧୪.** ୧୮୯୮ ସିଆରପିସି ଅନୁସାରେ ଯେତେବେଳେ ଥାନା ଦାୟିତ୍ୱରେ ଥିବା ଅଧିକାରୀ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ସଂକ୍ରାନ୍ତରେ ସୂଚନା ପାଇଲେ, ସେତେବେଳେ ସେ ନିର୍ଦ୍ଧାରିତ ଫର୍ମରେ (ଧାରା ୧୫୪ ସିଆରପିସି) ତାଙ୍କ ଦ୍ୱାରା ରଖାଯାଇଥିବା ଏକ ପୁସ୍ତକରେ, ସେହି ଉଦ୍ଦେଶ୍ୟ ପାଇଁ, ଏହାର ସାରବସ୍ତୁକୁ ପ୍ରକାଶ କରିବାକୁ ବାଧ୍ୟ ହୋଇଥିଲେ । ସିଆରପିସିର ଧାରା ୧୫୬ ନ୍ୟାୟାଳୟର ଆଦେଶ ବିନା ଧର୍ତ୍ତବ୍ୟ ଅପରାଧର ତଦନ୍ତ କରିବାର କ୍ଷମତା ପୁଲିସ କୁ ପ୍ରଦାନ କରିଥିଲା । ଯଦି, ପ୍ରାପ୍ତ ସୂଚନା କିମ୍ବା ଅନ୍ୟ କୌଣସି ତଥ୍ୟ ଆଧାରରେ, କୌଣସି ପୁଲିସ ଷ୍ଟେସନର ଦାୟିତ୍ୱରେ ଥିବା ଅଧିକାରୀ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବାର ସନ୍ଦେହ କରନ୍ତି, ତେବେ ତାଙ୍କୁ ପୁଲିସ ରିପୋର୍ଟ ଆଧାରରେ ଏପରି ଧର୍ତ୍ତବ୍ୟ ଅପରାଧର ବିଚାର କରିବା ଲାଗି କ୍ଷମତାପ୍ରାପ୍ତ ମାଜିଷ୍ଟ୍ରେଟଙ୍କୁ ତୁରନ୍ତ ଏକ ରିପୋର୍ଟ ପଠାଇବାକୁ ପଡ଼ିଥାଏ ଏବଂ ଏହାପରେ

ବ୍ୟକ୍ତିଗତ ଭାବେ କିମ୍ବା ତାଙ୍କ ଅଧୀନସ୍ଥ ଅଧିକାରୀଙ୍କ ମଧ୍ୟରୁ କାହାକୁ ଘଟଣାସ୍ଥଳକୁ ପଠାଇବାକୁ ପଡ଼ିଥାଏ, ମାମଲାର ସତ୍ୟାସତ୍ୟ ଏବଂ ପରିସ୍ଥିତିକୁ ଯାଞ୍ଚ କରିବା ଏବଂ ଧର୍ତ୍ତବ୍ୟ ଅପରାଧୀକୁ ଚିହ୍ନଟ କରିବା ଏବଂ ଗିରଫ କରିବା ଲାଗି ପଦକ୍ଷେପ ନେବାକୁ ପଡ଼ିଥାଏ (ଧାରା ୧୫୭ ସିଆରପିସି) । ବିନା କୌଣସି ବିଳମ୍ବରେ ତାଙ୍କୁ ତଦନ୍ତ ସମ୍ପୂର୍ଣ୍ଣ କରିବା ଆବଶ୍ୟକ ଥିଲା ଏବଂ ଏହା ଯଥାଶୀଘ୍ର ସଂପୂର୍ଣ୍ଣ ହେବା ପରେ, ନିର୍ଦ୍ଧାରିତ ଫର୍ମରେ ପକ୍ଷଙ୍କ ନାମ, ସୂଚନାର ପ୍ରକୃତି ଏବଂ ମାମଲାରେ ପରିସ୍ଥିତିକୁ ଜାଣିଥିବା ବ୍ୟକ୍ତିଙ୍କ ନାମ (ଧାରା ୧୭୩ (୧) ସିଆରପିସି) ଦର୍ଶାଇ ପୁଲିସ ରିପୋର୍ଟ ଉପରେ ସଜ୍ଞାନ କରିବା ଲାଗି କ୍ଷମତାପ୍ରାପ୍ତ ମାଜିଷ୍ଟ୍ରେଟଙ୍କୁ ଏକ ରିପୋର୍ଟ ପଠାଇବାକୁ ଆବଶ୍ୟକ ଥିଲା । ଅଭିଯୁକ୍ତକୁ ହେପାଜତକୁ ପଠାଯାଇଛି ନା ଜାମିନରେ ଛାଡି ଦିଆଯାଇଛି, ତାହା ମଧ୍ୟ ତାଙ୍କୁ ଦର୍ଶାଇବାକୁ ପଡିଥିଲା । ସିଆରପିସି ଧାରା ୧୭୩ (୧) ଅଧୀନରେ ଥାନାଧିକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟ ମିଳିବା ପରେ, ପୁଲିସ ରିପୋର୍ଟ ଉପରେ ଅପରାଧ ସଜ୍ଞାନ କରିବାର କ୍ଷମତା ମାଜିଷ୍ଟ୍ରେଟଙ୍କୁ ପ୍ରଦାନ କରାଯାଇଛି [ଧାରା ୧୯୦ (୧) (ଖ) ସିଆରପିସି] । ଏହାପରେ, ଯଦି, ଅପରାଧର ସଜ୍ଞାନ ନେଉଥିବା ମାଜିଷ୍ଟ୍ରେଟଙ୍କ ମତରେ, ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପର୍ଯ୍ୟାପ୍ତ ଆଧାର ଥିଲା, ତେବେ ଅଭିଯୁକ୍ତଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପ୍ରକ୍ରିୟା (ଧାରା ୨୦୪ ସିଆରପିସି) ଜାରି କରିବାକୁ ମାଜିଷ୍ଟ୍ରେଟ ଆବଶ୍ୟକ କରିବେ । ତେଣୁ ସଂହିତାର ଯୋଜନା ଥିଲା ଯେ ଏଫଆଇଆର ପରେ ତଦନ୍ତ, ତଦନ୍ତର ଫଳସ୍ୱରୂପ ମାଜିଷ୍ଟ୍ରେଟଙ୍କୁ ରିପୋର୍ଟ ପ୍ରଦାନ, ପୁଲିସ ରିପୋର୍ଟ ମିଳିବା ପରେ ମାଜିଷ୍ଟ୍ରେଟ ଅପରାଧର ବିଚାର କରିବା ଏବଂ ଶେଷରେ ସଜ୍ଞାନ ନେଉଥିବା ମାଜିଷ୍ଟ୍ରେଟ ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବା ପ୍ରକ୍ରିୟା ଜାରି କରିଥିଲେ ।

**୧୫.** ଏହିପରି ଭାବେ ପୁଲିସର ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଥିଲା କି ସେ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ପର୍କିତ ସମସ୍ତ ସୂଚନାକୁ "ପଞ୍ଜୀକରଣ" କରିପାରିବେ । କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ସନ୍ଦେହ କରାଯାଉଥିବା ମାମଲାର ସତ୍ୟାସତ୍ୟ ଏବଂ ପରିସ୍ଥିତିକୁ ଅନୁଧ୍ୟାନ କରିବା ଏବଂ ପୁଲିସ ରିପୋର୍ଟ ଉପରେ ବିଚାର କରିବାର ଅଧିକାରିତା ଥିବା ମାଜିଷ୍ଟ୍ରେଟଙ୍କୁ ଏପରି ତଦନ୍ତ ରିପୋର୍ଟ ପ୍ରଦାନ କରିବା ଲାଗି ପୁଲିସର ଆଇନଗତ ଅଧିକାର ଏବଂ କର୍ତ୍ତବ୍ୟ ଥିଲା । ପୁଲିସର ଏହି ବୈଧାନିକ ଅଧିକାର ଏବଂ କର୍ତ୍ତବ୍ୟ କୌଣସି ପ୍ରକାର ଅଧୀକ୍ଷଣ କ୍ଷମତା କିମ୍ବା ମାଜିଷ୍ଟ୍ରେଟଙ୍କ ହସ୍ତକ୍ଷେପ ଦ୍ୱାରା ସୀମିତ ହୋଇନଥିଲା କିମ୍ବା କୌଣସି ଧର୍ତ୍ତବ୍ୟ ଅପରାଧର ତଦନ୍ତ କରିବା ଲାଗି ପୁଲିସକୁ ସଶକ୍ତ କରିବା ଲାଗି ମାଜିଷ୍ଟ୍ରେଟଙ୍କ ମଞ୍ଜୁରି ଆବଶ୍ୟକତା ନଥିଲା । ଆଇନରେ ଏହି ସ୍ଥିତି ସୁପ୍ରତିଷ୍ଠିତ ଥିଲା । *କିଙ୍ଗ ଏମ୍ପେରର ବନାମ ଖ୍ୱାଜା ନାଜିର ଅହମ୍ମଦଙ୍କ* ମାମଲାରେ ପ୍ରିଭି କାଉନସିଲ ନିମ୍ନୋକ୍ତ ମତ ରଖିଥିଲେ:

"ଏହା ଯେପରି ଜରୁରୀ ଯେ କୌଣସି ଅପରାଧରେ ଅଭିଯୁକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ନ୍ୟାୟିକ ଅଦାଲତରେ ଦ୍ୱାରସ୍ଥ ହେବା ପାଇଁ ସ୍ୱାଧୀନତା ମିଳିବା ଆବଶ୍ୟକ, ଯାହା ଦ୍ୱାରା ତାଙ୍କୁ ଆରୋପିତ କରାଯାଇଥିବା ଅପରାଧରେ ଯଦି ସେ ଦୋଷୀ ସାବ୍ୟସ୍ତ ନହୁଅନ୍ତି ତେବେ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇପାରେ, ତେଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ପୁଲିସର ଅଧିକାର କ୍ଷେତ୍ରରେ ଥିବା ବିଷୟରେ ଏବଂ ଯେଉଁଥିରେ ଆଇନ ସେମାନଙ୍କ ଉପରେ ତଦନ୍ତର ଦାୟିତ୍ୱ ଲଦିଦେଇଥାଏ, ସେଥିରେ ନ୍ୟାୟପାଳିକା ହସ୍ତକ୍ଷେପ କରିବା ଉଚିତ ନୁହେଁ । ଭାରତରେ ନ୍ୟାୟପାଳିକା କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ପ୍ରକାର ଅଧିକାରର ଆବଶ୍ୟକତା ନ ରଖି କୌଣସି ତଥାକଥିତ ଧର୍ତ୍ତବ୍ୟ ଅପରାଧ ଘଟଣାର ତଦନ୍ତ କରିବା ପୁଲିସର ବୈଧାନିକ ଅଧିକାର ବୋଲି ଦର୍ଶାଯାଇଛି ଏବଂ ଯଦି ନ୍ୟାୟାଳୟର ଅନ୍ତର୍ନିହିତ ଅଧିକାରିତା ପ୍ରୟୋଗ କରି ସେହି ବିଧିବଦ୍ଧ ନିୟମରେ ହସ୍ତକ୍ଷେପ କରାଯାଇପାରେ ତେବେ ଏହା ଏକ ଦୁର୍ଭାଗ୍ୟଜନକ ପରିଣାମ ହେବ ବୋଲି ମାନ୍ୟବର ନ୍ୟାୟମୂର୍ତ୍ତି ଭାବୁଛନ୍ତି । ନ୍ୟାୟପାଳିକା ଏବଂ ପୁଲିସର କାର୍ଯ୍ୟ ପରସ୍ପରର ପରିପୂରକ ଅଟେ, ପରସ୍ପର ଉପରେ ପ୍ରଭାବ ପକାଇବା ନୁହେଁ, ଏବଂ ବ୍ୟକ୍ତିଗତ ସ୍ୱାଧୀନତା ସହିତ ଆଇନ ଶୃଙ୍ଖଳା ବ୍ୟବସ୍ଥାର ଉପଯୁକ୍ତ ପାଳନ କେବଳ ନିଜ ନିଜ କାର୍ଯ୍ୟକୁ ପାଳନ କରିବା ଦ୍ୱାରା ହିଁ ହାସଲ କରାଯାଇପାରିବ, ଅବଶ୍ୟ, ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା ୪୯୧ ଅନୁଯାୟୀ ଯେତେବେଳେ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକୃତିର ଆଦେଶ ଦେବା ନିମନ୍ତେ ଉପଯୁକ୍ତ ମାମଲାରେ ହସ୍ତକ୍ଷେପ କରିବାକୁ ନ୍ୟାୟାଳୟମାନଙ୍କର ଅଧିକାରକୁ ଆହ୍ୱାନ କରାଯାଇପାରିବ । ତେବେ ବର୍ତ୍ତମାନ ଭଳି ସ୍ଥିତିରେ ନ୍ୟାୟାଳୟର କାର୍ଯ୍ୟ ସେତେବେଳେ ଆରମ୍ଭ ହୋଇଥାଏ ଯେତେବେଳେ ଏହାଙ୍କ ସମ୍ମୁଖରେ କୌଣସି ଅଭିଯୋଗ ରଖାଯାଏ ଏବଂ ସେତେବେଳ ପର୍ଯ୍ୟନ୍ତ ନୁହେଁ .... ବର୍ତ୍ତମାନର ମାମଲାରେ, ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା ୧୫୪ଏବଂ ୧୫୬ ଅଧୀନରେ ନ୍ୟାୟାଳୟଙ୍କ ମଞ୍ଜୁରି ବିନା କୌଣସି ଧର୍ତ୍ତବ୍ୟ ଅପରାଧର ତଦନ୍ତ କରିବା ପୁଲିସର ଏକ ବୈଧାନିକ ଅଧିକାର ଅଟେ ...."

ସାଧାରଣତଃ, ସିଆରପିସି ଧାରା ୧୭୩ (୧) ଅଧୀନରେ ରିପୋର୍ଟ ଦାଖଲ କରାଯିବା ପରେ ପୁଲିସର ଅଧିକାର ଏବଂ କର୍ତ୍ତବ୍ୟ ଶେଷ ହୋଇଯିବ, ଯାହା ପାଇବା ପରେ ଅପରାଧର ସଜ୍ଞାନ ନେବା କିମ୍ବା ନନେବା ମାଜିଷ୍ଟ୍ରେଟଙ୍କ ଉପରେ ନିର୍ଭର କରେ । ୧୮୯୮ ର ସଂହିତାରେ ପୁଲିସ ଦ୍ୱାରା ପାଳନ କରାଯିବାକୁ ଥିବା ପ୍ରକ୍ରିୟାକୁ ନିର୍ଦ୍ଧାରଣ କରିବାର କୌଣସି ବ୍ୟବସ୍ଥା ନଥିଲା, ଯେଉଁଥିରେ ସିଆରପିସି ଧାରା ୧୭୩(୧) ଅଧୀନରେ ରିପୋର୍ଟ ଦାଖଲ କରିବା ପରେ ଏବଂ ମାଜିଷ୍ଟ୍ରେଟ ଅପରାଧ ବିଷୟରେ ଅବଗତ ହେବା ପରେ, ନୂତନ ତଥ୍ୟ ସାମ୍ନାକୁ ଆସିଥିଲା ଯାହାର ଅଧିକ ତଦନ୍ତ ଆବଶ୍ୟକ

ଥିଲା । ଅବଶ୍ୟ, ଧାରା ୧୭୩(୧) ଅଧୀନରେ ରିପୋର୍ଟ ଦାଖଲ କରିବା ପରେ କିମ୍ବା ମାଜିଷ୍ଟ୍ରେଟ ଅପରାଧ ବିଷୟରେ ଅବଗତ ହେବା ପରେ ସାମ୍ନାକୁ ଆସୁଥିବା ନୂତନ ତଥ୍ୟର ତଦନ୍ତ ଆରମ୍ଭ କରିବା ଉପରେ ପୁଲିସକୁ ପ୍ରତିବନ୍ଧକ ଲଗାଇବା ଲାଗି କୌଣସି ସ୍ୱଷ୍ଟ ବ୍ୟବସ୍ଥା ନଥିଲା । ସମ୍ପ୍ରତି ଆମେ ସୂଚିତ କରୁ କି, ଅନେକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସାଧାରଣତଃ ଏହା ଚିନ୍ତା କରାଯାଉଥିଲା, ଯଦିଓ ଅଳ୍ପ କେତେକଙ୍କ ଦ୍ୱାରା ସନ୍ଦେହ କରାଯାଉଥିଲା, ଯେ ଏହି ପରିସ୍ଥିତିରେ ପୁଲିସକୁ ଅଧିକ ଅନୁସନ୍ଧାନରୁ ବାରଣ କରାଯାଇନଥିଲା ଯେ ଧାରା ୧୭୩(୧) ଅନୁଯାୟୀ ଏକ ରିପୋର୍ଟ ପୂର୍ବରୁ ଦାଖଲ ହୋଇସାରିଛି ଏବଂ ଜଣେ ମାଜିଷ୍ଟ୍ରେଟ ଏହି ଅପରାଧ ବିଷୟରେ ସଜ୍ଞାନ ହୋଇ ସାରିଛନ୍ତି । ବିଧି ଆୟୋଗ ନିଜର ୪୧ତମ ରିପୋର୍ଟରେ ଏହି ସ୍ଥିତିକୁ ସ୍ୱୀକାର କରିଥିଲେ ଏବଂ ଆହୁରି ଅଧିକ ତଦନ୍ତ କରିବା ଲାଗି ପୁଲିସର ଅଧିକାରକୁ ବୈଧାନିକ ରୂପେ ସୁନିଶ୍ଚିତ କରିବା ଲାଗି ସୁପାରିଶ କରିଥିଲେ । ବିଧି ଆୟୋଗ କହିଥିଲେ:

> "୧୪.୨୩. ଧାରା ୧୭୩ ଅନୁଯାୟୀ ଏକ ରିପୋର୍ଟ ସାଧାରଣତଃ ତଦନ୍ତକୁ ଶେଷ କରିଥାଏ । ବେଳେବେଳେ ଜଣେ ପୁଲିସ ଅଧିକାରୀ ଧାରା ୧୭୩ ଅଧୀନରେ ରିପୋର୍ଟ ଦାଖଲ କରିବା ପରେ ଅଭିଯୁକ୍ତଙ୍କ ଦୋଷ କିମ୍ବା ନିର୍ଦ୍ଦୋଷତାର ପ୍ରମାଣ ପାଇଥାନ୍ତି । ଆମେ ଭାବିବା ଉଚିତ ଥିଲା ଯେ ପୁଲିସ ଅଧିକାରୀ ସେହି ପ୍ରମାଣ ସଂଗ୍ରହ କରି ସମ୍ପୃକ୍ତ ମାଜିଷ୍ଟ୍ରେଟଙ୍କ ପାଖକୁ ପଠାଇପାରିବେ । ତେବେ, ଏହା ପ୍ରତୀୟମାନ ହେଉଛି ଯେ ଅଦାଲତଗୁଡ଼ିକ ବେଳେବେଳେ ଏହି ସଂକୀର୍ଣ୍ଣ ମତ ପୋଷଣ କରିଛନ୍ତି ଯେ ଧାରା ୧୭୩ ଅଧୀନରେ ଥରେ ଚୂଡ଼ାନ୍ତ ରିପୋର୍ଟ ପଠାଯିବା ପରେ, ପୁଲିସ ଏହି ମାମଲାକୁ ଆଉ ଛୁଇଁ ପାରିବେ ନାହିଁ ଏବଂ ତଦନ୍ତ ପୁନରାରମ୍ଭ କରିପାରିବେ ନାହିଁ । ଏହି ମତ ତଦନ୍ତକାରୀ ସଂସ୍ଥା ପଥରେ ଏକ ବାଧକ ସାଜିଥାଏ, ଯାହା ଅଭିଯୋଗ ପକ୍ଷ ଏବଂ ଅଭିଯୁକ୍ତଙ୍କ ପାଇଁ ମଧ୍ୟ ଅତ୍ୟନ୍ତ ଅନ୍ୟାୟ ହୋଇପାରେ । ଧାରା ୧୭୩ ରେ ଏହା ସ୍ୱଷ୍ଟ କରାଯିବା ଉଚିତ ଯେ କ୍ଷମତାପନ୍ନ ପୁଲିସ ଅଧିକାରୀ ଏପରି ପ୍ରମାଣର ଯାଞ୍ଚ କରି ମାଜିଷ୍ଟ୍ରେଟଙ୍କୁ ରିପୋର୍ଟ ପଠାଇପାରିବେ । ନୂତନ ତଥ୍ୟ ସମ୍ବନ୍ଧୀୟ ପ୍ରତିଲିପି ଅବଶ୍ୟ ଅଭିଯୁକ୍ତଙ୍କୁ ପ୍ରଦାନ କରାଯିବା ଆବଶ୍ୟକ ।"

ତଦନୁସାରେ, ୧୯୭୩ ସିଆରପିସିରେ ଏକ ନୂଆ ବ୍ୟବସ୍ଥା, ଧାରା ୧୭୩(୮) ସାମିଲ କରାଯାଇଥିଲା ଏବଂ ଏଥିରେ କୁହାଯାଏ:

> "ଉପ-ଧାରା (୨) ଅଧୀନରେ ମାଜିଷ୍ଟ୍ରେଟଙ୍କ ନିକଟକୁ ରିପୋର୍ଟ ପଠାଯିବା ପରେ ଏହି ଧାରାରେ କୌଣସି ବିଷୟ ଅପରାଧ ସଂପର୍କରେ ଅଧିକ ଅନୁସନ୍ଧାନକୁ ବାରଣ କରିବ ବୋଲି ବିବେଚିତ ହେବ ନାହିଁ ଏବଂ ଏପରି ଅନୁସନ୍ଧାନରେ ଥାନାର

ଭାରପ୍ରାପ୍ତ ଅଧିକାରୀ ମୌଖିକ ବା ଦସ୍ତାବିଜ ସହିତ ଅତିରିକ୍ତ ପ୍ରମାଣ ହାସଲ କଲେ ସେ ବିହିତ ପ୍ରପତ୍ରରେ ଏପରି ପ୍ରମାଣ ସଂପର୍କରେ ଏକ ଅତିରିକ୍ତ ରିପୋର୍ଟ ବା ରିପୋର୍ଟଗୁଡିକ ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଇବେ ଏବଂ ଉପ-ଧାରା (୨) ରୁ (୬) ର ପ୍ରାବଧାନ ଗୁଡିକ ଯଥାସମ୍ଭବ ଏପରି ରିପୋର୍ଟ ବା ରିପୋର୍ଟଗୁଡିକ ସମ୍ବନ୍ଧରେ ସେପରି ଲାଗୁ ହେବ ଯେପରିକି ସେମାନେ ଉପ-ଧାରା (୨) ଅଧୀନରେ ପଠାଯାଇଥିବା ରିପୋର୍ଟ ସମ୍ବନ୍ଧରେ ପ୍ରଯୁଜ୍ୟ ହେବ ।"

୬୯) ***ଲଲ୍ଲନ ଚୌଧୁରୀ (ଉପରୋକ୍ତ)*** ମାମଲାରେ ଏହି ନ୍ୟାୟାଳୟ ନିମ୍ନଲିଖିତ ରାୟ ପ୍ରଦାନ କରିଥିଲେ:

"**୮.** ସଂହିତାର ଧାରା ୧୫୪ ଅଭିଯୋଗରେ ପ୍ରକାଶ ପାଇଥିବା ଅନୁସାରେ ମାମଲା ରୁଜୁ କରିବା ଏବଂ ପରେ ତଦନ୍ତ ଜାରି ରଖିବା ପାଇଁ ପୁଲିସ ଅଧିକାରୀଙ୍କ ଉପରେ ଏକ ବୈଧାନିକ କର୍ତ୍ତବ୍ୟ ନ୍ୟସ୍ତ କରିଛି । ଧାରା ୧୫୪ ର ନିର୍ଦ୍ଦେଶ ସୁସ୍ପଷ୍ଟ ଯେ ଯଦି କୌଣସି ଧର୍ତ୍ତବ୍ୟ ଅପରାଧ ସମ୍ପର୍କରେ କୌଣସି ସୂଚନା ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଏ, ତେବେ ସେହି ପୁଲିସ ଅଧିକାରୀଙ୍କ ପାଖରେ ସେହି ସୂଚନା ଆଧାରରେ ମାମଲା ରୁଜୁ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ।

**୯.** *ରମେଶ କୁମାରୀ* ବନାମ *ରାଜ୍ୟ (ଏନସିଟି ଅଫ୍ ଦିଲ୍ଲୀ)* ମାମଲାରେ ଏହି ନ୍ୟାୟାଳୟ କହିଛନ୍ତି ଯେ ଧାରା ୧୫୪ ର ବ୍ୟବସ୍ଥା ବାଧ୍ୟତାମୂଳକ ଅଟେ । ତେଣୁ ସଂପୃକ୍ତ ପୁଲିସ ଅଧିକାରୀ ଧର୍ତ୍ତବ୍ୟ ଅପରାଧ ସମ୍ପର୍କରେ ସୂଚନା ପାଇବା ପରେ ମାମଲା ରୁଜୁ କରିବାକୁ ଦାୟିତ୍ୱବଦ୍ଧ । ଏକ ମାମଲା ପଞ୍ଜୀକରଣ ପାଇଁ ସୂଚନାର ସତ୍ୟତା କିମ୍ବା ବିଶ୍ୱାସନୀୟତାର ପୂର୍ବ ଦୃଷ୍ଟାନ୍ତ ଏକ ସର୍ତ୍ତ ନୁହେଁ । ମାମଲା ରୁଜୁ ହେବା ପରେ ହିଁ ଏହାକୁ ବିଚାରକୁ ନିଆଯାଇପାରିବ ।

**୧୦.** ସଂହିତାର ଧାରା ୧୫୪ ର ନିର୍ଦ୍ଦେଶ ହେଉଛି ଯେ ଏକ ଧର୍ତ୍ତବ୍ୟ ଅପରାଧ ପ୍ରକାଶ ବିଷୟରେ ସୂଚନା ଆଧାରରେ ଏକ ଅପରାଧ କିମ୍ବା ଏକ ମାମଲା ରୁଜୁ କରିବା ପର୍ଯ୍ୟାୟରେ, ସମ୍ପୃକ୍ତ ପୁଲିସ ଅଧିକାରୀ ସୂଚନା ପ୍ରଦାନକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ବିଶ୍ୱାସନୀୟ ଏବଂ ବାସ୍ତବିକ କି ନୁହେଁ କିମ୍ବା ଅନ୍ୟ କୌଣସି କାରଣରୁ ତଦନ୍ତ ଆରମ୍ଭ କରି ପାରିବେନାହିଁ ଏବଂ ସୂଚନା ପ୍ରାସଙ୍ଗିକ କିମ୍ବା ବିଶ୍ୱାସଯୋଗ୍ୟ ନୁହେଁ ଆଧାରରେ ମାମଲା ରୁଜୁ କରିବାକୁ ମନା କରିପାରିବେ ନାହିଁ । ଅନ୍ୟ ଶବ୍ଦରେ କହିବାକୁ ଗଲେ, ତଥ୍ୟର ନିର୍ଭରଯୋଗ୍ୟତା, ସତ୍ୟତା ଏବଂ ବିଶ୍ୱାସନୀୟତା ସଂହିତାର ଧାରା ୧୫୪ ଅନୁଯାୟୀ ଏକ ମାମଲା ରୁଜୁ କରିବାଲାଗି ପୂର୍ବ ଦୃଷ୍ଟାନ୍ତର ସର୍ତ୍ତ ନୁହେଁ ।"

ଉପରୋକ୍ତ ରାୟ ଗୁଡ଼ିକର ଅନୁଧ୍ୟାନ ସ୍ପଷ୍ଟ କରେ ଯେ ଏକ ମାମଲା ପଞ୍ଜୀକରଣ ପାଇଁ ସୂଚନାର ଯୁକ୍ତିଯୁକ୍ତତା କିମ୍ବା ବିଶ୍ୱାସନୀୟତା ପୂର୍ବ ଦୃଷ୍ଟାନ୍ତର ଏକ ସର୍ତ୍ତ ନୁହେଁ ।

**ପ୍ରାରମ୍ଭିକ ତଦନ୍ତ**

୭୦) ଶ୍ରୀ ନାଫାଡେ ତାଙ୍କ ଯୁକ୍ତିକୁ ସମର୍ଥନ କରି ନିମ୍ନଲିଖିତ ନିଷ୍ପତ୍ତି ଉପରେ ଆସ୍ଥା ପ୍ରକଟ କରିଥିଲେ ଯେ ଯଦି ପୁଲିସ ଅଧିକାରୀଙ୍କ ଅଭିଯୋଗର ସତ୍ୟତା ଉପରେ ସନ୍ଦେହ ରହିଛି, ତେବେ ତାଙ୍କୁ ପ୍ରାରମ୍ଭିକ ତଦନ୍ତ କରିବାକୁ ପଡ଼ିବ, ଯଥା:- ***ଇ. ପି. ରୋୟାପ୍ପା*** ବନାମ ***ତାମିଲନାଡୁ ରାଜ୍ୟ*** (୧୯୭୪) ୪ ଏସସିସି ୩, ***ମାନେକା ଗାନ୍ଧୀ (ଉପରୋକ୍ତ), ଏସ.ଏମ.ଡି. କିରଣ ପାଶା*** ବନାମ ***ଆନ୍ଧ୍ର ପ୍ରଦେଶ ସରକାର*** (୧୯୯୦) ୧ ଏସସିସି ୩୨୮, ***ଡିକେ ବସୁ*** ବନାମ ***ପଶ୍ଚିମ ବଙ୍ଗ ରାଜ୍ୟ*** (୧୯୯୭) ୧ ଏସସିସି ୪୧୬, ***ଉମାଶଙ୍କର ସିତାନି*** ବନାମ ***ଦିଲ୍ଲୀ ପୁଲିସ କମିଶନର ଏବଂ ଅନ୍ୟମାନେ*** (୧୯୯୬)୧୧ ଏସସିସି ୭୧୪, ***ପ୍ରୀତି ଗୁପ୍ତା (ଉପରୋକ୍ତ), ଫ୍ରାନ୍ସିସ କୋରାଲି ମଲ୍ଲିନ*** ବନାମ ***ପ୍ରଶାସକ, କେନ୍ଦ୍ର ଶାସିତ ପ୍ରଦେଶ, ଦିଲ୍ଲୀ*** (୧୯୮୧) ୧ ଏସସିସି ୬୦୮, ***କମନ କଜ୍, ଏକ ପଞ୍ଜୀକୃତ ସମିତି*** ବନାମ ***ଭାରତ ସଂଘ ସରକାର*** (୧୯୯୯) ୬ ଏସସିସି ୬୬୭, ***ଜିଲ୍ଲା ରେଜିଷ୍ଟ୍ରାର ଏବଂ ଜିଲ୍ଲାପାଳ, ହାଇଦ୍ରାବାଦ*** ବନାମ ***କାନାରା ବ୍ୟାଙ୍କ*** (୨୦୦୫) ୧ ଏସସିସି ୪୯୬ ଏବଂ ***ରଞ୍ଜିତସିଂ ବ୍ରହ୍ମଜିତସିଂ ଶର୍ମା*** ବନାମ ***ମହାରାଷ୍ଟ୍ର ରାଜ୍ୟ***(୨୦୦୫) ୫ ଏସସିସି ୨୯୪ ।

୭୧) ରାଜ୍ୟ ତରଫରୁ ବରିଷ୍ଠ ଅଧିବକ୍ତା ଆହୁରି ଦୃଢ଼ତାର ସହ ଯୁକ୍ତି ବାଢିଥିଲେ ଯେ ଉପଯୁକ୍ତ ମାମଲାରେ, ଏକ ଧର୍ତ୍ତବ୍ୟ ଅପରାଧ ଅଭିଯୋଗ ପାଇବା ପରେ ଜଣେ ପୁଲିସ ଅଧିକାରୀ ନିଜକୁ ସନ୍ତୁଷ୍ଟ କରିବା ଠିକ ହେବ ଯେ ଆପାତତଃ ଅଭିଯୁକ୍ତଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗ ବିଶ୍ୱାସନୀୟ । ଏହି ପରିପ୍ରେକ୍ଷୀରେ ଶ୍ରୀ ନାଫାଡେ ନିମ୍ନଲିଖିତ ନିଷ୍ପତ୍ତି ଯଥା ***ତପନ କୁମାର ସିଂ (ଉପରୋକ୍ତ), ଭଗବନ୍ତ କିଶୋର ଯୋଶୀ (ଉପରୋକ୍ତ), ପି. ସିରାଜୁଦ୍ଦିନ୍ (ଉପରୋକ୍ତ), ସେଭି (ଉପରୋକ୍ତ), ଶଶୀକାନ୍ତ (ଉପରୋକ୍ତ), ରାଜିନ୍ଦର ସିଂହ କଟୋଚ (ଉପରୋକ୍ତ), ବିନୀତ ନାରାୟଣ*** ବନାମ ***ଭାରତ ସଂଘ*** (୧୯୯୮)୧ ଏସସିସି ୨୨୬, ***ଏଲୁମାଲାଇ*** ବନାମ ***ତାମିଲନାଡୁ ରାଜ୍ୟ*** ୧୯୮୩ ଏଲଡବ୍ଲ୍ୟୁ (ସିଆରଏଲ) ୧୨୧, ***ଏ. ଲକ୍ଷ୍ମଣରାଓ*** ବନାମ ***ନ୍ୟାୟିକ ମାଜିଷ୍ଟ୍ରେଟ ପାର୍ବତୀପୁରମ*** ଏଆଇଆର ୧୯୭୧ ଏସସି ୧୮୬, ***ଉତ୍ତର ପ୍ରଦେଶ ରାଜ୍ୟ*** ବନାମ ***ରାମ ସାଗର ଯାଦବ ଓ ଅନ୍ୟମାନେ*** (୧୯୮୫) ୧ ଏସସିସି ୫୫୨, ***ମୋନା ପନୱାର*** ବନାମ ***ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ*** (୨୦୧୧) ୩ ଏସସିସି ୪୯୬, ***ଅପ୍ରେନ୍ ଯୋଶେଫ*** ବନାମ **କେରଳ ରାଜ୍ୟ** (୧୯୭୩) ୩ ଏସସିସି ୧୧୪, ***କିଙ୍ଗ***

***ଏମ୍ପେରର*** ବନାମ ***ଖ୍ୱାଜା ନାଜିର ଅହମ୍ମଦ*** ଏଆଇଆର ୧୯୪୫ ପିସି ୧୮ ଏବଂ ***ସାରଙ୍ଗଧରସିଂହ ଶିବଦାସସିଂହ ଚୌହାନ (ଉପରୋକ୍ତ)*** ଉଦ୍ଧୃତ କରିଥିଲେ ।

୭୨) ସେ ଆହୁରି ଉଲ୍ଲେଖ କରିଥିଲେ ଯେ ଏହି ବ୍ୟବସ୍ଥାଗୁଡ଼ିକୁ *ଦ୍ୱେଷପୂର୍ଣ୍ଣ* ଅଭିଯୋଗର ସିଦ୍ଧାନ୍ତ ଏବଂ ଅନୁଚ୍ଛେଦ ୧୪,୧୯ ଏବଂ ୨୧ ଅନୁଯାୟୀ ସୁନିଶ୍ଚିତ ମୌଳିକ ଅଧିକାରକୁ ଦୃଷ୍ଟିରେ ରଖି ପଠନ କରିବାକୁ ହେବ । ବିଦ୍ୱାନ ବରିଷ୍ଠ ଅଧିବକ୍ତାଙ୍କ ଯୁକ୍ତି ଏହା ଯେ ଦ୍ୱେଷପୂର୍ଣ୍ଣ ଅଭିଯୋଗ ଅଧିନସ୍ଥ ନହେବା ପ୍ରତ୍ୟେକ ନାଗରିକର ଏକ ଅଧିକାର ଏବଂ ଜଣେ ନିର୍ଦ୍ଦୋଷ ବ୍ୟକ୍ତିକୁ ଯେପରି କୌଣସି ଅପରାଧିକ ମାମଲାରେ ମିଥ୍ୟାରେ ଫସାଇ ଦିଆଯିବ ନାହିଁ ତାହାକୁ ସୁନିଶ୍ଚିତ କରିବାକୁ ଧାରା ୧୫୪ ଅଧୀନରେ ପ୍ରତ୍ୟେକ ପୁଲିସ ଅଧିକାରୀଙ୍କର ଏକ ସ୍ୱତଃ କର୍ତ୍ତବ୍ୟ ରହିଛି । ଏହି ତଥ୍ୟ ସତ୍ତ୍ୱେ ଯଦି କୌଣସି ପୁଲିସ ଅଧିକାରୀ ଏକ ଧର୍ତ୍ତବ୍ୟ ଅପରାଧ ସଂଘଟିତ ହୋଇଥିବା ସମ୍ବନ୍ଧରେ ପ୍ରଥମ ଦୃଷ୍ଟିଗତରେ ସନ୍ତୁଷ୍ଟ ନ ହୁଅନ୍ତି ଏବଂ ଏଫଆଇଆର ପଞ୍ଜୀକରଣ କରି ତଦନ୍ତ କରିଥାନ୍ତି, ତେବେ ଏହା ନାଗରିକଙ୍କ ସ୍ୱାଧୀନତାକୁ ବିପଦରେ ପକାଇବ । ତେଣୁ, ଏଫଆଇଆର ପଞ୍ଜୀକରଣ କରିବା ପୂର୍ବରୁ ପ୍ରାଥମିକ ତଦନ୍ତ କରାଯାଉ ବୋଲି ବିଦ୍ୱାନ ବରିଷ୍ଠ ଅଧିବକ୍ତା ଦୃଢ଼ ଭାବେ ଦାବି କରିଥିଲେ ।

୭୩) ସଂହିତାର ଧାରା ୧୫୪ ରେ ବ୍ୟବହୃତ ଭାଷା ଅନୁଯାୟୀ, ଯଦି ଥାନାର ଭାରପ୍ରାପ୍ତ ଅଧିକାରୀ ଅନ୍ୟ କୌଣସି କାରଣରୁ ଏପରି ଧର୍ତ୍ତବ୍ୟ ଅପରାଧ ହୋଇଥିବାର ସନ୍ଦେହ କରନ୍ତି ତେବେ ପୁଲିସ ବିନା କୌଣସି ସୂଚନା (ଅର୍ଥାତ୍ ଏଫଆଇଆର) ନପାଇ ମଧ୍ୟ ଏକ ଧର୍ତ୍ତବ୍ୟ ଅପରାଧ ବିଷୟରେ ତଦନ୍ତ କରିବା ପାଇଁ କର୍ତ୍ତବ୍ୟବଦ୍ଧ । ତେଣୁ ବିଧାନର ଉଦ୍ଦେଶ୍ୟ ସ୍ପଷ୍ଟ ଯେ ଆଇନ ଅନୁଯାୟୀ ପ୍ରତ୍ୟେକ ଧର୍ତ୍ତବ୍ୟ ଅପରାଧ ଯେପରି ତ୍ୱରିତ ଭାବେ ତଦନ୍ତ କରାଯାଏ ତାହା ସୁନିଶ୍ଚିତ କରାଯିବ । ଏହା ଆଇନଗତ ସ୍ଥିତି ହୋଇଥିବାରୁ ଯେତେବେଳେ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିବାର ସୂଚନା ଦିଆଯାଏ, ସେତେବେଳେ ଏଫଆଇଆର ରୁଜୁ କରିବା କିମ୍ବା ନ କରିବାର ସ୍ୱାଧୀନତା କିମ୍ବା କୌଣସି ବିକଳ୍ପ ପୁଲିସ ପାଖରେ ରହିବାର କୌଣସି କାରଣ ନାହିଁ । ଆଇନ ଅନୁଯାୟୀ ପ୍ରତ୍ୟେକ ଧର୍ତ୍ତବ୍ୟ ଅପରାଧକୁ ତୁରନ୍ତ ତଦନ୍ତ କରାଯିବା ଆବଶ୍ୟକ ଏବଂ ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ବନ୍ଧରେ ସଂହିତାର ଧାରା ୧୫୪ ଅନୁଯାୟୀ ପ୍ରଦାନ କରାଯାଇଥିବା ସମସ୍ତ ସୂଚନାକୁ ଏକ ଅପରାଧଭାବେ ଆରମ୍ଭ କରିବା ଲାଗି ଏଫଆଇଆର ଭାବେ ପଞ୍ଜୀକୃତ କରାଯିବା ଆବଶ୍ୟକ । ସଂହିତାର ଧାରା ୧୫୪ ର ଆବଶ୍ୟକତା କେବଳ ଏହା ଯେ ରିପୋର୍ଟ କୌଣସି ଧର୍ତ୍ତବ୍ୟ ଅପରାଧ ହୋଇଥିବା ସମ୍ପର୍କରେ ପ୍ରକାଶ କରୁଥିବା ଆବଶ୍ୟକ ଏବଂ ଏହା ତଦନ୍ତକାରୀ କଳକୁ କାର୍ଯ୍ୟକ୍ଷମ କରିବା ଲାଗି ପର୍ଯ୍ୟାପ୍ତ ।

୭୪) ଏକ ସଂଶୋଧନ ଜରିଆରେ ଯୋଡ଼ାଯାଇଥିବା ଧାରା ୧୫୪ ର ଉପ-ଧାରା (୩) କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବାର ସୂଚନାକୁ ଅଣଦେଖା କରାଯିବା ଉଚିତ ନୁହେଁ କିମ୍ବା ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯିବାର ପରିଣାମ ଅପରାଧୀ/ଅଭିଯୁକ୍ତଙ୍କୁ ଅନୁଚିତ ସୁରକ୍ଷା ପ୍ରଦାନ କରିବ ବୋଲି ସୁନିଶ୍ଚିତ କରିବାକୁ ବିଧାନମଣ୍ଡଳର ଉଦ୍ଦେଶ୍ୟକୁ ପ୍ରକାଶ କରେ ।

୭୫) *ୟୁନିଅସ ଏଷ୍ଟ ଏକ୍ସକ୍ଲୁଜନ ଅଲଟେରିଅସ* (ଗୋଟିଏ ଜିନିଷର ଅଭିବ୍ୟକ୍ତି ହେଉଛି ଅନ୍ୟ ଜିନିଷକୁ ବାହାର କରିବା), ଏହି ଉକ୍ତିଟି ସଂହିତାର ଧାରା ୧୫୪ ର ବ୍ୟାଖ୍ୟା ଉପରେ ଲାଗୁ ହୋଇଥାଏ, ଯେଉଁଥିରେ ଲିଖିତ ଭାବେ ସୂଚନା ଲିପିବଦ୍ଧ କରିବାର ଅଧିକାର ସ୍ୱତନ୍ତ୍ର ରେଜିଷ୍ଟରରେ କୌଣସି ଧର୍ତ୍ତବ୍ୟ ଅପରାଧ ହୋଇଥିବାର ସୂଚନା ଲିପିବଦ୍ଧ ନକରିବାର ସମ୍ଭାବନାକୁ ବାଦ ଦେଇଥାଏ ।

୭୬) ତେଣୁ, ସଂହିତାର ଧାରା ୧୫୪ ଅନ୍ତର୍ଗତ ଏଫଆଇଆର ପଞ୍ଜୀକରଣ ହେବା ପରେ କୌଣସି ଅପରାଧର ତଦନ୍ତ କରିବା ଏକ "ଆଇନ ଦ୍ୱାରା ସ୍ଥାପିତ ପ୍ରକ୍ରିୟା" ଏବଂ, ସେଥିଲାଗି ଏହା ସମ୍ବିଧାନର ଧାରା ୨୧ ଅନୁରୂପ ଅଟେ । ତଦନୁସାରେ, ସମ୍ବିଧାନର ଧାରା ୨୧ ଅନୁଯାୟୀ ଅଭିଯୁକ୍ତଙ୍କ ଅଧିକାର ସୁରକ୍ଷିତ ଯଦି ପ୍ରଥମେ ଏଫଆଇଆର ରୁଜୁ କରାଯାଏ ଏବଂ ପରେ ଆଇନ ବ୍ୟବସ୍ଥା ଅନୁଯାୟୀ ତଦନ୍ତ କରାଯାଇଥାଏ ।

୭୭) ସଂହିତାର ଧାରା ୨(ଛ) ଅନୁଯାୟୀ ଅନୁସନ୍ଧାନ ଶବ୍ଦ ନିମ୍ନ ରୂପେ ପଠନ କରାଯାଏ :

> "**୨(ଛ) - "ଅନୁସନ୍ଧାନ"** ଅର୍ଥ ଏହି ସଂହିତା ଅଧୀନରେ ମାଜିଷ୍ଟ୍ରେଟ କିମ୍ବା ନ୍ୟାୟାଳୟ ଦ୍ୱାରା କରାଯାଇଥିବା ବିଚାର ବ୍ୟତୀତ ଅନ୍ୟ ପ୍ରତ୍ୟେକ ତଦନ୍ତ ।"

ତେଣୁ, ଏହା ସ୍ପଷ୍ଟ ଯେ ଏହି ସଂହିତା ଅନ୍ତର୍ଗତ ତଦନ୍ତ ଏକ ନ୍ୟାୟିକ କାର୍ଯ୍ୟ ସହ ସଂଶ୍ଳିଷ୍ଟ ଅଟେ ଏବଂ ପୁଲିସ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସହ ନୁହେଁ, ଯାହାକି ସଂହିତାର ଧାରା ୧୫୪ ର ପର୍ଯ୍ୟାୟ ପରେ କରାଯାଇଥାଏ କିମ୍ବା ଯାହାକି 'ପ୍ରାରମ୍ଭିକ ତଦନ୍ତ' ବୋଲି କୁହାଯାଇଥାଏ ଏବଂ ଯାହାକି ଏଫଆଇଆର ରୁଜୁ ହେବା ପୂର୍ବରୁ କରାଯାଇଥାଏ, ଯଦିଓ ସାଧାରଣ ଡାଏରୀ/ଷ୍ଟେସନ ଡାଏରୀ/ଦୈନିକ ଡାଏରୀରେ କୌଣସି ପ୍ରକାଶ କରାଯାଇ ନଥାଏ ।

୭୮) ଯଦିଓ ସଂହିତାର ଧାରା ୧୫୯ ଏବଂ ଧାରା ୨୦୨ ଏବଂ ୩୪୦ ଅନ୍ତର୍ଗତ 'ପ୍ରାରମ୍ଭିକ ତଦନ୍ତ' ଏବଂ 'ତଦନ୍ତ' ଶବ୍ଦ ପ୍ରତି ସନ୍ଦର୍ଭ ରହିଛି, ଏହା ନ୍ୟାୟାଳୟ ଦ୍ୱାରା କରାଯାଇଥିବା ଏକ ନ୍ୟାୟିକ ପ୍ରକ୍ରିୟା, ପୁଲିସ ଦ୍ୱାରା ନୁହେଁ ଏବଂ ବର୍ତ୍ତମାନ ସନ୍ଦର୍ଭର ଉଦ୍ଦେଶ୍ୟ ପାଇଁ ଏହା ପ୍ରାସଙ୍ଗିକ ନୁହେଁ ।

୭୯) ଏହା ବ୍ୟତୀତ ବିଦ୍ୱାନ ବରିଷ୍ଠ ଅଧିବକ୍ତା ସିବିଆଇର ନିୟମାବଳୀ ଅଧୀନରେ ନିର୍ଦ୍ଧାରିତ ସ୍ୱତନ୍ତ୍ର ପ୍ରକ୍ରିୟା ଧାରା ୧୫୪ ମଧ୍ୟକୁ ପଠନ ହେବ ବୋଲି ଆସ୍ଥା ପ୍ରକଟ କରିଥିଲେ । ଏହା ସତ୍ୟ ଯେ "ପ୍ରାରମ୍ଭିକ ତଦନ୍ତ" ର ଧାରଣା ସିବିଆଇର ଅପରାଧ ନିୟମାବଳୀର ନବମ ଅଧ୍ୟାୟରେ ରହିଛି । ତେବେ, ଏହି ଅପରାଧ ନିୟମାବଳୀ ଏକ ବିଧାନ ନୁହେଁ ଏବଂ ଏହା ବିଧାନମଣ୍ଡଳ ଦ୍ୱାରା ପ୍ରଣୟନ ହୋଇନାହିଁ । ଏହା ସିବିଆଇ ଅଧିକାରୀଙ୍କ ଆଭ୍ୟନ୍ତରୀଣ ମାର୍ଗଦର୍ଶନ ପାଇଁ ଜାରି କରାଯାଇଥିବା ଏକ ପ୍ରଶାସନିକ ଆଦେଶଗୁଚ୍ଛ । ଏହା ସଂହିତାର ସ୍ଥାନ ନେଇ ପାରିବ ନାହିଁ । ଅଧିକନ୍ତୁ, ସଂହିତାରେ ବିପରୀତ କୌଣସି ସଂକେତ ଅନୁପସ୍ଥିତିରେ, ଫୌଜଦାରୀ ପ୍ରକ୍ରିୟା ସଂହିତା ଯୋଜନାରେ ପ୍ରାରମ୍ଭିକ ତଦନ୍ତ କରାଯିବାର ଅବଧାରଣାକୁ ଗ୍ରହଣ କରିବାକୁ ସିବିଆଇର ଅପରାଧ ନିୟମାବଳୀର ବ୍ୟବସ୍ଥାକୁ ବିଶ୍ୱାସ କରାଯାଇପାରିବ ନାହିଁ । ଏଠାରେ, ଏହା ମଧ୍ୟ ଉପସ୍ଥାପନ କରିବା ପ୍ରାସଙ୍ଗିକ ଯେ ସିବିଆଇ ଏକ ସ୍ୱତନ୍ତ୍ର ଅଧିନିୟମ, ଅର୍ଥାତ୍ ଦିଲ୍ଲୀ ସ୍ୱତନ୍ତ୍ର ପୁଲିସ ସଂସ୍ଥାପନା ଅଧିନିୟମ, ୧୯୪୬ ଅଧୀନରେ ଗଠିତ ହୋଇଛି ଏବଂ ଏହି ଅଧିନିୟମରୁ ଏହାର ତଦନ୍ତ କରିବାର କ୍ଷମତା ପ୍ରାପ୍ତ ହୋଇଛି ।

୮୦) ଏହା ଉପସ୍ଥାପନ କରାଯାଇପାରେ ଯେ ସଂହିତାର ଧାରା ୪ (୨) ଏବଂ ୫ ସ୍ୱତନ୍ତ୍ର ଅଧିନିୟମ ପାଇଁ ସ୍ୱତନ୍ତ୍ର ପ୍ରକ୍ରିୟାକୁ ପାଳନ କରିବା ଲାଗି ଅନୁମତି ପ୍ରଦାନ କରିଥାଏ । ସଂହିତାର ଧାରା ୪ ନିମ୍ନରେ ଉଲ୍ଲେଖ କରାଯାଇଛି :

> **"ଧାରା ୪. ଭାରତୀୟ ଦଣ୍ଡ ସଂହିତା ଏବଂ ଅନ୍ୟ ଆଇନ ଅନୁଯାୟୀ ଅପରାଧର ବିଚାର ।**
> (୧) ଭାରତୀୟ ଦଣ୍ଡ ସଂହିତା (୧୮୬୦ର ୪୫) ଅଧୀନରେ ସମସ୍ତ ଅପରାଧର ତଦନ୍ତ, ଅନୁସନ୍ଧାନ, ବିଚାର ଏବଂ ଅନ୍ୟବିକଳ୍ପ ଏହା ପରବର୍ତ୍ତୀ ପ୍ରାବଧାନ ଗୁଡିକ ଅନୁସାରେ କାର୍ଯ୍ୟ କରିବ ।
>
> (୨) ଅନ୍ୟ କୌଣସି ଆଇନ ଅଧୀନରେ ସମସ୍ତ ଅପରାଧର ତଦନ୍ତ, ଅନୁସନ୍ଧାନ, ବିଚାର ଏବଂ ଅନ୍ୟବିକଳ୍ପ ସେହି ପ୍ରାବଧାନ ଗୁଡିକ ଅନୁଯାୟୀ କରାଯିବ, କିନ୍ତୁ ଏପରି ଅପରାଧର ତଦନ୍ତ, ଅନୁସନ୍ଧାନ, ପ୍ରୟାସ ବା ଅନ୍ୟଥା କାର୍ଯ୍ୟ କରିବାର ପ୍ରଣାଳୀ ବା ଅନୁସନ୍ଧାନ ସ୍ଥାନକୁ ନିୟନ୍ତ୍ରିତ କରୁଥିବା ତତ୍ସମୟ ପ୍ରବୃତ୍ତ ସେହି ଅଧିନିୟମର ବଶବର୍ତ୍ତୀ ରହି ।"

ତେଣୁ, ଏହା ସ୍ପଷ୍ଟ ଯେ ଆଇପିସି ବ୍ୟତୀତ ଅନ୍ୟ ଆଇନ ଅଧୀନରେ ହେଉଥିବା ଅପରାଧ ପାଇଁ ସେସବୁ ଅପରାଧର ତଦନ୍ତ, ଅନୁସନ୍ଧାନ, ବିଚାର ଇତ୍ୟାଦିକୁ ନିୟନ୍ତ୍ରିତ କରିବା ଲାଗି ଏକ ସ୍ୱତନ୍ତ୍ର ଅଧିନିୟମ ଅଧୀନରେ ବିଭିନ୍ନ ବ୍ୟବସ୍ଥା କରାଯାଇପାରିବ । ସଂହିତାର ଧାରା ୪ (୨) ଏପରି ସ୍ୱତନ୍ତ୍ର ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରିଥାଏ ।

୮୧) ଅଧିକନ୍ତୁ, ସଂହିତାର ଧାରା ୫ ନିମ୍ନରେ ଉଲ୍ଲେଖ କରାଯାଇଛି :

> "**ଧାରା ୫. ସଂରକ୍ଷଣ** - ଏହି ସଂହିତାରେ ଥିବା କୌଣସି ବିଷୟ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ଅନୁପସ୍ଥିତିରେ ତତ୍ସମୟରେ ବଳବତ୍ତର ଥିବା କୌଣସି ସ୍ୱତନ୍ତ୍ର କିମ୍ବା ସ୍ଥାନୀୟ ଆଇନ ଉପରେ କିମ୍ବା କୌଣସି ସ୍ୱତନ୍ତ୍ର ଅଧିକାରିତା କିମ୍ବା ପ୍ରଦତ୍ତ କ୍ଷମତା କିମ୍ବା ନିର୍ଦ୍ଧାରିତ କୌଣସି ସ୍ୱତନ୍ତ୍ର ପ୍ରକ୍ରିୟାର ଆକୃତି ଉପରେ ସେହି ସମୟରେ ବଳବତ୍ତର ଥିବା ଅନ୍ୟ ଆଇନ ଦ୍ୱାରା ପ୍ରଭାବ ପଡିବ ନାହିଁ ।"

ତେଣୁ ଡିଏସପିଇ ଅଧିନିୟମରେ ସିବିଆଇର କ୍ଷମତା ସହିତ ଜଡ଼ିତ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ସଂହିତାର ଧାରା ୫ ଦ୍ୱାରା ସଂରକ୍ଷିତ ।

୮୨) ସଂହିତାର ଉପରୋକ୍ତ ନିର୍ଦ୍ଦିଷ୍ଟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଡିଏସପିଇ ଅଧିନିୟମ ଅଧୀନରେ ସିବିଆଇର କ୍ଷମତାକୁ ସଂହିତା ଅଧୀନରେ ନିୟମିତ ରାଜ୍ୟ ପୁଲିସର କ୍ଷମତା ସହିତ ସମାନ କରାଯାଇପାରିବ ନାହିଁ ।

**ଯଥାଶୀଘ୍ର ଏଫଆଇଆର ପଞ୍ଜୀକରଣ ପାଇଁ ମହତ୍ୱପୂର୍ଣ୍ଣ ଏବଂ ବାଧ୍ୟତାମୂଳକ କାରଣ**

୮୩) ଏଫଆଇଆର ଅନ୍ୟାନ୍ୟ ବିଷୟ ମଧ୍ୟରେ ଦୁଇଟି ସ୍ତରରେ ହୋଇଥିବା କାରଣରୁ ଯଥାଶୀଘ୍ର ସୂଚନା ପଞ୍ଜୀକୃତ କରି ଲକ୍ଷ୍ୟ ହାସଲ କରାଯାଇପାରିବ: ପ୍ରଥମତଃ, ଏହା ଯେ ଅପରାଧିକ ପ୍ରକ୍ରିୟା ଗତିଶୀଳ ହୋଇଛି ଏବଂ ପ୍ରାରମ୍ଭରୁ ଉଚିତ ଭାବରେ ଏହା ଲିପିବଦ୍ଧ ହୋଇଛି ଏବଂ ଦ୍ୱିତୀୟତଃ, କୌଣସି ଜଘନ୍ୟ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ବନ୍ଧରେ ପ୍ରାପ୍ତ ସର୍ବପ୍ରଥମ ସୂଚନା ଲିପିବଦ୍ଧ ହୋଇଛି, ଯାହା ଫଳରେ ପରବର୍ତ୍ତୀ ସମୟରେ କୌଣସି ଅତିରଞ୍ଜିତ ଆଦି ହୋଇପାରିବ ନାହିଁ ।

୮୪) ଗଣତନ୍ତ୍ର ଏବଂ ସ୍ୱାଧୀନତାର ସିଦ୍ଧାନ୍ତ ପୁଲିସ କ୍ଷମତାକୁ ନିୟମିତ ଏବଂ ସକ୍ରିୟ ଭାବେ ଯାଞ୍ଚ କରିବାକୁ ଆବଶ୍ୟକ କରେ । ଏଭଳି କ୍ଷମତା ସହିତ କର୍ତ୍ତୃପକ୍ଷଙ୍କ ଉପରେ ନଜର ରଖିବାର ଗୋଟିଏ ଉପାୟ ହେଉଛି ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟକୁ ଲିପିବଦ୍ଧ କରିବା । ତଦନୁସାରେ, ସଂହିତା ଅନୁଯାୟୀ, ପୁଲିସର କାର୍ଯ୍ୟାନୁଷ୍ଠାନ ଆଦି ଲିଖିତ ଭାବେ ଏବଂ ଦସ୍ତାବିଜ ପ୍ରକାରେ ସ୍ଥିର ହୋଇଥାଏ । ଉଦାହରଣ ସ୍ୱରୂପ ସଂହିତାର ଧାରା ୪୧ (୧) (ଖ) ଅଧୀନରେ ଗିରଫଦାରୀ ମାମଲାରେ, କାରଣ ସହିତ ଗିରଫ ସ୍ମାରକୀ ଲିଖିତ ଭାବେ ରହିବା ବାଧ୍ୟତାମୂଳକ; ସଂହିତାର ଧାରା ୫୫ ଅନୁଯାୟୀ ଯଦି କୌଣସି ଅଧିକାରୀଙ୍କୁ ଗିରଫ କରିବା ଲାଗି ପ୍ରତିନିଧି ଭାବେ ପ୍ରେରଣ କରାଯାଇଥାଏ, ତେବେ ବରିଷ୍ଠ ଅଧିକାରୀଙ୍କୁ ଯେଉଁଥିପାଇଁ ବ୍ୟକ୍ତିଙ୍କୁ ଗିରଫ କରିବାକୁ ପଡ଼ିବ ସେ ସମ୍ବନ୍ଧରେ ଅପରାଧ ଆଦି ଲେଖିବାକୁ ଏବଂ ଲିପିବଦ୍ଧ କରିବାକୁ ପଡ଼ିବ; ସଂହିତାର ଧାରା ୯୧ ଅନୁଯାୟୀ ଦସ୍ତାବିଜ ମାଗିବା ଲାଗି ସମ୍ପୃକ୍ତ

ଅଧିକାରୀଙ୍କୁ ଲିଖିତ ବିବୃତି ଜାରି କରିବାକୁ ପଡ଼ିବ; ସଂହିତାର ଧାରା ୧୬୦ ଅନୁଯାୟୀ ସାକ୍ଷୀଙ୍କୁ ଏକ ଲିଖିତ ନୋଟିସ୍ ଜାରି କରିବାକୁ ପଡ଼ିବ, ଯାହାଫଳରେ କି ତାଙ୍କୁ ତାଙ୍କର ବୟାନ ରେକର୍ଡ କରିବା ପାଇଁ ଡକାଯାଇ ପାରିବ, ଜବତ ହୋଇଥିବା ପ୍ରତ୍ୟେକ ସାମଗ୍ରୀ ପାଇଁ ଜବତ ସ୍ମାରକୀ/ପଞ୍ଚନାମା ପ୍ରସ୍ତୁତ କରିବାକୁ ପଡ଼ିବ ।

୮୫) ପୋଲିସକୁ ସଂହିତାର ଧାରା ୧୭୨ ଅନ୍ତର୍ଗତ ମାମଲା ଡାଏରୀ, ପୁଲିସ ଅଧିନିୟମ, ୪୪ ଅନ୍ତର୍ଗତ ସାଧାରଣ ଡାଏରୀ, ଆଦି ସହିତ ଅନେକ ରେକର୍ଡ ରଖିବାର ଆବଶ୍ୟକତା ରହିଛି, ଯାହା ସଂଗୃହିତ ପ୍ରତ୍ୟେକ ସୂଚନା, ପରିଦର୍ଶନ ଏବଂ ପୁଲିସ ଅଧିକାରୀଙ୍କ ସମସ୍ତ କାର୍ଯ୍ୟକଳାପକୁ ଦସ୍ତାବିଜ କରିବାରେ ସହାୟତା କରିଥାଏ, ଯାହା ଫଳରେ ସେମାନଙ୍କର କାର୍ଯ୍ୟକଳାପ ସବୁକୁ ଦଲିଲ କରାଯାଇପାରିବ । ଏହା ବ୍ୟତୀତ, କୌଣସି ଅଣ-ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ପର୍କରେ ପ୍ରାପ୍ତ ସମସ୍ତ ସୂଚନା ମଧ୍ୟ ସଂହିତାର ଧାରା ୧୫୫ ଅଧୀନରେ ପଞ୍ଜୀକୃତ ହେବା ଆବଶ୍ୟକ ।

୮୬. ଏଫଆଇଆରର ବାଧ୍ୟତାମୂଳକ ପଞ୍ଜୀକରଣର ସମର୍ଥନ କେବଳ ଅପରାଧିକ ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ନୁହେଁ ବରଂ 'ନ୍ୟାୟିକ ଅନୁଧ୍ୟାନ'କୁ ମଧ୍ୟ ସୁନିଶ୍ଚିତ କରିବ । ଧାରା ୧୫୭ (୧) 'ତତ୍ କ୍ଷଣାତ୍' ଶବ୍ଦକୁ ଫଳପ୍ରଦ ପ୍ରୟୋଗ କରେ । ତେଣୁ ଧାରା ୧୫୪ (୧) ଅନୁଯାୟୀ କିମ୍ବା ଅନ୍ୟଥା ପ୍ରାପ୍ତ ହୋଇଥିବା କୌଣସି ସୂଚନା ମାଜିଷ୍ଟ୍ରେଟଙ୍କୁ ଉପଯୁକ୍ତ ରିପୋର୍ଟ ଆକାରରେ ଜଣାଇବା ଆବଶ୍ୟକ । ତେଣୁ, ସଂଘଠିତ ହୋଇଥିବା କୌଣସି ଧର୍ତ୍ତବ୍ୟ ଅପରାଧ ସମ୍ପର୍କରେ କେବଳ ଅନୁସନ୍ଧାନକାରୀ ସଂସ୍ଥା ନୁହେଁ ବରଂ ଅଧୀନସ୍ଥ ନ୍ୟାୟପାଳିକାଙ୍କୁ ମଧ୍ୟ ଅବଗତ କରାଯାଇଥାଏ ।

୮୭) ସଂହିତା ଦୁଇ ପ୍ରକାରର ଏଫଆଇଆର ବିଷୟରେ ଚିନ୍ତା କରେ । ଧାରା ୧୫୪ (୧) ଅନୁଯାୟୀ ବିଧିବଦ୍ଧ ଭାବେ ସ୍ୱାକ୍ଷରିତ ଏଫଆଇଆର ସୂଚନାଦାତାଙ୍କ ଦ୍ୱାରା ଥାନାରେ ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରଦାନ କରାଯାଇଥାଏ । ଦ୍ୱିତୀୟ ପ୍ରକାରର ଏଫ୍ଆଇଆର୍ ଏହା ହୋଇପାରେ, ଯାହା ପୁଲିସ ନିଜେ ପାଇଥିବା କୌଣସି ସୂଚନା କିମ୍ବା ସୂଚନା ପ୍ରଦାନକାରୀଙ୍କ [ଧାରା ୧୫୭(୧)] ଠାରୁ ପ୍ରାପ୍ତ ସୂଚନା ଉପରେ ପଞ୍ଜୀକୃତ ହୋଇଥିବ ଏବଂ ଏହି ସୂଚନା ମଧ୍ୟ ବିଧିବଦ୍ଧ ଭାବେ ରେକର୍ଡ କରାଯିବା ଆବଶ୍ୟକ ଏବଂ ପ୍ରତିଲିପି ତୁରନ୍ତ ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଯିବା ଉଚିତ ।

୮୮) ସଂହିତାର ଧାରା ୧୫୪(୧) ଅଧୀନରେ ସୂଚନା ପ୍ରଦାନକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଆଧାରରେ କିମ୍ବା ଧାରା ୧୫୭(୧) ଅଧୀନରେ ଅନ୍ୟଥା ଆଧାରରେ ଏଫଆଇଆର ପଞ୍ଜୀକରଣ ବାଧ୍ୟତାମୂଳକ । ଏଫଆଇଆର ପଞ୍ଜୀକରଣ କରିବାର ବାଧ୍ୟତାରେ ଅନ୍ତର୍ନିହିତ ସୁବିଧା ରହିଛି:

କ) ପୀଡ଼ିତାଙ୍କ ପାଇଁ 'ନ୍ୟାୟ ପାଇବା' ଦିଗରେ ଏହା ପ୍ରଥମ ପଦକ୍ଷେପ ।

ଖ) ଏହା 'ଆଇନ ଶାସନ' ଅକ୍ଷୁର୍ଣ୍ଣ ରଖିଥାଏ କାରଣ ସାଧାରଣ ବ୍ୟକ୍ତି ରାଜ୍ୟର ଜ୍ଞାନରେ ଘଟିଥିବା କୌଣସି ଧର୍ତ୍ତବ୍ୟ ଅପରାଧ ସଂପର୍କରେ ସୂଚନା ଦେଇଥାଏ ।

ଗ) ଏହା ତ୍ୱରିତ ତଦନ୍ତ ଏବଂ ବେଳେବେଳେ ଅପରାଧ ରୋକିବାରେ ମଧ୍ୟ ସହାୟକ ହୋଇଥାଏ । ଉଭୟ କ୍ଷେତ୍ରରେ, ଏହା କେବଳ ଆଇନ ବ୍ୟବସ୍ଥାକୁ ପ୍ରଭାବୀ  କରିଥାଏ ।

ଘ) ଏହା ଫୌଜଦାରୀ ମାମଲାରେ ହେରଫେରକୁ ହ୍ରାସ କରିଥାଏ ଏବଂ 'ପୂର୍ବ ତାରିଖ' ଏଫଆଇଆର କିମ୍ବା ଉଦ୍ଦେଶ୍ୟମୂଳକ ବିଳମ୍ବିତ ଏଫଆଇଆରର ଘଟଣାକୁ ହ୍ରାସ କରିଥାଏ ।

୮୯) ***ଥୁଲିଆ କାଲି*** ବନାମ ***ତାମିଲନାଡୁ ରାଜ୍ୟ*** (୧୯୭୨) ୩ ଏସସିସି ୩୯୩ ମାମଲାରେ, ଏହି ନ୍ୟାୟାଳୟ ନିମ୍ନମତେ ମତ ରଖିଥିଲେ:-

"୧୨. ... ଅପରାଧିକ ମାମଲାରେ ପ୍ରାଥମିକ ସୂଚନା ରିପୋର୍ଟ ଶୁଣାଣି ସମୟରେ ଦିଆଯାଇଥିବା ମୌଖିକ ପ୍ରମାଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନିମନ୍ତେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ମୂଲ୍ୟବାନ ପ୍ରମାଣ । ଉପରୋକ୍ତ ରିପୋର୍ଟର ମହତ୍ୱକୁ ଅଭିଯୁକ୍ତଙ୍କ ଦୃଷ୍ଟିକୋଣରୁ ଅଧିକ କଳନା କରାଯାଇପାରିବ ନାହିଁ । କୌଣସି ଅପରାଧ ଘଟିଥିବା ସମ୍ବନ୍ଧରେ ତୁରନ୍ତ ରିପୋର୍ଟ ଦାଖଲ କରିବା ଲାଗି ଆଗ୍ରହ କରିବା ଉଦ୍ଦେଶ୍ୟ ହେଉଛି କେଉଁ ପରିସ୍ଥିତିରେ ଅପରାଧ ହୋଇଛି, ପ୍ରକୃତ ଅପରାଧୀଙ୍କ ନାମ ଏବଂ ସେମାନଙ୍କ ଭୂମିକା ଏବଂ ଘଟଣା ସ୍ଥଳରେ ଉପସ୍ଥିତ ପ୍ରତ୍ୟକ୍ଷଦର୍ଶୀଙ୍କ ନାମ ସମ୍ପର୍କରେ ଶୀଘ୍ର ସୂଚନା ହାସଲ କରିବା । ପ୍ରାଥମିକ ସୂଚନା ରିପୋର୍ଟ ଦାଖଲ କରିବାରେ ହେଉଥିବା ବିଳମ୍ବ ଅନେକ ସମୟରେ ଅଳଙ୍କରଣରେ ପରିଣତ ହୋଇଥାଏ, ଯାହାକି ପରବର୍ତ୍ତୀ ଚିନ୍ତନର ଏକ ସୃଷ୍ଟି । ବିଳମ୍ବ କାରଣରୁ, ରିପୋର୍ଟ କେବଳ ସ୍ୱତଃସ୍ଫୂର୍ତତାର ସୁବିଧାରୁ ବଞ୍ଚିତ ହୁଏନାହିଁ  ବରଂ ବିଚାର ଏବଂ ପରାମର୍ଶ କାରଣରୁ  ରଙ୍ଗୀନ ସଂସ୍କରଣର ଉପକ୍ରମ, ଅତିରଞ୍ଜିତ ବିବରଣୀ କିମ୍ବା ମନଗଢ଼ା କାହାଣୀରେ ବିପଦ ମଧ୍ୟ ସୃଷ୍ଟି   ହୋଇଥାଏ । ତେଣୁ, ଏହା ଜରୁରୀ ଯେ ପ୍ରାଥମିକ ସୂଚନା ରିପୋର୍ଟ ଦାଖଲ କରିବାରେ ହେଉଥିବା ବିଳମ୍ବକୁ ସନ୍ତୋଷଜନକ ଭାବେ ପ୍ରକାଶ କରିବା ଆବଶ୍ୟକ ..."

୯୦) ***ତପନ କୁମାର ସିଂ (ଉପରୋକ୍ତ)*** ରେ, ଏହା ନିମ୍ନମତେ କୁହାଯାଇଥିଲା: -

"**୨୦.** ଏହା ସୁନିଶ୍ଚିତ ଯେ ପ୍ରଥମ ସୂଚନା ରିପୋର୍ଟ ବିଶ୍ୱକୋଷ ନୁହେଁ, ଯାହା ସୂଚିତ ଅପରାଧ ସମ୍ପର୍କିତ  ସମସ୍ତ ତଥ୍ୟ ଏବଂ ବିବରଣୀ ପ୍ରକାଶ କରିବା ଆବଶ୍ୟକ ।

ଜଣେ ସୂଚନା ପ୍ରଦାନକାରୀ ଏକ ଅପରାଧ ଘଟିଥିବା ସମ୍ପର୍କରେ ରିପୋର୍ଟ ଦାଖଲ କରିପାରିବେ, ଯଦିଓ ସେ ପୀଡ଼ିତଙ୍କ ନାଁ କିମ୍ବା ତାଙ୍କ ଆକ୍ରମଣକାରୀଙ୍କ ନାଁ ଜାଣି ନଥାଆନ୍ତି । ହୁଏତ ସେ ଜାଣି ନଥିବେ ଯେ ଘଟଣା କିପରି ଘଟିଲା । ପ୍ରଥମ ସୂଚନା ପ୍ରଦାନକାରୀ ଜଣେ ପ୍ରତ୍ୟକ୍ଷ ସାକ୍ଷୀ ହେବା ଆବଶ୍ୟକ ନୁହେଁ, ଯାହାଦ୍ୱାରା କି ସେ ଏହି ଅପରାଧର ସମସ୍ତ ଦିଗ ସଂପର୍କରେ ବିସ୍ତୃତ ଭାବେ ସୂଚନା ଦେଇପାରିବେ । ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ ପ୍ରଦତ୍ତ ସୂଚନା ନିଶ୍ଚିତ ଭାବେ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ଦର୍ଶାଉଥିବ ଏବଂ ଏହିପରି ଦାଖଲ ହୋଇଥିବା ସୂଚନା ପୁଲିସ ଅଧିକାରୀଙ୍କୁ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ସନ୍ଦେହ କରିବାର ଆଧାର ପ୍ରଦାନ କରିବ । ଏହି ପର୍ଯ୍ୟାୟରେ ଦିଆଯାଇଥିବା ସୂଚନା ଆଧାରରେ ପୁଲିସ୍ ଅଧିକାରୀ ଯଦି ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସନ୍ଦେହ କରନ୍ତି ଏହା ଯଥେଷ୍ଟ, ଏବଂ ଏହା ନୁହେଁ ଯେ ଏକ ଧର୍ତ୍ତବ୍ୟ ଅପରାଧ ଘଟିଯାଇଛି ବୋଲି ସେ ନିଶ୍ଚିତ କିମ୍ବା ସନ୍ତୁଷ୍ଟ ହେବା ଆବଶ୍ୟକ । ପ୍ରାପ୍ତ ସୂଚନା ଆଧାରରେ ଯଦି କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥାଇପାରେ ବୋଲି ତାଙ୍କର ସନ୍ଦେହ କରିବାର କାରଣ ରହିଛି, ତେବେ ସେ ସୂଚନା ଲିପିବଦ୍ଧ କରିବା ଏବଂ ତଦନ୍ତ କରିବା ପାଇଁ ବାଧ୍ୟ । ଏହି ପର୍ଯ୍ୟାୟରେ ତାଙ୍କୁ ସୂଚନାର ସତ୍ୟତା ବିଷୟରେ ନିଜକୁ ସନ୍ତୁଷ୍ଟ କରିବାର ମଧ୍ୟ ଆବଶ୍ୟକତା ନାହିଁ । ସମ୍ପୂର୍ଣ୍ଣ ଅନୁସନ୍ଧାନ ପରେ ହିଁ ସେ ସୂଚନାର ସତ୍ୟତା କିମ୍ବା ଅନ୍ୟ କୌଣସି ଉପରେ ତଥ୍ୟ ପ୍ରଦାନ କରିପାରିବେ । ସେହିପରି, ଯଦିଓ ସୂଚନା ସମସ୍ତ ବିବରଣୀ ପ୍ରଦାନ କରିନଥାଏ ତେବେ ମଧ୍ୟ ତାଙ୍କୁ ତଦନ୍ତ ସମୟରେ ସେହି ବିବରଣୀ ଖୋଜିବାକୁ ପଡ଼ିବ ଏବଂ ସମସ୍ତ ଆବଶ୍ୟକ ପ୍ରମାଣ ସଂଗ୍ରହ କରିବାକୁ ପଡ଼ିବ । କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ପ୍ରକାଶ କରି ପ୍ରଦାନ କରାଯାଇଥିବା ସୂଚନା କେବଳ ତଦନ୍ତ କଳକୁ ତ୍ୱରାନ୍ୱିତ କରିଥାଏ, ଯାହା ସମସ୍ତ ଆବଶ୍ୟକ ପ୍ରମାଣ ସଂଗ୍ରହ କରିବା ଏବଂ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଉଦ୍ଦିଷ୍ଟ । ପ୍ରକୃତ ପରୀକ୍ଷା ହେଉଛି ପ୍ରଦାନ କରାଯାଇଥିବା ସୂଚନା କୌଣସି ଅପରାଧ ଘଟିଥିବା ସନ୍ଦେହ କରିବାର କାରଣ ପ୍ରଦାନ କରିଥାଏ କି ନାହିଁ, ଯାହାର ତଦନ୍ତ କରିବା ପାଇଁ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କୁ ସଂହିତାର ଧାରା ୧୫୬ ଅଧୀନରେ କ୍ଷମତାପନ୍ନ କରାଯାଇଛି । ଯଦି ଏପରି ହୁଏ, ତା'ହେଲେ ତାଙ୍କ ପାଖରେ ସୂଚନା ଲିପିବଦ୍ଧ କରିବା ଏବଂ ସେ ନିଜେ ମାମଲାର ତଦନ୍ତ କରିବେ କିମ୍ବା ଅନ୍ୟ କୌଣସି କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ତଦନ୍ତ କରିବା ଲାଗି ପଠାଇବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ । ରିପୋର୍ଟ ସତ୍ୟ ଅଟେ କି ନାହିଁ, ଘଟଣାର ସଂଘଟନ ସମ୍ବନ୍ଧରେ ଏହା ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ କରୁଛି କି ନାହିଁ, ଅଭିଯୁକ୍ତଙ୍କ ନାମ ରହିଛି କି ନାହିଁ ଏବଂ ଅଭିଯୋଗର ସମର୍ଥନରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି କି ନାହିଁ, ଏହି ସବୁ ପ୍ରଶ୍ନ ହେଉଛି ସେହି ସମସ୍ତ ବିଷୟ ଯାହାର ରିପୋର୍ଟ କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ପ୍ରକାଶ କରୁଛି କି ନାହିଁ ପ୍ରଶ୍ନର ବିଚାରଠାରୁ ଭିନ୍ନ । ଯଦିଓ ଏହି ମାମଲାଗୁଡିକ

ସମ୍ବନ୍ଧରେ ସୂଚନା ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିନଥାଏ, ତେବେ ମଧ୍ଯ ତଦନ୍ତକାରୀ ଅଧିକାରୀ ମାମଲାର ତଦନ୍ତ କରିବା ଏବଂ ଯଦି ସମ୍ଭବ ହୁଏ ତେବେ ପ୍ରକୃତ ତଥ୍ୟକୁ ସାମ୍ନାକୁ ଆଣିବା ପାଇଁ ନିଜର କର୍ତ୍ତବ୍ୟରୁ ବାଦ୍ ପଡ଼ିନଥାନ୍ତି ।"

୯୧) ***ମଧୁ ବାଲା (ଉପରୋକ୍ତ)*** ଙ୍କ ମାମଲାରେ ଏହି ନ୍ୟାୟାଳୟ ଏହି ରାୟ ଦେଇଥିଲେ:

"**୬.** ପ୍ରଥମେ ସଂହିତାର ପ୍ରାସଙ୍ଗିକ ବ୍ୟବସ୍ଥାକୁ ଦେଖିଲେ ଧାରା ୨(ଘ) "ଅଭିଯୋଗ"କୁ କିଛି ବ୍ୟକ୍ତି, ଜଣାଶୁଣା କିମ୍ବା ଅଜଣା ହୋଇଥାନ୍ତୁ, ଅପରାଧ କରିଛନ୍ତି ବୋଲି ମୌଖିକ ଭାବେ କିମ୍ବା ଲିଖିତ ଭାବେ, ମାଜିଷ୍ଟ୍ରେଟଙ୍କୁ ଏହି ସଂହିତା ଅଧୀନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଦ୍ଦେଶ୍ୟରେ କରାଯାଇଥିବା କୌଣସି ଅଭିଯୋଗକୁ ବୁଝାଇଥାଏ, ଯେଉଁଥିରେ ଏକ ପୋଲିସ ରିପୋର୍ଟ ସାମିଲ ନଥାଏ । ଧାରା ୨ (ଗ) ଅନୁଯାୟୀ "ଧର୍ତ୍ତବ୍ୟ ଅପରାଧ" ର ଅର୍ଥ ହେଉଛି ଏପରି ଏକ ଅପରାଧ ଯାହା ପାଇଁ ଏବଂ "ଧର୍ତ୍ତବ୍ୟ ମାମଲାଗୁଡ଼ିକ" ର ଅର୍ଥ ହେଉଛି ଏପରି ଏକ ମାମଲା ଯେଉଁଥିରେ କୌଣସି ପୁଲିସ ଅଧିକାରୀ ପ୍ରଥମ ଅନୁସୂଚୀ (ସଂହିତାର) ଅନୁଯାୟୀ କିମ୍ବା ପ୍ରଚଳିତ ଅନ୍ୟ କୌଣସି ଆଇନ ଅନୁଯାୟୀ ବିନା ପରୱାନାରେ ଗିରଫ କରିପାରିବେ । ଧାରା ୨ (ଦ) ଅନୁଯାୟୀ "ପୋଲିସ ରିପୋର୍ଟ" ଅର୍ଥ ସଂହିତାର ଧାରା ୧୭୩ ର ଉପ-ଧାରା (୨) ଅନୁଯାୟୀ ଜଣେ ପୋଲିସ ଅଧିକାରୀଙ୍କ ଦ୍ୱାରା ମାଜିଷ୍ଟ୍ରେଟଙ୍କୁ ପଠାଯାଇଥିବା ଏକ ରିପୋର୍ଟ । ଧାରା ୧୫୪ ରୁ ୧୭୬ କୁ ନେଇ ଗଠିତ ସଂହିତାର ଦ୍ୱାଦଶ ଅଧ୍ୟାୟ ପୋଲିସ କୁ ସୂଚନା ଏବଂ ସେମାନଙ୍କର ତଦନ୍ତ କରିବାର କ୍ଷମତା ସହିତ ଜଡ଼ିତ । ଅନ୍ୟାନ୍ୟ ବିଷୟ ମଧ୍ୟରେ ଧାରା ୧୫୪ ପ୍ରଦାନ କରେ ଯେ କୌଣସି ଥାନାରେ କାର୍ଯ୍ୟରତ ଅଧିକାରୀ ତାଙ୍କୁ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ବନ୍ଧରେ ମୌଖିକ ଭାବେ ଦିଆଯାଇଥିବା ପ୍ରତ୍ୟେକ ସୂଚନାକୁ ଲେଖି ରଖିବେ ଏବଂ ଯଦି ଲିଖିତ ଭାବେ ଦିଆଯାଇଥାଏ ପ୍ରତ୍ୟେକ ସୂଚନାରେ ଏହାକୁ ପ୍ରଦାନ କରୁଥିବା ବ୍ୟକ୍ତି ସ୍ୱାକ୍ଷର କରିବେ ଏବଂ ଏହାର ସାରାଂଶ ରାଜ୍ୟ ସରକାର ଏ ଦିଗରେ ନିର୍ଦ୍ଧାରିତ କରିଥିବା ପ୍ରପତ୍ରରେ ଏପରି ଅଧିକାରୀ ରଖିବାକୁ ଥିବା ଏକ ବହିରେ ପ୍ରବେଶ କରାଯିବ । ସଂହିତାର ଧାରା ୧୫୬ ଯେଉଁଥିରେ ଆମେ ମୁଖ୍ୟତଃ ଏହି ଆବେଦନ ଗୁଡ଼ିକରେ ସମ୍ପୃକ୍ତ ଅଛୁ ତାହା ନିମ୍ନରେ ଦିଆଗଲା:...

**୯.** ଭାରତୀୟ ପୁଲିସ ଅଧିନିୟମ ୧୮୬୧ ଅନୁଯାୟୀ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନିୟମାବଳୀରେ ଏପରି ମାମଲାଗୁଡ଼ିକର ପଞ୍ଜୀକରଣ ପଦ୍ଧତି ଏବଂ ପ୍ରଣାଳୀ ନିର୍ଦ୍ଧାରଣ କରାଯାଇଛି । ଯେହେତୁ ବର୍ତ୍ତମାନ ମାମଲାରେ ଆମେ ଉକ୍ତ ଅଧିନିୟମ ଅଧୀନରେ ପ୍ରସ୍ତୁତ ହୋଇଥିବା ପଞ୍ଜାବ ପୋଲିସ ନିୟମ, ୧୯୩୪ (ଯାହା ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ ଏବଂ ଦିଲ୍ଲୀ ପାଇଁ ପ୍ରଯୁଜ୍ୟ) ସହିତ ଜଡିତ ଆମେ ବର୍ତ୍ତମାନ

ସେହି ନିୟମର ପ୍ରାସଙ୍ଗିକ ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରିପାରିବା । ଉକ୍ତ ନିୟମାବଳୀର ଚବିଶତମ ଅଧ୍ୟାୟ ଅପରାଧ ଘଟିବାର ସୂଚନା ପାଇବା ପରେ ଏକ ଥାନାଧିକାରୀଙ୍କୁ ଅନୁସରଣ କରିବାର ପ୍ରକ୍ରିୟା ଉଲ୍ଲେଖ କରେ । ପରିଚ୍ଛେଦରେ ପ୍ରତୀତ ହେଉଥିବା ନିୟମ ୨୪.୧ ଅନୁଯାୟୀ, ସଂହିତାର ଧାରା ୧୫୪ ଅନ୍ତର୍ଗତ ସମସ୍ତ ସୂଚନା ପ୍ରଥମ ସୂଚନା ବିବୃତି ରେଜିଷ୍ଟରରେ ଏବଂ ଦୈନିକ ଡାଏରୀରେ ଉଲ୍ଲେଖ କରାଯିବା ଆବଶ୍ୟକ । ନିୟମ ୨୪.୫ ରେ କୁହାଯାଇଛି ଯେ ପ୍ରଥମ ସୂଚନା ବିବୃତି ରେଜିଷ୍ଟର ଫର୍ମ ୨୪.୫ (୧) ରେ ୨୦୦ ପୃଷ୍ଠା ବିଶିଷ୍ଟ ଏକ ମୁଦ୍ରିତ ପୁସ୍ତକ ହେବ ଏବଂ ଏକ ନୂତନ ପୁସ୍ତକ ଆରମ୍ଭ ହେବା ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ପୂରଣ କରାଯିବ । ଏହା ପୁନଶ୍ଚ ପ୍ରୟୋଜନୀୟ ଯେ ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷ ପାଇଁ ପ୍ରତ୍ୟେକ ଥାନାରେ ମାମଲାର ବାର୍ଷିକ କ୍ରମିକ ସଂଖ୍ୟା ରହିବା ଆବଶ୍ୟକ । ଏହି ନିୟମର ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ବିବରଣୀ ଦେବାର ଆବଶ୍ୟକତା ନାହିଁ କାରଣ ଏହି ପ୍ରସଙ୍ଗରେ ଏହାର କୌଣସି ପ୍ରାସଙ୍ଗିକତା ନାହିଁ ।

**୧୦.** ପୂର୍ବୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ଯେତେବେଳେ ଜଣେ ମାଜିଷ୍ଟ୍ରେଟ 'ଅଭିଯୋଗ' ଉପରେ ତଦନ୍ତ ନିର୍ଦ୍ଦେଶ ଦିଅନ୍ତି, ସେତେବେଳେ ପୁଲିସକୁ ସେହି ଅଭିଯୋଗକୁ ଏଫଆଇଆର ଭାବେ ଗ୍ରହଣ କରି ଏକ ଧର୍ତ୍ତବ୍ୟ ମାମଲା ରୁଜୁ କରିବେ ଏବଂ ଉପରୋକ୍ତ ନିୟମାବଳୀର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିବେ । ତେଣୁ, ପୁଲିସକୁ ଧାରା ୧୫୬ (୩) ଅନୁଯାୟୀ "ଏକ ମାମଲା ପଞ୍ଜୀକୃତ କରିବା" ପାଇଁ ମାଜିଷ୍ଟ୍ରେଟଙ୍କ ଆଦେଶ କିପରି ଆଇନଗତ ଭାବେ ଗ୍ରହଣୀୟ ନୁହେଁ ତାହା ଆମକୁ ବୁଝିବାକୁ ପଡ଼ିବ । ବାସ୍ତବରେ, ଯଦିଓ ଜଣେ ମାଜିଷ୍ଟ୍ରେଟ୍ ଏକ ମାମଲା ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦେଇନଥାନ୍ତି, ତଥାପି ସଂହିତାର ଧାରା ୧୫୬ (୧) ର ବ୍ୟବସ୍ଥାଗୁଡ଼ିକ ଅନୁଯାୟୀ ଯାହା ପୁଲିସକୁ ଏକ ଧର୍ତ୍ତବ୍ୟ "ମାମଲା" ତଦନ୍ତ କରିବାକୁ କ୍ଷମତା ପ୍ରଦାନ କରେ ଏବଂ ଭାରତୀୟ ପୋଲିସ ଅଧିନିୟମ, ୧୮୬୧ ଅନ୍ତର୍ଗତ ପ୍ରଣୀତ ନିୟମ ଅନୁଯାୟୀ ସେ (ପୋଲିସ) ଆନୁଷ୍ଠାନିକ ଭାବରେ ଏକ ମାମଲା ପଞ୍ଜୀକରଣ କରିବା ଏବଂ ତା 'ପରେ ଏହାର ତଦନ୍ତ କରିବାକୁ ବାଧ୍ୟ | ତେଣୁ ଏହି ସଂହିତାର ବ୍ୟବସ୍ଥା ଥାନାରେ ଏକ ମାମଲା ରୁଜୁ କରିବା ଏବଂ ପରେ ଏହାର ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଜଣେ ମାଜିଷ୍ଟ୍ରେଟଙ୍କ ପାଇଁ ବାଧକ ସାଜୁନାହିଁ । ଆମ ମତରେ ଯେତେବେଳେ ସଂହିତାର ଧାରା ୧୫୬ (୩) ଅଧୀନରେ ତଦନ୍ତ ପାଇଁ ଆଦେଶ ଦିଆଯିବ, ସେତେବେଳେ ପୁଲିସକୁ ଉଚିତ ନିର୍ଦ୍ଦେଶ ଦିଆଯିବ ଯେ "ଅଭିଯୋଗକୁ ପ୍ରଥମ ସୂଚନା ବିବୃତି ଭାବେ ଗ୍ରହଣ କରି ଥାନାରେ ମାମଲା ରୁଜୁ କରିବେ ଏବଂ ଏହାର ତଦନ୍ତ କରିବେ" ।

(୯୨) ଉଦ୍ଦେଶ୍ୟ ଏବଂ କାରଣର ବିବୃତି ଅନୁଯାୟୀ, ଗରିବଙ୍କ ସ୍ୱାର୍ଥର ସୁରକ୍ଷା ସ୍ପଷ୍ଟ ଭାବେ ସଂହିତାର ଏକ ପ୍ରମୁଖ ଉଦ୍ଦେଶ୍ୟ । କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ସଂକ୍ରାନ୍ତରେ ସୂଚନା ପଞ୍ଜୀକରଣ ବାଧ୍ୟତାମୂଳକ କରାଯିବା ଦ୍ୱାରା ସମାଜ, ବିଶେଷ କରି ଦେଶର ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଂଚଳର ଗରିବ ଲୋକମାନଙ୍କୁ ସହାୟତା ମିଳିପାରିବ ।

(୯୩) ମାନ୍ୟବର ବିଚାରପତି ଡା. ଭି. ଏସ. ମାଲିମାଥଙ୍କ ଅଧ୍ୟକ୍ଷତାରେ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଗଠିତ କମିଟି ମଧ୍ୟ ଏଫଆଇଆର ପଞ୍ଜୀକରଣ ନହେବା କାରଣରୁ ଅନେକ ଲୋକ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଲକ୍ଷ୍ୟ କରିଥିଲେ ଏବଂ ଏପରି ସୂଚନାକୁ ପଞ୍ଜୀକରଣ କରିବାକୁ ମନା କରୁଥିବା ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସୁପାରିଶ କରିଥିଲେ । କମିଟି ମନ୍ତବ୍ୟ ଦେଇଛନ୍ତି :-

> "୭.୧୯. ୧ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୧୫୪ ଅନୁଯାୟୀ, ଏକ ଥାନା ଦାୟିତ୍ୱରେ ଥିବା ଅଧିକାରୀ  କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବା ସମ୍ବନ୍ଧୀୟ ପ୍ରତ୍ୟେକ ମୌଖିକ କିମ୍ବା ଲିଖିତ ସୂଚନା ପଞ୍ଜୀକରଣ କରିବାକୁ  ବାଧ୍ୟ ଅଟନ୍ତି । ମାମଲା ରୁଜୁ ନହେବା ପୁଲିସ ବିରୋଧରେ ଏକ ଗମ୍ଭୀର ଅଭିଯୋଗ । ରାଷ୍ଟ୍ରୀୟ ପୁଲିସ ଆୟୋଗ ନିଜର ଚତୁର୍ଥ ବିବୃତିରେ ଦୁଃଖ ପ୍ରକାଶ କରିଛନ୍ତି ଯେ "ଥାନାରେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିବା ପରେ ତଦନ୍ତ କରିବା ପାଇଁ ପୁଲିସ ମାମଲା ପଞ୍ଜୀକରଣକୁ ଏଡ଼ାଇ ଯାଇଥାଏ" । ଏହା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ଓପିନିଅନ, ନୂଆଦିଲ୍ଲୀ ଦ୍ୱାରା "ଭାରତରେ ପୋଲିସର ଭାବମୂର୍ତ୍ତି" ବିଷୟରେ କରାଯାଇଥିବା ଏକ ଅଧ୍ୟୟନ ବିଷୟରେ ଉଲ୍ଲେଖ କରିଛି, ଯେଉଁଥିରେ କୁହାଯାଇଛି ଯେ ୫୦% ରୁ ଅଧିକ ଉତ୍ତରଦାତା ଅଭିଯୋଗ ପଞ୍ଜୀକରଣ ନ କରିବା ଥାନାରେ ଏକ ସାଧାରଣ ଅଭ୍ୟାସ ବୋଲି ଉଲ୍ଲେଖ କରିଛନ୍ତି ।
>
> ୭.୧୯.୨ କମିଟି ସୁପାରିଶ କରିଛି ଯେ ସମସ୍ତ ଅଭିଯୋଗ ତୁରନ୍ତ ପଞ୍ଜୀକୃତ ହେବା ଉଚିତ, ନଚେତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଏହା ରାଜନୈତିକ କାର୍ଯ୍ୟ ନିର୍ବାହୀ ଏବଂ ବରିଷ୍ଠ ଅଧିକାରୀମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବ ।
>
> ୭.୧୯.୪ ପଞ୍ଜୀକରଣ ସମ୍ବନ୍ଧୀୟ ଆଉ ଦୁଇଟି ଦିଗ ରହିଛି । ପ୍ରଥମଟି ହେଲା ଆଇନର ଉପଯୁକ୍ତ ଧାରା ଆହ୍ୱାନ ନକରି ପୁଲିସ ଦ୍ୱାରା ହେଉଥିବା ଅପରାଧକୁ ହ୍ରାସ କରିବା । ଆମେ ଏହି ପ୍ରବୃତ୍ତିକୁ ଅସ୍ୱୀକାର କରୁଛୁ । ପ୍ରତ୍ୟେକ ମାମଲାରେ ଜଡିତ ଅପରାଧର ଗମ୍ଭୀରତାକୁ ଅଣଦେଖା କରି ଆଇନର ଉପଯୁକ୍ତ ଧାରା ଆବାହନ କରାଯିବା ଉଚିତ । ଦ୍ୱିତୀୟ ପ୍ରସଙ୍ଗ ହେଉଛି ଲିଖିତ ଅଭିଯୋଗ ପଞ୍ଜୀକରଣ । ମୌଖିକ ଅଭିଯୋଗ ପ୍ରଦାନ କରିବାକୁ ଆସୁଥିବା ସୂଚନା ପ୍ରଦାନକାରୀଙ୍କୁ ଲିଖିତ ଅଭିଯୋଗ ଆଣିବା ଲାଗି ପରାମର୍ଶ

ଦେବା ଲାଗି ଥାନାଧିକାରୀଙ୍କ ମଧ୍ୟରେ ପ୍ରବୃତ୍ତି ବୃଦ୍ଧି ପାଇବାରେ ଲାଗିଛି । ଏହା ଭୁଲ ଅଟେ । ପଞ୍ଜୀକରଣ ପ୍ରକ୍ରିୟାରେ ବିଳମ୍ବ ହେବା ଦ୍ୱାରା ତଦନ୍ତ ଆରମ୍ଭ କରିବା ଏବଂ ଅପରାଧୀମାନଙ୍କୁ ଧରିବା ଲାଗି ମୂଲ୍ୟବାନ ସମୟ ନଷ୍ଟ ହୋଇଥାଏ । ଏହା ବ୍ୟତୀତ, ଅଭିଯୋଗକାରୀଙ୍କୁ ତାଙ୍କ ବନ୍ଧୁ, ସମ୍ପର୍କୀୟ ଏବଂ ବେଳେବେଳେ ଓକିଲଙ୍କ ସହ ପରାମର୍ଶ କରିବାର ସୁଯୋଗ ମିଳିଥାଏ ଏବଂ ପ୍ରାୟତଃ ଅପରାଧକୁ ଅତିରଞ୍ଜିତ କରିବା ଏବଂ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଫସାଇବାର ପ୍ରବୃତ୍ତି ଥାଏ | ଏହା ଶେଷରେ ଶୁଣାଣି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ମୌଖିକ ଭାବେ ଦିଆଯାଉଥିବା ସୂଚନାକୁ ସମୟ ନଷ୍ଟ ନକରି ଏସଏଚଙ୍କ ଦ୍ୱାରା ଲିଖିତ ରୂପ ଦିଆଯିବା ଉଚିତ, ଯାହାଫଳରେ କି କଥିତ ଅପରାଧର ପ୍ରଥମ ବୟାନ ରେକର୍ଡକୁ ଆସିପାରିବ ।

୭.୨୦.୧୧ କମିଟିଙ୍କ ଧ୍ୟାନକୁ ଆସିଛି ଯେ ଅନେକ ସମୟରେ ଧର୍ତ୍ତବ୍ୟ ମାମଲାରେ ପୁଲିସ ଅଧିକାରୀ ଅଭିଯୋଗ ଗ୍ରହଣ କରିନଥାନ୍ତି ଏବଂ ଅଭିଯୋଗକାରୀଙ୍କୁ ଏହା କହି ପଠାଇ ଦିଅନ୍ତି ଯେ ଅପରାଧ ଧର୍ତ୍ତବ୍ୟ ନୁହେଁ । ବେଳେବେଳେ ରାଜନୈତିକ କିମ୍ବା ଅନ୍ୟାନ୍ୟ ଚାପ କିମ୍ବା ଦୁର୍ନୀତି କାରଣରୁ ପୁଲିସ ଅଣ-ଧର୍ତ୍ତବ୍ୟ ମାମଲାକୁ ମଧ୍ୟ ଧର୍ତ୍ତବ୍ୟ ବର୍ଗରେ ଆଣିବାଲାଗି ତଥ୍ୟକୁ ବିକୃତ କରିଦେଇଥାଏ । ଏହି ବିପତ୍ତିକୁ ରୋକିବା ପାଇଁ ପୁଲିସ ଅଧିକାରୀଙ୍କୁ ତାଙ୍କ ଦ୍ୱାରା ଗୃହୀତ ପ୍ରତ୍ୟେକ ଅଭିଯୋଗକୁ ପଞ୍ଜୀକୃତ କରିବା ବାଧ୍ୟତାମୂଳକ କରାଯିବା ଆବଶ୍ୟକ । ପୁଲିସ ଅଧିକାରୀଙ୍କ ଦ୍ୱାରା କ୍ଷମତାର ଅପବ୍ୟବହାର ରୋକିବା ଲାଗି ଏହି କର୍ତ୍ତବ୍ୟର ଭଙ୍ଗ ଆଇନରେ ଦଣ୍ଡନୀୟ ଅପରାଧ ହେବା ଉଚିତ ।"

(୯୪) ଏହାର ଅର୍ଥ ହେଉଛି ପଞ୍ଜୀକୃତ ହୋଇନଥିବା ଏଫ୍‌ଆଇଆର୍ ସଂଖ୍ୟା ପ୍ରକୃତରେ ପଞ୍ଜୀକୃତ ଏଫ୍‌ଆଇଆର୍ ସଂଖ୍ୟା ସହିତ ପାଖାପାଖି ସମାନ । ଏନସିଆରବି ପରିସଂଖ୍ୟାନ ଦର୍ଶାଏ ଯେ ୨୦୧୨ ମସିହାରେ ଭାରତରେ ପ୍ରାୟ ୬୦ ଲକ୍ଷ ଧର୍ତ୍ତବ୍ୟ ଅପରାଧ ପଞ୍ଜୀକୃତ ହୋଇଥିଲା,ଅପରାଧ ବୃଦ୍ଧି ବର୍ଷକୁ ପ୍ରାୟ ୬୦ ଲକ୍ଷ ମଧ୍ୟରେ ହୋଇପାରେ । ତେଣୁ, ପ୍ରତିବର୍ଷ ଏତେ ସଂଖ୍ୟକ ଏଫଆଇଆର ପଞ୍ଜୀକୃତ ହୋଇନଥିବା ଦେଖିବାକୁ ମିଳିଛି, ଯାହାକି ଏତେ ସଂଖ୍ୟକ ଅପରାଧର ଶିକାର ହୋଇଥିବା ଲୋକମାନଙ୍କ ଅଧିକାରର ସ୍ୱଷ୍ଟ ଉଲ୍ଲଂଘନ ।

(୯୫) ଅପରାଧ ବୃଦ୍ଧି ଆଇନ ର ନିୟମକୁ ନିକଟ ଭବିଷ୍ୟତ ପାଇଁ ଦୁର୍ବଳ କରିଥାଏ; ଏବଂ ଅନ୍ତତଃ ଆଇନର ନିୟମ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ, ଯେହେତୁ ଲୋକମାନେ ଆଇନର ନିୟମକୁ ସମ୍ମାନ ଦେବା ବନ୍ଦ କରିଦିଅନ୍ତି । ତେଣୁ, ଏତେ ସଂଖ୍ୟକ ଏଫଆଇଆର ପଞ୍ଜିକୃତ ନହେବା ଫଳରେ ସମାଜରେ ନିଶ୍ଚିତ ଅରାଜକତା ପରିସ୍ଥିତି ସୃଷ୍ଟି ହୋଇଥାଏ ।

୯୬) ତେଣୁ, ଅନ୍ୟ କୌଣସି ରୂପରେ ଧାରା ୧୫୪ ର ପଠନ କେବଳ ସଂହିତାର ଯୋଜନା ପାଇଁ ନୁହେଁ ବରଂ ସମଗ୍ର ସମାଜ ପାଇଁ କ୍ଷତିକାରକ ହେବ । ତେଣୁ ଏହା ଦେଖାଯାଇଛି ଯେ  ବିଭିନ୍ନ ନିର୍ଣ୍ଣିତ ମାମଲାରେ ଏହି ନ୍ୟାୟାଳୟ ବାରମ୍ବାର କହିଛନ୍ତି ଯେ ଯଦି ସଂହିତାର ଧାରା ୧୫୪ ଅନୁଯାୟୀ ପୁଲିସକୁ ଦିଆଯାଉଥିବା ସୂଚନା କୌଣସି ଧର୍ତ୍ତବ୍ୟ ଅପରାଧ ଘଟିଥିବାର ସୂଚନା ପ୍ରଦାନ କରେ ତେବେ ଏଫଆଇଆର ର ପଞ୍ଜୀକରଣ ବାଧ୍ୟତାମୂଳକ ।

**<u>ଏହି ବ୍ୟବସ୍ଥାର ଅପବ୍ୟବହାର ହେବାର ସମ୍ଭାବନା ରହିଛି କି?</u>**

୯୭) ପ୍ରାଥମିକ ତଦନ୍ତକୁ ସମର୍ଥନ କରି ଉଠାଯାଇଥିବା ଅନ୍ୟ ଏକ ଉତ୍ତେଜକ ତର୍କ ହେଉଛି ଯେ ଏଫ୍ଆଇଆର୍ ର ବାଧ୍ୟତାମୂଳକ ପଞ୍ଜୀକରଣ ମନମୁଖୀ ଗିରଫଦାରୀର କାରଣ ହେବ,ଯାହା ସିଧାସଳଖ ସମ୍ବିଧାନର ଧାରା ୨୧ର ଉଲ୍ଲଙ୍ଘନ ହେବ ।

୯୮) ଏଫ୍ଆଇଆରର ପଞ୍ଜୀକରଣ ବାଧ୍ୟତାମୂଳକ ହୋଇଥିବା ବେଳେ ଏଫ୍ଆଇଆରର ପଞ୍ଜୀକରଣ ହେବା ପରେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ବାଧ୍ୟତାମୂଳକ ନୁହେଁ । ବାସ୍ତବରେ, ଆଇନ ଅନୁଯାୟୀ ଏଫଆଇଆର ରୁଜୁ କରିବା ଏବଂ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଧାରଣା ଏବଂ ଗିରଫଦାରୀ ବିରୋଧରେ ଅନେକ ସୁରକ୍ଷା ବ୍ୟବସ୍ଥା ଉପଲବ୍ଧ ରହିଛି । ଅଧିକନ୍ତୁ, ଏହା ମଧ୍ୟ ଉଲ୍ଲେଖ କରିବା ଆବଶ୍ୟକ ଯେ, ଯଦି ସଂହିତାର ଧାରା ୪୩୮ ରେ ଉଲ୍ଲିଖିତ ସର୍ତ୍ତାବଳୀ ପୂରଣ ହେଉଥାଏ ତେବେ ସେହି ବ୍ୟବସ୍ଥା ଅନୁଯାୟୀ ଅଭିଯୁକ୍ତ ବ୍ୟକ୍ତିଙ୍କର "ଆଗୁଆ ଜାମିନ" ପାଇଁ ଆବେଦନ କରିବାର ଏକ ଅଧିକାର ରହିଛି । ତେଣୁ, ଉପଯୁକ୍ତ ମାମଲାରେ ସେ ନ୍ୟାୟାଳୟରୁ ଆଦେଶ ପାଇ ସେହି ବ୍ୟବସ୍ଥା ଅଧୀନରେ ଗିରଫଦାରୀରୁ ରକ୍ଷା ପାଇପାରିବେ ।

୯୯) ଏହା ମଧ୍ୟ ଟିପ୍ପଣୀ କରିବା ପ୍ରାସଙ୍ଗିକ ଯେ ***ଯୋଗୀନ୍ଦର କୁମାର*** ବନାମ ***ୟୁପି ରାଜ୍ୟ ଓ ଅନ୍ୟମାନେ*** (୧୯୯୪) ୪ ଏସସିସି ୨୬୦ ମାମଲାରେ ଏହି ନ୍ୟାୟାଳୟ କହିଛନ୍ତି ଯେ ପୁଲିସ ଦ୍ୱାରା ନିୟମିତ ଢଙ୍ଗରେ ଗିରଫ କରାଯାଇପାରିବ ନାହିଁ । କେତେକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ ନିମ୍ନରେ ପୁନଃ ଉଲ୍ଲେଖ କରାଯାଇଛି:-

> "୨୦... କୌଣସି ବ୍ୟକ୍ତିଙ୍କ ବିରୋଧରେ କେବଳ ଏକ ଅପରାଧ କରିଥିବା ଅଭିଯୋଗରେ ନିୟମିତ ଢଙ୍ଗରେ ଗିରଫ କରାଯାଇପାରିବ ନାହିଁ । ଜଣେ ପୁଲିସ ଅଫିସରଙ୍କ ପାଇଁ ଜଣେ ନାଗରିକଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏବଂ ସମ୍ଭବତଃ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହା ଉଚିତ ହେବ ଯେ କୌଣସି ଅଭିଯୋଗର ସତ୍ୟତା ଏବଂ ସଦ୍ଭାବନା ବିଷୟରେ କିଛି ତଦନ୍ତ ପରେ ପହଞ୍ଚିଥିବା ଏକ ଯଥୋଚିତ ସନ୍ତୁଷ୍ଟି ଏବଂ

ବ୍ୟକ୍ତିର ସଂପୃକ୍ତି ଏବଂ ଏପରିକି ଗିରଫ କରିବାର ଆବଶ୍ୟକତା ବିଷୟରେ ଏକ ଯୁକ୍ତିଯୁକ୍ତ ବିଶ୍ୱାସ ବିନା କୌଣସି ଗିରଫଦାରୀ କରା ନଯାଏ । ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ୱାଧୀନତାକୁ ଅସ୍ୱୀକାର କରିବା ଏକ ଗମ୍ଭୀର ବିଷୟ । ପୁଲିସ ଆୟୋଗଙ୍କ ସୁପାରିଶ କେବଳ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସ୍ୱତନ୍ତ୍ରତାର ମୌଳିକ ଅଧିକାରର ସାମ୍ବିଧାନିକ ସହଯୋଗୀତାକୁ ପ୍ରତିଫଳିତ କରେ । ଜଣେ ବ୍ୟକ୍ତି କେବଳ କୌଣସି ଅପରାଧରେ ସମ୍ପୃକ୍ତି ସନ୍ଦେହରେ ଗିରଫ ହେବା ପାଇଁ ଉତ୍ତରଦାୟୀ ନୁହେଁ । ଗିରଫଦାରୀକୁ ପ୍ରଭାବୀ କରୁଥିବା ଅଧିକାରୀଙ୍କ ମତରେ ଏପରି ଗିରଫଦାରୀ ଆବଶ୍ୟକ ଏବଂ ଯୁକ୍ତିଯୁକ୍ତ ବୋଲି କିଛି ଯଥୋଚିତ କାରଣ ରହିବା ଉଚିତ । ଜଘନ୍ୟ ଅପରାଧ ବ୍ୟତୀତ, ଯଦି ଜଣେ ପୁଲିସ ଅଧିକାରୀ ଷ୍ଟେସନ ହାଉସରେ ଉପସ୍ଥିତ ହେବା ପାଇଁ ଏବଂ ବିନା ଅନୁମତିରେ ଷ୍ଟେସନ ନଛାଡ଼ିବାକୁ ବ୍ୟକ୍ତିଙ୍କୁ ନୋଟିସ୍ ଜାରି କରିଥାନ୍ତି , ତେବେ ଗିରଫଦାରୀକୁ ଏଡାଇବା ଉଚିତ ।"

୧୦୦) ସଂହିତା ଧାରା ୧୫୪ ଅଧୀନରେ ଏଫଆଇଆର ରୁଜୁ କରିବା ଏବଂ ଧାରା ୪୧ ଅଧୀନରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ଦୁଇଟି ସମ୍ପୂର୍ଣ୍ଣ ଅଲଗା କଥା । କେବଳ ଏଫ୍‌ଆଇଆର୍ ପଞ୍ଜୀକୃତ ହୋଇଥିବା କାରଣରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇପାରିବ ବୋଲି କହିବା ଠିକ୍ ହେବନାହିଁ । ଏହା ଏକ କଳ୍ପିତ ଭୟ ଯେ "କେବଳ ଏଫ୍‌ଆଇଆର୍ ପଞ୍ଜୀକୃତ ହୋଇଥିବାରୁ ଅଭିଯୁକ୍ତଙ୍କୁ ଗିରଫ କରାଯିବାର ଆବଶ୍ୟକତା ପଡ଼ିବ ଏବଂ ଏହାଦ୍ୱାରା ତାଙ୍କର ସମ୍ମାନ କ୍ଷୁର୍ଣ୍ଣ ହେବ" ଏବଂ କିଛି ବ୍ୟକ୍ତିଙ୍କ ଅସୁବିଧା ଏଡ଼ାଇବା ପାଇଁ ଏଫ୍‌ଆଇଆର୍ ପଞ୍ଜୀକରଣ ବାଧ୍ୟତାମୂଳକ ନୁହେଁ ବୋଲି ଏହି ନ୍ୟାୟାଳୟ ଅନୁମତି ଦେବା ଉଚିତ ନୁହେଁ । ଏହାର ପ୍ରତିକାର ହେଉଛି ପୋଲିସ ଦ୍ୱାରା କରାଯାଇଥିବା ମନମୁଖୀ ଗିରଫଦାରୀ ବିରୁଦ୍ଧରେ ଉପଲବ୍ଧ ସୁରକ୍ଷାକୁ କଡାକଡି ଭାବରେ କାର୍ଯ୍ୟକାରୀ କରିବା ଏବଂ ଯେତେବେଳେ ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବାର ପ୍ରକାଶ କରେ, ସେତେବେଳେ ପୋଲିସକୁ ଏଫ୍‌ଆଇଆର୍ ର ବାଧ୍ୟତାମୂଳକ ପଞ୍ଜୀକରଣକୁ ଏଡ଼ାଇବାକୁ ଅନୁମତି ନଦେବା ।

୧୦୧) ତଥ୍ୟରୁ ଏହା ମଧ୍ୟ ଜଣାପଡୁଛି ଯେ ଏକ ଧର୍ତ୍ତବ୍ୟ ଅପରାଧ ଘଟିବା ପୂର୍ବରୁ ମଧ୍ୟ ସେହି ଅପରାଧ ଘଟିବାକୁ ରୋକିବା ନିମିତ୍ତ, ଯଦି ଅନ୍ୟ କୌଣସି କାରଣରୁ ଏହାକୁ ରୋକାଯାଇ ପାରିବନାହିଁ, ଜଣେ ପୁଲିସ ଅଧିକାରୀଙ୍କୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ସଂହିତାର ଧାରା ୧୫୧ ଅନୁମତି ଦେଇଥାଏ । ଏଭଳି ସତର୍କତାମୂଳକ ଗିରଫଦାରୀ ୨୪ ଘଣ୍ଟା ପର୍ଯ୍ୟନ୍ତ ବୈଧ ରହିପାରିବ । ତେବେ, ମହାରାଷ୍ଟ୍ର ସରକାର ଧାରା ୧୫୧ ରେ ସଂଶୋଧନ କରି ଏପରି ଧର୍ତ୍ତବ୍ୟ ଅପରାଧ ଘଟିବା ପୂର୍ବରୁ ମଧ୍ୟ ସେହି ଅପରାଧ ଘଟିବାକୁ ରୋକିବା ନିମିତ୍ତ ଜଣେ ବ୍ୟକ୍ତିଙ୍କୁ ୩୦ ଦିନ ପର୍ଯ୍ୟନ୍ତ (ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଆଦେଶ ସହିତ) ଧରି ରଖିବାର ଅନୁମତି ପ୍ରଦାନ କରିଛନ୍ତି । ତେଣୁ, ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ଏବଂ

ଏଫ୍‌ଆଇଆର୍ ପଞ୍ଜୀକରଣ ସିଧାସଳଖ ଏବଂ/କିମ୍ବା ଅପରିବର୍ତ୍ତନୀୟ ଭାବେ ସଂଯୁକ୍ତ ନୁହେଁ ଏବଂ ସେଗୁଡିକ ସମ୍ପୂର୍ଣ୍ଣ ଭିନ୍ନ ଧାରଣା ଯାହା ସମ୍ପୂର୍ଣ୍ଣ ଭିନ୍ନ ପରିମାପକ ଅଧୀନରେ କାର୍ଯ୍ୟ କରେ | ଅନ୍ୟପକ୍ଷରେ, ଯଦି କୌଣସି ପୁଲିସ ଅଧିକାରୀ ତାଙ୍କ ଗିରଫଦାରୀ କ୍ଷମତାର ଅପବ୍ୟବହାର କରନ୍ତି, ତା'ହେଲେ ତାଙ୍କୁ ଧାରା ୧୬୬ ଅଧୀନରେ ବିଚାର କରାଯାଇ ଦଣ୍ଡିତ କରାଯାଇପାରିବ ।

୧୦୨) ଏହାବ୍ୟତୀତ, ଏହି ସଂହିତା ପୁଲିସକୁ ତଦନ୍ତ ପୂର୍ବରୁ ଏବଂ ପରେ ଉଭୟ ମାମଲାଗୁଡ଼ିକକୁ ବନ୍ଦ କରିବାର କ୍ଷମତା ପ୍ରଦାନ କରିଥାଏ । ଜଣେ ପୋଲିସ ଅଧିକାରୀ ଆଇନର ଧାରା ୧୫୭ ଅନୁଯାୟୀ ତଦନ୍ତ ପୂର୍ବରୁ ଏଫ୍‌ଆଇଆର୍ ବନ୍ଦ କରିପାରିବେ, ଯଦି ତାଙ୍କୁ ଜଣାପଡ଼େ ଯେ ଏହାର ତଦନ୍ତ ପାଇଁ ପର୍ଯ୍ୟାପ୍ତ ଆଧାର ନାହିଁ । ଏହି ଧାରା ନିଜେ ବ୍ୟକ୍ତ କରେ ଯେ ଜଣେ ପୋଲିସ ଅଧିକାରୀ ତଦନ୍ତ ଆରମ୍ଭ କରିପାରିବେ ଯେତେବେଳେ ତାଙ୍କ ପାଖରେ *'ଏକ ଅପରାଧ ଘଟିଥିବାର ସନ୍ଦେହ କରିବାର କାରଣ'* ଥାଏ । ତେଣୁ, ସଂହିତାର ଧାରା ୧୫୭ ଅନ୍ତର୍ଗତ ତଦନ୍ତ ଆରମ୍ଭ କରିବାର ଆବଶ୍ୟକତା ସଂହିତାର ଧାରା ୧୫୪ ଅନ୍ତର୍ଗତ ଆବଶ୍ୟକତା ଠାରୁ ଅଧିକ । କୌଣସି ନିର୍ଦ୍ଦିଷ୍ଟ ମାମଲାରେ ପୁଲିସ ଅଧିକାରୀ ମଧ୍ୟ ମାମଲାର ତଦନ୍ତ କରି ଏହାକୁ ବନ୍ଦ କରିବା ପାଇଁ ସଂହିତାର ଧାରା ୧୭୩ ଅନୁଯାୟୀ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିପାରିବେ । ତେଣୁ, ପୁଲିସ ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ସଂକ୍ରାନ୍ତରେ ସୂଚନା ପାଇବା ପରେ ବାଧ୍ୟତାମୂଳକ ଭାବେ ପଞ୍ଜୀକୃତ ହୋଇଥିବା ପ୍ରତ୍ୟେକ ଏଫ୍‌ଆଇଆରରେ ତଦନ୍ତ ଆରମ୍ଭ କରିବା ପାଇଁ ଉତ୍ତରଦାୟୀ ନୁହେଁ ।

୧୦୩) ସେହିପରି, ପୁଲିସକୁ ତଦନ୍ତକୁ ବନ୍ଦ କରିବା ଲାଗି କ୍ଷମତା ପ୍ରଦାନ କରିବା, ସଂହିତାର ଧାରା ୧୫୭ ମଧ୍ୟ ପୁଲିସ ଉପରେ ଏକ ନିୟନ୍ତ୍ରଣ ଭଳି କାର୍ଯ୍ୟ କରିଥାଏ ଯାହାକି ଏହା ସୁନିଶ୍ଚିତ କରିଥାଏ ଯେ ଏହା ଧର୍ତ୍ତବ୍ୟ ଅପରାଧର ତଦନ୍ତ କରିବାର ଦାୟିତ୍ୱ ନିର୍ବାହ କରୁଛି । ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୮୯୮ ଉପରେ ଭାରତୀୟ ବିଧି ଆୟୋଗଙ୍କ ୪୧ତମ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି, ଯାହା ନିମ୍ନରେ ଦିଆଯାଇଛି :

> "୧୪.୧........ ଯଦି ଅପରାଧ ଗମ୍ଭୀର ବୋଲି ଜଣାପଡ଼େ ନାହିଁ ଏବଂ ଯଦି ଷ୍ଟେସନ-ହାଉସ୍ ଅଧିକାରୀ ଭାବନ୍ତି ଯେ ତଦନ୍ତ ଆରମ୍ଭ କରିବା ପାଇଁ ପର୍ଯ୍ୟାପ୍ତ ଆଧାର ନାହିଁ, ତେବେ ତାଙ୍କୁ ଅନୁସନ୍ଧାନ କରିବାର ଆବଶ୍ୟକତା ନାହିଁ, କିନ୍ତୁ ଏଠାରେ ପୁନର୍ବାର, ତାଙ୍କୁ ମାଜିଷ୍ଟ୍ରେଟଙ୍କୁ ଏକ ରିପୋର୍ଟ ପଠାଇବାକୁ ପଡିବ ଯିଏ ପୋଲିସକୁ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇପାରିବେ, କିମ୍ବା ଯଦି ମାଜିଷ୍ଟ୍ରେଟ୍ ଉପଯୁକ୍ତ ମନେ କରନ୍ତି, ତେବେ ନିଜେ ତଦନ୍ତ କରିବେ |"

"୧୪.୨. ଉପରୋକ୍ତ ଯୋଜନାର ଏକ ଉଲ୍ଲେଖନୀୟ ବିଶେଷତ୍ୱ ହେଉଛି ଜଣେ ମାଜିଷ୍ଟ୍ରେଟଙ୍କୁ ପୁଲିସ ତଦନ୍ତର ସମସ୍ତ ପର୍ଯ୍ୟାୟରେ ଆଖି ଆଗରେ ରଖାଯାଇଥାଏ, କିନ୍ତୁ ସେ ପ୍ରକୃତ ତଦନ୍ତରେ ହସ୍ତକ୍ଷେପ କରିବା କିମ୍ବା ସେହି ତଦନ୍ତ କିପରି କରାଯିବ ସେ ସମ୍ପର୍କରେ ପୁଲିସକୁ ନିର୍ଦ୍ଦେଶ ଦେବା ଲାଗି ଅଧିକୃତ ହୋଇନଥାନ୍ତି" ।

ତେଣୁ, ସଂହିତାର ଯୋଜନା କେବଳ ପୁଲିସର ସମୟକୁ ମିଥ୍ୟା ଏବଂ ନିରର୍ଥକ ସୂଚନା ଉପରେ ନଷ୍ଟ କରିବା ଅନୁଚିତ ବୋଲି ସୁନିଶ୍ଚିତ କରିନଥାଏ, ବରଂ ପୁଲିସ ଜାଣିଶୁଣି ଧର୍ତ୍ତବ୍ୟ ଅପରାଧ ଅନୁସନ୍ଧାନ କରିବାରୁ ନିଜକୁ ଦୂରେଇ ରଖିବା ଅନୁଚିତ । ଫଳସ୍ୱରୂପ, ଏଫଆଇଆରର ବାଧ୍ୟତାମୂଳକ ପଞ୍ଜୀକୃତ ବ୍ୟବସ୍ଥାର ଅପବ୍ୟବହାର କରାଯିବାର ଆଶଙ୍କା ଭିତ୍ତିହୀନ ଏବଂ କଳ୍ପନାପ୍ରସୂତ ।

୧୦୪) ମହାରାଷ୍ଟ୍ର ସରକାରଙ୍କ ତରଫରୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ନାଫାଡେଙ୍କ ମତ ହେଉଛି ଯେ ଯେତେବେଳେ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଯାଏ, ସେତେବେଳେ ସେ ନା କେବଳ ନିଜର ପ୍ରତିଷ୍ଠା ହରାଇଥାଏ, ବରଂ ମାନସିକ ଚାପର ଶିକାର ହୋଇଥାଏ ଏବଂ ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତା ଗୁରୁତର ଭାବେ କ୍ଷୁର୍ଣ୍ଣ ହୋଇଥାଏ । ସେ ***ମାନେକା ଗାନ୍ଧୀ (ଉପରୋକ୍ତ)*** ଉପରେ ନିର୍ଭର କରିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ ଯେଉଁ ଆଇନ ଜଣେ ବ୍ୟକ୍ତିଙ୍କୁ ତାଙ୍କ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରିଥାଏ, ତାହା ଉଭୟ ମୌଳିକ ତଥା ପ୍ରକ୍ରିୟାଗତ ଦୃଷ୍ଟିକୋଣରୁ ଯୁକ୍ତିଯୁକ୍ତ ହେବା ଆବଶ୍ୟକ, ଯାହା ବର୍ତ୍ତମାନ ଆମ ସାମ୍ବିଧାନିକ ଆଇନରେ ଦୃଢ ଭାବରେ ପ୍ରତିଷ୍ଠିତ ହୋଇଛି । ତେଣୁ, ସେ ସଂହିତାର ଧାରା ୧୫୪ ଉପରେ ଏକ ନୂତନ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଥିଲେ, ଯାହା ଅନୁଚ୍ଛେଦ ୨୧ ର ଆଦେଶ ଅନୁରୂପ ସଂହିତାର ଧାରା ୧୫୪ କୁ ବ୍ୟାଖ୍ୟା କରେ |

୧୦୫) ଏହା ସତ୍ୟ ଯେ ସମାଜର ସ୍ୱାର୍ଥ ଏବଂ ଜଣେ ବ୍ୟକ୍ତିର ସ୍ୱାଧୀନତାର ସୁରକ୍ଷା ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳନ ବଜାୟ ରଖିବାକୁ ପଡ଼ିବ । ଉପରେ ଆଲୋଚନା କରାଯାଇଥିବା ପରି, ସଂହିତାରେ ପୂର୍ବରୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଇଛି ଯାହା ମିଥ୍ୟା ଏଫ୍‌ଆଇଆର୍ ପଞ୍ଜୀକରଣ କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କ ସ୍ୱାଧୀନତାକୁ ଯଥାଯଥ ଭାବରେ ସୁରକ୍ଷା ଦେଇଥାଏ । ଏଥି ସହିତ, ପୀଡିତ ଏବଂ ସମାଜର ସ୍ୱାର୍ଥକୁ ଧ୍ୟାନରେ ରଖି ଧାରା ୧୫୪ ର ଚିଠା ପ୍ରସ୍ତୁତ କରାଯାଇଥିଲା । ତେଣୁ, ଆମର ଦୃଢ଼ ମତ ରହିଛି ଯେ ସଂହିତାର ଧାରା ୧୫୪ ଅନୁଯାୟୀ ଏଫ୍‌ଆଇଆରର ବାଧ୍ୟତାମୂଳକ ପଞ୍ଜୀକରଣ ସମ୍ବିଧାନର ଧାରା ୨୧ର ଉଲ୍ଲଙ୍ଘନ କରିବ ନାହିଁ ଯାହାକି ବିଭିନ୍ନ ଓକିଲଙ୍କ ଦ୍ୱାରା ଅଭିପ୍ରେତ ।

**ବ୍ୟତିକ୍ରମ:**

୧୦୬) ଯଦିଓ, ଆମେ ସ୍ପଷ୍ଟ ଭାବେ କହିପାରିବା ଯେ ଆଇନର ଧାରା ୧୫୪ ସମସ୍ତ ଧର୍ତ୍ତବ୍ୟ ଅପରାଧ ପ୍ରାପ୍ତ ହେବା ପରେ ଏଫ୍‌ଆଇଆର୍ ର ବାଧ୍ୟତାମୂଳକ ପଞ୍ଜୀକରଣକୁ ସ୍ୱୀକାର କରିଥାଏ, ତଥାପି, ଏପରି ଉଦାହରଣ ଥାଇପାରେ ଯେଉଁଠାରେ ଅତିବାହିତ ସମୟ ସହିତ ଅପରାଧର ଉତ୍ପତ୍ତି ଏବଂ ଅଭିନବତ୍ୱରେ ପରିବର୍ତ୍ତନ ହେତୁ ପ୍ରାଥମିକ ତଦନ୍ତ ଆବଶ୍ୟକ ହୋଇପାରେ । ଡାକ୍ତରଙ୍କ ଚିକିତ୍ସା ଅବହେଳା ସମ୍ବନ୍ଧୀୟ ଅଭିଯୋଗରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି । ଅଭିଯୋଗରେ ଆପତ୍ତି ଆଧାରରେ ଜଣେ ଡାକ୍ତରୀ ପେସାଦାରଙ୍କ ବିରୋଧରେ ମାମଲା ରୁଜୁ କରିବା ଅନୁଚିତ ଏବଂ ନ୍ୟାୟସଙ୍ଗତ ନୁହେଁ ।

୧୦୭) ଚିକିତ୍ସା ଅବହେଳା ମାମଲାରେ, ***ଜାକବ ମାଥ୍ୟୁ (ଉପରୋକ୍ତ)***ରେ ଏହି ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଭାବେ ଏହା କୁହାଯାଇଛି:

> "**୫୧.** ଏପରି କହିବା ପାଇଁ ଭ୍ରାନ୍ତ ଧାରଣା ହେବନାହିଁ ଯେ ଡାକ୍ତରମାନେ ଏପରି ଏକ ଅପରାଧ ପାଇଁ ଦଣ୍ଡ ପାଇପାରିବେ ନାହିଁ, ଯେଉଁଥିରେ ଅସାବଧାନତା କିମ୍ବା ଅବହେଳା ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଆମେ କେବଳ ସମାଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯତ୍ନ ଏବଂ ସତର୍କତା ଉପରେ ଗୁରୁତ୍ୱ ଦେଉଛୁ, କାରଣ ଚିକିତ୍ସା ପେଶା ମଣିଷକୁ ଯେଉଁ ସେବା ପ୍ରଦାନ କରିଥାଏ ତାହା ସମ୍ଭବତଃ ସମସ୍ତଙ୍କ ଠାରୁ ଶ୍ରେଷ୍ଠ ଏବଂ ସେଥିପାଇଁ ଡାକ୍ତରମାନଙ୍କୁ ନିରର୍ଥକ କିମ୍ବା ଅନ୍ୟାୟପୂର୍ଣ୍ଣ ଅଭିଯୋଗରୁ ରକ୍ଷା କରିବାର ଆବଶ୍ୟକତା ରହିଛି । ଅନେକ ଅଭିଯୋଗକାରୀ ଅହେତୁକ କିମ୍ବା ଅନ୍ୟାୟପୂର୍ଣ୍ଣ କ୍ଷତିପୂରଣ ପାଇବା ପାଇଁ ଚିକିତ୍ସା ପେସାଦାରଙ୍କ ଉପରେ ଚାପ ପକାଇବାକୁ ଅପରାଧିକ ପ୍ରକ୍ରିୟା ଭଳି ପନ୍ଥା ଅବଲମ୍ବନ କରିଥାନ୍ତି । ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ କାର୍ଯ୍ୟକଳାପକୁ ରୋକିବା ଆବଶ୍ୟକ ।
>
> **୫୨.** ଭାରତୀୟ ଭେଷଜ ବିଜ୍ଞାନ ପରିଷଦ ସହ ପରାମର୍ଶ କରି ଭାରତ ସରକାର ଏବଂ/ଅଥବା ରାଜ୍ୟ ସରକାରଙ୍କ ଦ୍ୱାରା କେତେକ ନିର୍ଦ୍ଦେଶାବଳୀକୁ ସାମିଲ କରି ବୈଧାନିକ ନିୟମ କିମ୍ବା କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ଏବଂ ଜାରି କରିବାର ଆବଶ୍ୟକତା ରହିଛି । ଯେଉଁ ପର୍ଯ୍ୟନ୍ତ ଏହା କରାଯାଇନାହିଁ, ଆମେ ଭବିଷ୍ୟତ ପାଇଁ କେତେକ ନିର୍ଦ୍ଦେଶାବଳୀ ନିର୍ଦ୍ଧାରଣ କରିବା ଲାଗି ପ୍ରସ୍ତାବ ଦେଉଛୁ ଯାହା ଡାକ୍ତରମାନଙ୍କ ବିରୋଧରେ ଅପରାଧ ପାଇଁ, ଯେଉଁଥିରେ ଅପରାଧିକ ଅସାବଧାନତା କିମ୍ବା ଅପରାଧିକ ଅବହେଳା ଏକ ଉପାଦାନ, ଆଇନଗତ କାର୍ଯ୍ୟାନୁଷ୍ଠାନର ପରିଚାଳନା କରିବ । ଅଭିଯୁକ୍ତ ଡାକ୍ତରଙ୍କ ପକ୍ଷରେ ତରବରିଆ କିମ୍ବା ଅବହେଳା ଅଭିଯୋଗକୁ ସମର୍ଥନ କରି ଅନ୍ୟ ଜଣେ ଦକ୍ଷ ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ବିଶ୍ୱାସନୀୟ ମତାମତକୁ ଅଦାଲତରେ ପ୍ରଥମ ଦୃଷ୍ଟିଗତ ପ୍ରମାଣ ରୂପେ ଅଭିଯୋଗକାରୀ ଉପସ୍ଥାପନ ନକରିବା ପର୍ଯ୍ୟନ୍ତ ତାହାକୁ ଏକ ବ୍ୟକ୍ତିଗତ ଅଭିଯୋଗ ଭାବେ ଗ୍ରହଣ କରାଯାଇ ନପାରେ । ତରବରିଆ, ଅବହେଳା

କାର୍ଯ୍ୟ କିମ୍ବା ଭୁଲ ପାଇଁ ଅଭିଯୁକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ତଦନ୍ତକାରୀ ଅଧିକାରୀ ସରକାରୀ ସେବାରେ ଥିବା ଡାକ୍ତରଙ୍କ ଠାରୁ ଏକ ସ୍ୱାଧୀନ ଏବଂ ଯୋଗ୍ୟ ଡାକ୍ତରୀ ମତ ହାସଲ କରିବା ଉଚିତ, ଯେଉଁମାନେ କି ଚିକିତ୍ସା ଅଭ୍ୟାସର ସେହି ଶାଖାରେ ଦକ୍ଷ, ଯିଏ ସାଧାରଣତଃ ତଦନ୍ତରେ ସଂଗୃହୀତ ତଥ୍ୟ ଉପରେ ବୋଲମ ପରୀକ୍ଷଣ ପ୍ରୟୋଗ କରି ଏକ ନିରପେକ୍ଷ ଏବଂ ନିଷ୍ପକ୍ଷ ମତ ପ୍ରଦାନ କରିବେ ବୋଲି ଆଶା କରାଯାଏ । ଅସାବଧାନତା କିମ୍ବା ଅବହେଳା ଅଭିଯୋଗରେ ଜଣେ ଡାକ୍ତରଙ୍କୁ ନିୟମିତ ଢଙ୍ଗରେ ଗିରଫ କରାଯାଇ ନପାରେ (କେବଳ ତାଙ୍କ ବିରୋଧରେ ଅଭିଯୋଗ ଆସିବା କାରଣରୁ)। ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ କିମ୍ବା ପ୍ରମାଣ ସଂଗ୍ରହ କରିବା ପାଇଁ ତାଙ୍କର ଗିରଫଦାରୀ, ଆବଶ୍ୟକ ନହେଲେ, କିମ୍ବା ତଦନ୍ତକାରୀ ଅଧିକାରୀ ଯଦି ସନ୍ତୁଷ୍ଟ ନହୁଅନ୍ତି, ଯେ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ସେ ଅଭିଯୋଗର ସମ୍ମୁଖୀନ ହେବା ପାଇଁ ନିଜକୁ ଉପଲବ୍ଧ କରିପାରିବେ ନାହିଁ, ତେବେ ଗିରଫଦାରୀକୁ ରୋକାଯାଇ ପାରିବ ।"

୧୦୮) ଦୁର୍ନୀତି ସମ୍ବନ୍ଧୀୟ ଅପରାଧ ପରିପ୍ରେକ୍ଷୀରେ, ଏହି ନ୍ୟାୟାଳୟ ***ପି. ସିରାଜୁଦ୍ଦିନ୍ (ଉପରୋକ୍ତ)*** ଙ୍କ ମାମଲାରେ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ପ୍ରାରମ୍ଭିକ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଛନ୍ତି ।

୧୦୯) ସେହିପରି, ***ତପନ କୁମାର ସିଂହ (ଉପରୋକ୍ତ)*** ମାମଲାରେ, ଏହି କୋର୍ଟ ଏଫ୍ଆଇଆର୍ ପଞ୍ଜୀକରଣ ପୂର୍ବରୁ ଏକ ପ୍ରାଥମିକ ତଦନ୍ତକୁ କେବଳ ଏହି ଆଧାରରେ ବୈଧ କରିଛନ୍ତି ଯେ ପ୍ରଥମ ସୂଚନା ପାଇବା ସମୟରେ, ଏହା ଏକ ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରେ ନାହିଁ।

୧୧୦) ତେଣୁ, ପଞ୍ଜୀକରଣ କିମ୍ବା ଅଣ-ପଞ୍ଜୀକରଣ ସମ୍ବନ୍ଧୀୟ ବିଭିନ୍ନ ପାଲଟା ଦାବିକୁ ଦୃଷ୍ଟିରେ ରଖି, ଯାହା ଆବଶ୍ୟକ ତାହା ହେଉଛି କେବଳ ପୋଲିସକୁ ଦିଆଯାଇଥିବା ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବାର ପ୍ରକାଶ କରିବା ଆବଶ୍ୟକ । ଏଭଳି ସ୍ଥିତିରେ ଏକ ଏଫ୍ଆଇଆର୍ ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ । ତଥାପି, ପ୍ରଦାନ କରାଯାଇଥିବା ସୂଚନାରେ ଯଦି କୌଣସି ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରାଯାଇନଥାଏ, ତେବେ ଏଫ୍ଆଇଆରର ତୁରନ୍ତ ପଞ୍ଜୀକରଣର ଆବଶ୍ୟକତା ନାହିଁ ଏବଂ ସମ୍ଭବତଃ କୌଣସି ଧର୍ତ୍ତବ୍ୟ ଅପରାଧ ହୋଇଛି କି ନାହିଁ ତାହା ନିଶ୍ଚିତ କରିବା ଲାଗି ପୁଲିସ ପ୍ରାରମ୍ଭିକ ଯାଞ୍ଚ କିମ୍ବା ତଦନ୍ତ କରିପାରିବେ । କିନ୍ତୁ, ଦିଆଯାଇଥିବା ସୂଚନାରେ ଯଦି କୌଣସି ଧର୍ତ୍ତବ୍ୟ ଅପରାଧ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଏ, ତା'ହେଲେ ତୁରନ୍ତ ଏଫଆଇଆର ରୁଜୁ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ଏଫ୍ଇଆର୍ ପଞ୍ଜୀକରଣ ପର୍ଯ୍ୟାୟରେ ଅନ୍ୟ ବିଚାରଗୁଡ଼ିକ ପ୍ରାସଙ୍ଗିକ ନୁହେଁ, ଯେପରିକି,

ସୂଚନାଟି ମିଥ୍ୟା ଭାବରେ ଦିଆଯାଇଛି କି, ସୂଚନା ସତ୍ୟ କି ନୁହେଁ, ସୂଚନା ବିଶ୍ୱାସଯୋଗ୍ୟ କି ନୁହେଁ ଇତ୍ୟାଦି । ଏଗୁଡ଼ିକ ହେଉଛି ସେହି ପ୍ରସଙ୍ଗ ଯାହା ଏଫ୍‌ଆଇଆର୍ ର ତଦନ୍ତ ସମୟରେ ଯାଞ୍ଚ କରିବାକୁ ପଡ଼ିବ । ଏଫ୍‌ଆଇଆର୍ ପଞ୍ଜୀକରଣ ପର୍ଯ୍ୟାୟରେ ଯାହା ଦେଖିବାକୁ ହେବ ତାହା କେବଳ ଏହା ଯେ ପ୍ରଦତ୍ତ ସୂଚନା ଏକ  ଧର୍ତ୍ତବ୍ୟ ଅପରାଧ ଘଟିଥିବା ପ୍ରକାଶ କରୁଛି କି ନାହିଁ । ଯଦି ତଦନ୍ତ ପରେ ଦିଆଯାଇଥିବା ସୂଚନା ମିଥ୍ୟା ସାବ୍ୟସ୍ତ ହୁଏ, ତେବେ ଅଭିଯୋଗକାରୀଙ୍କ ବିରୋଧରେ ମିଥ୍ୟା ଏଫଆଇଆର ଦାଏର କରିଥିବା ଯୋଗୁଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିକଳ୍ପ ରହିଛି ।

**ଉପସଂହାର/ନିର୍ଦ୍ଦେଶ:**

୧୧୧) ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି ଆମେ ମତ ରଖୁ:

(୧) ଯଦି କୌଣସି ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ଘଟିଥିବା ଦର୍ଶାଇଥାଏ ତେବେ ସଂହିତାର ଧାରା ୧୫୪ ଅଧୀନରେ ଏଫଆଇଆର ପଞ୍ଜୀକରଣ ବାଧ୍ୟତାମୂଳକ ଏବଂ ଏପରି ସ୍ଥିତିରେ କୌଣସି ପ୍ରାରମ୍ଭିକ ତଦନ୍ତକୁ ଅନୁମତି ଦିଆଯାଇ ନଥାଏ ।

(୨) ଯଦି ମିଳିଥିବା ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ସମ୍ବନ୍ଧରେ ସୂଚନା ପ୍ରଦାନ କରିନଥାଏ, କିନ୍ତୁ ଏକ ତଦନ୍ତର ଆବଶ୍ୟକତାକୁ ଦର୍ଶାଇଥାଏ, ତେବେ ଧର୍ତ୍ତବ୍ୟ ଅପରାଧ ପ୍ରକାଶ ପାଇଛି କି ନାହିଁ କେବଳ ଏହା ସୁନିଶ୍ଚିତ କରିବା ପାଇଁ ପ୍ରାରମ୍ଭିକ ଯାଞ୍ଚ କରାଯାଇପାରିବ ।

(୩) ଯଦି ତଦନ୍ତରେ କୌଣସି ଧର୍ତ୍ତବ୍ୟ ଅପରାଧ ହୋଇଥିବା ଜଣାପଡ଼ିଥାଏ, ତେବେ ଏଫଆଇଆର ରୁଜୁ କରାଯିବା ଆବଶ୍ୟକ । ଯେଉଁ ମାମଲାରେ ପ୍ରାରମ୍ଭିକ ତଦନ୍ତ ଶେଷ ହେବା ପରେ ଅଭିଯୋଗ ବନ୍ଦ ହୋଇଯାଏ, ସେସବୁ ମାମଲାରେ ଏଭଳି ପରିସମାପ୍ତି ପ୍ରବିଷ୍ଟିର ଏକ ପ୍ରତିଲିପି ପ୍ରଥମ ସୂଚନା ପ୍ରଦାନକାରୀଙ୍କ ନିକଟକୁ ତୁରନ୍ତ ଯୋଗାଇ ଦିଆଯିବା ଉଚିତ ଏବଂ ଏହା ଏକ ସପ୍ତାହ ପରେ ହୋଇପାରିବ ନାହିଁ ।ଏହା ନିଶ୍ଚିତ ଭାବେ ଅଭିଯୋଗକୁ ବନ୍ଦ କରିବା ଏବଂ ଆଗକୁ ନବଢ଼ିବାର କାରଣ ଦର୍ଶାଇବା ଉଚିତ ।

(୪) ଯଦି ଧର୍ତ୍ତବ୍ୟ ଅପରାଧ ସାମ୍ନାକୁ ଆସିଥାଏ, ତା'ହେଲେ ପୁଲିସ ଅଧିକାରୀ ଅପରାଧ ପଞ୍ଜୀକରଣ କରିବାର ତାଙ୍କର କର୍ତ୍ତବ୍ୟକୁ ଏଡ଼ାଇ ପାରିବେ ନାହିଁ । ଯଦି ତାଙ୍କ ଦ୍ୱାରା ଗ୍ରହଣ ହୋଇଥିବା ସୂଚନା ଏକ ଧର୍ତ୍ତବ୍ୟ ଅପରାଧ ପ୍ରକାଶ କରୁଥାଏ, ତେବେ ଏଫଆଇଆର୍ ପଞ୍ଜୀକରଣ କରୁନଥିବା ଏପରି ତ୍ରୁଟିଯୁକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ।

(୫) ପ୍ରାରମ୍ଭିକ ଅନୁସନ୍ଧାନର ଉଦ୍ଦେଶ୍ୟ ପ୍ରାପ୍ତ ସୂଚନାର ସତ୍ୟତା କିମ୍ବା ଅନ୍ୟଥା ଯାଞ୍ଚ କରିବା ନୁହେଁ ବରଂ ଏହା ସୁନିଶ୍ଚିତ କରିବାକୁ ଯେ ଏହି ସୂଚନା କୌଣସି ଧର୍ତ୍ତବ୍ୟ ଅପରାଧ ସମ୍ପର୍କରେ ସୂଚନା ପ୍ରଦାନ କରୁଛି କି ନାହିଁ ।

(୬) କେଉଁ ପ୍ରକାରର ଏବଂ କେଉଁ ମାମଲାରେ ପ୍ରାରମ୍ଭିକ ତଦନ୍ତ କରାଯିବ ତାହା ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ନିର୍ଭର କରିବ । ଯେଉଁ ମାମଲାରେ ପ୍ରାରମ୍ଭିକ ତଦନ୍ତ କରାଯାଇପାରେ ନିମ୍ନରେ ଦିଆଗଲା:

(କ) ବୈବାହିକ ବିବାଦ/ପାରିବାରିକ ବିବାଦ

(ଖ) ବ୍ୟବସାୟିକ ଅପରାଧ

(ଗ) ଡାକ୍ତରୀ ଅବହେଳା ମାମଲା

(ଘ) ଦୁର୍ନୀତି ମାମଲା

(ଙ)ଯେଉଁ ମାମଲାଗୁଡ଼ିକରେ ଫୌଜଦାରୀ ମକଦ୍ଦମା ଆରମ୍ଭ କରିବାରେ ଅସ୍ୱାଭାବିକ ବିଳମ୍ବ/ଅବହେଳା ହୋଇଥାଏ, ଉଦାହରଣ ସ୍ୱରୂପ, ବିଳମ୍ବ ହେବାର କାରଣ ସନ୍ତୋଷଜନକ ଭାବେ ବ୍ୟାଖ୍ୟା ନକରି ମାମଲା ରିପୋର୍ଟ କରିବାରେ ୩ ମାସରୁ ଅଧିକ ବିଳମ୍ବ ହୋଇଥାଏ ।

ଉପରୋକ୍ତ କେବଳ ଉଦାହରଣ ମାତ୍ର ଏବଂ ପ୍ରାଥମିକ ତଦନ୍ତ ଆବଶ୍ୟକ କରୁଥିବା ସମସ୍ତ ସର୍ତ୍ତର ସମ୍ପୂର୍ଣ୍ଣ ନୁହେଁ ।

(୭) ଅଭିଯୁକ୍ତ ଏବଂ ଅଭିଯୋଗକାରୀଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଏବଂ ସୁରକ୍ଷା ପ୍ରଦାନ କରିବା ସମୟରେ ଏକ ପ୍ରାରମ୍ଭିକ ତଦନ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ କରାଯିବା ଉଚିତ ଏବଂ କୌଣସି ପରିସ୍ଥିତିରେ ଏହା ୭ ଦିନରୁ ଅଧିକ ହେବା ଉଚିତ ନୁହେଁ । ଏଭଳି ବିଳମ୍ବର ସତ୍ୟତା ଏବଂ ଏହାର କାରଣ ସାଧାରଣ ଡାଏରୀରେ ଦର୍ଶାଯିବା ଉଚିତ ।

(୮) ଯେହେତୁ ସାଧାରଣ ଡାଏରୀ/ଷ୍ଟେସନ ଡାଏରୀ/ଦୈନିକ ଡାଏରୀ ଥାନାରେ ପ୍ରାପ୍ତ ସମସ୍ତ ସୂଚନାର ନଥି ଅଟେ, ତେଣୁ ଆମେ ନିର୍ଦ୍ଦେଶ ଦେଉଛୁ ଯେ ଏଫ୍ଆଇଆର୍ ପଞ୍ଜୀକରଣ ହେଉ କିମ୍ବା ତଦନ୍ତ ହେଉ, ସଂପୃକ୍ତ ଡାଏରୀରେ ଧର୍ତ୍ତବ୍ୟ ଅପରାଧ ସମ୍ବନ୍ଧରେ ବାଧ୍ୟତାମୂଳକ ଭାବେ ଏବଂ ସତର୍କତାର ସହ ସୂଚନା ଦିଆଯିବା ଆବଶ୍ୟକ ଏବଂ ଉପରେ ଦର୍ଶାଯାଇଥିବା ପରି ପ୍ରାରମ୍ଭିକ ଯାଞ୍ଚ କରିବାର ନିର୍ଣ୍ଣୟ ମଧ୍ୟ ପ୍ରତିଫଳିତ ହେବା ଆବଶ୍ୟକ ।

୧୧୨) ଉପରୋକ୍ତ ନିର୍ଦ୍ଦେଶ ସହିତ, ଆମେ ଆମ ସମ୍ମୁଖରେ ରଖାଯାଇଥିବା ସନ୍ଦର୍ଭକୁ ଫଇସଲା କରୁଛୁ । ଯୋଗ୍ୟତା ଆଧାରରେ ଫଇସଲା ପାଇଁ ଉପଯୁକ୍ତ ଖଣ୍ଡପୀଠ ସମ୍ମୁଖରେ ସମସ୍ତ ମାମଲା ତାଲିକାଭୁକ୍ତ କରନ୍ତୁ ।

କଳ୍ପନା କେ. ତ୍ରିପାଠୀ

ପ୍ରେରିତ ମାମଲା ବିଚାର କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**ଭାଷାନ୍ତର :**

ସୁବୋଧ ରାଉତ,

ଅନୁବାଦକ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।